

'ଧୁରନ୍ଧର'ର ସୁଟିଂ ସାରିଲେ ରଣବୀର

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-116 ◆THURSDAY ◆23 OCTOBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୧୬ ◆ଗୁରୁବାର ◆୨୩ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## କେରଳ ହେଲିପ୍ୟାଡ୍‌ରେ ଫସିଲା ରାଷ୍ଟ୍ରପତିଙ୍କ ହେଲିକପ୍ଟର



■ **ଥିରୁଅନନ୍ତପୁରମ, ୨୨।୧୦ (ଏଜେନ୍ସି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କେରଳ ଗସ୍ତ ବେଳେ ତାଙ୍କର ହେଲିକପ୍ଟର ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛି । ସବରିମାଲା ମନ୍ଦିର ଦର୍ଶନ ପାଇଁ ଯାଇଥିବା ରାଷ୍ଟ୍ରପତିଙ୍କ ହେଲିପକଟର ଏକ ନବନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଆଜି ଅବତରଣ କରୁଥିବା ବେଳେ ଫସିଯାଇଥିଲା । ଅବଶ୍ୟ ଏହି ଘଟଣାରେ ସେଭଳି କିଛି ବଡ଼ ଧରଣର କ୍ଷତି ହୋଇନାହିଁ ଓ ରାଷ୍ଟ୍ରପତି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଅଛନ୍ତି । ସେଠାରେ ଅବତରଣ କରିବା ପରେ ରାଷ୍ଟ୍ରପତି ସଡ଼କ ମାର୍ଗରେ ସବରିମାଲା ମନ୍ଦିର ଯାଇ ଦର୍ଶନ କରିଥିଲେ ।

କେରଳର ପ୍ରମାଦାମ୍ସ୍ଥିତ ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ବୁଧବାର ସକାଳେ ଏହି ଘଟଣା ଘଟିଥିଲା । ତରବରିଆ ଭାବେ ହେଲିପ୍ୟାଡ ତିଆରି କରାଯାଇଥିଲା । କଙ୍କ୍ରିଟ ସଂପୂର୍ଣ୍ଣ ଭାବେ ଜମି ନଥିଲା ଓ ଟାଣ ହୋଇ ନଥିଲା । ତେଣୁ ହେଲିକପ୍ଟର ଓହ୍ଲାଇଲା ବେଳେ ଏହାର ଓଜନକୁ ସମ୍ଭାଳିପାରି ନଥିଲା । ଫଳରେ ହେଲିକପ୍ଟର ଗୋଟିଏ ପଟକୁ ଧସିଯାଇଥିଲା । ହେଲିକପ୍ଟରର ଭୂମିକୁ ଛୁଇଁବା ପରେ ଚକ କଙ୍କ୍ରିଟ୍‌ଭିତରେ ଫସି ରହିଥିଲା । ସେଠାର ଉପସ୍ଥିତ ପୁଲିସ ଓ ଅଗ୍ନିସମ କର୍ମଚାରୀମାନେ ଭାରତ ବାୟୁସେନାର ଏହି ଏମ୍‌ଆଇ-୧୭ ହେଲିକପ୍ଟରକୁ ▶ପୃଷ୍ଠା-୭

## 'ଲିଭ୍-ଇନ୍'ରେ ଥିବା ଓଡ଼ିଆ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ



■ **ବେଙ୍ଗାଲୁରୁ, ୨୨।୧୦ (ଏଜେନ୍ସି):** ବେଙ୍ଗାଲୁରୁର ଜିଗାନି ଅଞ୍ଚଳରେ ଲିଭ୍ ଇନ୍‌ରେ ରହୁଥିବା ଓଡ଼ିଆ ଦଂପତିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି । ଦୁଇ ତିନି ଦିନ ତଳେ ସେମାନଙ୍କର ମୃତ୍ୟୁ ହୋଇଥିବା ବେଳେ ଗତ ସୋମବାର ସେମାନଙ୍କର ମୃତଦେହ ଉଦ୍ଧାର କରାଯାଇଛି । ସେମାନେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି । ଏହି ଯୋଡି ହେଉଛନ୍ତି ଓଡ଼ିଶାର ୨୫ ବର୍ଷୀୟା ସୀମା ନାୟକ ଓ ୨୩ ବର୍ଷୀୟ ରାକେଶ ନାୟକ । ରାକେଶ ଏକ ସିକ୍ୟୁରିଟି ସର୍ଭିସ୍ ଫାର୍ମରେ କାମ କରନ୍ତି । ସେହିପରି ସୀମା ସୁପର ମାର୍କେଟ ଅଞ୍ଚଳରେ ଚାକିରି କରୁଥିଲେ ।

ଦୁଇଦିନ ପୂର୍ବରୁ ଦୁହେଁ ମୃତ୍ୟୁବରଣ କରିଥିଲେ ମଧ୍ୟ ସୋମବରେ ଏହି ଘଟଣା ସମ୍ନାକୁ ଆସିଥିଲା । ବନ୍ଦ ଘରୁ କୌଣସି ଚଳପ୍ରଚଳ ନହେବା ସହ ଦୁର୍ଗନ୍ଧ ହେବା କାରଣରୁ ପଡୋଶୀ ପୁଲିସକୁ ସୂଚନା ଦେଇଥିଲେ । ରାକେଶ ନିୟମିତ ମଦ୍ୟପାନ କରୁଥିବା ବେଳେ ଦୁହିଁଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ହେଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଝଗଡ଼ା ପରେ ରାକେଶ ଆତ୍ମହତ୍ୟା କରିଥିଲେ ଓ ପରେ ସୀମା ମଧ୍ୟ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ▶ପୃଷ୍ଠା-୭

## ପୁଲିସ ଏସ୍‌ଆଇ ନିଯୁକ୍ତି ଦୁର୍ନୀତି

# ତଦନ୍ତ କରିବ ସିବିଆଇ

### ସୁପାରିସ କଲେ ମୁଖ୍ୟମନ୍ତ୍ରୀ

### ଆନ୍ତଃରାଜ୍ୟ ଅପରାଧୀ ସଂଗଠନଙ୍କ ସଂପୃକ୍ତିର ଖୋଲିବ ରହସ୍ୟ

■ **ଭୁବନେଶ୍ୱର,୨୨।୧୦(ସମିସ):** ବହୁ ଚର୍ଚ୍ଚିତ ପୁଲିସ ସବ୍ ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷା ଦୁର୍ନୀତି ଘଟଣାରେ ସିବିଆଇ ତଦନ୍ତ ହେବ । ଏହି ମାମଲାର ତଦନ୍ତ ଭାର ସିବିଆଇକୁ ଅର୍ପଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି । ବର୍ତ୍ତମାନ ଏହି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି । ଏହି ତଦନ୍ତରୁ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପି ଥିବାର ସୁରାକ ମିଳିଛି । ଏହା ସହିତ ଏହି ଦୁର୍ନୀତିରେ ଆନ୍ତ-ରାଜ୍ୟ ସଂଗଠିତ ଅପରାଧୀ ଗ୍ୟାଙ୍ଗର ସଂପୃକ୍ତି ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି । ଏସବୁକୁ ଦୃଷ୍ଟିରେ ରଖି, ଏହି ଦୁର୍ନୀତିର ସଂପୂର୍ଣ୍ଣ ଖୁଲାସା କରିବା ପାଇଁ ଏବଂ ଏଥିରେ ସଂପୃକ୍ତ ସମସ୍ତ ଅପରାଧୀ ମାନଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସିବିଆଇକୁ ହସ୍ତାନ୍ତର କରିବା ପାଇଁ ନିର୍ଣ୍ଣୟ ନେଇଛନ୍ତି ।

ଏହି ହାଇପ୍ରୋଫାଇଲ୍ ଘଟଣାରେ ପ୍ରଥମେ ଏସ୍‌ଆଇ ଲିଖିତ ପରୀକ୍ଷା ଉତ୍ତର ଘୋଷିବା ପାଇଁ ଯାଉଥିବା ୧୧୪ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ଆନ୍ଧ୍ରରୁ ଗିରଫ କରାଯାଇଥିଲା । ଏହା ପରେ ଧୀରେ ଧୀରେ ଏହି ନିଯୁକ୍ତି କେଳେଙ୍କାରୀକୁ ନେଇ ନୂଆ ନୂଆ ତଥ୍ୟ ସାମନାକୁ ଆସିଥିଲା । ଟଙ୍କା ବଦଳରେ କିପରି ଚାକିରି ପକ୍କା ହେଉଥିଲା, ତାହା ସାମନାକୁ ଆସିବା ପରେ ସାରା ରାଜ୍ୟରେ ସରକାରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି ହୋଇଥିଲେ । ଏହା ବ୍ୟତୀତ ପରୀକ୍ଷା ପରିଚାଳନା ସମ୍ପୃକ୍ତ ଥିବା ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟି ଏଯାଏଁ ଫେରାର ରହିଥିବାରୁ ବିଭିନ୍ନ ରାଜନୈତିକ ଦଳ ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି । ଏହା ପୂର୍ବରୁ ହୋଇଥିବା ଅନେକ ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଥିଲେ ହେଁ, ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ଏସବୁକୁ ଟପିଯାଇଛି । ଯେଉଁଥିପାଇଁ ୧୬ ମାସରର ସରକାରଙ୍କ ଛବି ଉପରେ ଏକ ବଡ଼ ସନ୍ଦେହ ସୃଷ୍ଟି ହୋଇଛି । ଏହି ଦୁର୍ନୀତିରେ ଅନେକ ବଡ଼ ବଡ଼ ଲୋକଙ୍କ ସମ୍ପୃକ୍ତି ନେଇ ଉଠିଥିବା ଅଭିଯୋଗ, ଆରମ୍ଭରୁ ନିଯୁକ୍ତି ଚୟନ ଦାୟିତ୍ୱ ନେଇଥିବା ଓପିଆର୍‌ବିର ଭୂମିକାକୁ ନେଇ ସନ୍ଦେହ, ଓପିଆର୍‌ବିଠାରୁ ଆଇଟିଆଇ ଲିମିଟେଡ୍ ପରୀକ୍ଷା କରିବା ପାଇଁ ଟେଣ୍ଡର ପାଇଥିବା ବେଳେ ଏହି ସଂସ୍ଥା ଅନ୍ୟ ଏକ ସଂସ୍ଥା ସିଲକନ ପ୍ରାଇଭେଟ୍ ଲିମିଟେଡ୍‌କୁ ପରୀକ୍ଷା ପରିଚାଳନା ପାଇଁ କିପରି ଠିକା ଦେଇଥିଲା, ପୁଣି ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍ ଏହି କାମ ପାଇଁ ପଞ୍ଚସଫ୍ଟକୁ ନିଯୁକ୍ତ କରିଥିବା ଆଦି ପ୍ରସଙ୍ଗ ସାଧାରଣରେ ନିଯୁକ୍ତି ପରୀକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଏସବୁ ପରିପ୍ରେକ୍ଷୀରେ ରାଜ୍ୟ ପୁଲିସର ତଦନ୍ତ ଦ୍ୱାରା ଖୁଲାସା ହୋଇପାରିବ ନାହିଁ ବୋଲି ଅଭିଯୋଗ ହୋଇ ଆସୁଥିଲା । ▶ପୃଷ୍ଠା-୭


### ଶଙ୍କର ଓ ପତ୍ନୀଙ୍କ ଆଗୁଆ ଜାମିନ ଖାରଜ

■ **କଟକ,୨୨।୧୦(ସମିସ):** ବହୁଚର୍ଚ୍ଚିତ ଓଡିଶା ପୁଲିସ ଏସଆଇ (ସବ୍‌ଇନ୍ସପେକ୍ଟର) ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାକୁ ନେଇ ଏବେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଏହି କଳେଙ୍କାରୀର ମାଷ୍ଟରମାଇଣ୍ଡ କୁହାଯାଉଥିବା ପଞ୍ଚସଫ୍ଟ କମ୍ପାନୀ ମୁଖ୍ୟ ଶଙ୍କର ପୃଷ୍ଟି ଓ ପତ୍ନୀ ଦୀପ୍ତିମୟୀ ସାହୁଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ଉଭୟଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବ୍ରହ୍ମପୁର ଗୋଲନ୍ଥରା ଥାନାରେ ରୁଜୁ ମାମଲାରେ ଉଭୟ ଆଗୁଆ ଜାମିନ ଆବେଦନ କରିଥିଲେ । ତେବେ ଦୀପ୍ତିମୟୀଙ୍କୁ ନିମ୍ନ ଅଦାଲତରେ ହାଜର ହୋଇ ଜାମିନ ଆବେଦନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶଥାଉକି ଉଭୟ ଶଙ୍କର ଓ ଦିପ୍ତିମୟୀ ଏବେ ବି ଫେରାର ଅଛନ୍ତି । ଏହି ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ତରଫରୁ ଶଙ୍କର ବିରୋଧରେ ଲୁକଆଉଟ ସର୍କୁଲାର ଜାରି କରାଯାଇଥିଲା । କ୍ରାଇମବ୍ରାଞ୍ଚ ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ଶଙ୍କରକୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ପୃଥକ ପୃଥକ ଟିମ ଚଢଉ ଜାରି ରଖିଥିବା ଜଣାପଡିଛି ।

## ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ

### ପାଣିପାଗ ବିଭାଗର ନିର୍ଦ୍ଦେଶ ଅନୁପାଳନ କରିବାକୁ କୃଷି ସଚିବଙ୍କ ପରାମର୍ଶ

■ **ଭୁବନେଶ୍ୱର, ୨୨।୧୦ (ସମିସ):** ବଙ୍ଗୋପସାଗରରୁ ଗୋଟିଏ ଲଘୁଚାପ ଯାଉ ଯାଉ ପୁଣି ଏକ ଲଘୁଚାପ ଦାନା ବାନ୍ଧୁଛି । ସମ୍ଭାବ୍ୟ ଲଘୁଚାପ ଆଜି ରାତି କିମ୍ବା ଗୁରୁବାର ସକାଳ ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ । ଏହି ଲଘୁଚାପ କେତେ ଘନୀଭୂତ ହେବ, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହାକୁ ନେଇ ମଡେଲ୍‌ଗୁଡ଼ିକ ଭିନ୍ନ ଭିନ୍ନ ଆକଳନ ଜାରି କରୁଛନ୍ତି । ତେଣୁ ଆଇଏମ୍‌ଡି ମଧ୍ୟ ଲଘୁଚାପ ସୃଷ୍ଟି ଉପରେ ନଜର ରଖିଥିବା ଜଣାପଡ଼ିଛି । ପୂର୍ବରୁ ଏହି ଲଘୁଚାପ ଘନୀଭୂତ ହେବା ନେଇ ପୂର୍ବାନୁମାନ କରାଯାଇଥିଲା । ମାତ୍ର ଏବେ ମଡେଲ୍‌ଗୁଡ଼ିକ ଭିନ୍ନ ଭିନ୍ନ ଆକଳନ କରୁଥିବାରୁ ଆଇଏମ୍‌ଡି ପାଇଁ ମଧ୍ୟ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରିଛି ।




ଅନ୍ୟପଟେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ସୁଦୃଶ ଲଘୁଚାପ ରୂପେ ତାମିଲନାଡୁ ଉପକୂଳରେ କେନ୍ଦ୍ରୀଭୂତ ରହିଛି । ଆଗକୁ ଏହା ଆରବସାଗର ମୁହାଁ ହୋଇ ଓଡ଼ିଶାଠାରୁ ଦୂରକୁ ଯିବ । ତେବେ ଏହା ପ୍ରଭାବରେ ବୁଧବାର ରାଜ୍ୟର ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ବର୍ଷା ଅନୁଭୂତ ହୋଇଛି । ଗୁରୁବାର ମଧ୍ୟ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା ଓ ନବରଙ୍ଗପୁର ଆଦି ଜିଲ୍ଲାର କିଛି କିଛି ସ୍ଥାନରେ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ସେହିପରି ଦକ୍ଷିଣ ଆଣ୍ଡାମାନସାଗରରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ଗୁରୁବାର ରାତି କିମ୍ବା ଶୁକ୍ରବାର ସକାଳ ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହେବ । ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇପାରେ ।

ଅନ୍ୟପକ୍ଷରେ ପାଣିପାଗ ବିଭାଗ ସୂଚନା ଆଧାରରେ କୃଷି ସଚିବ ଡଃ ଅରବିନ୍ଦ ପାଢ଼ୀ କହିଛନ୍ତି, ଏଯାବତ୍ ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ନେଇ କୌଣସି ସୂଚନା ନାହିଁ । କିନ୍ତୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ କାରଣରୁ ସାମୟିକ ଭାବେ ରାଜ୍ୟର କିଛି ସ୍ଥାନରେ ବିକ୍ଷିପ୍ତ ବର୍ଷା ▶ପୃଷ୍ଠା-୭

## ଆମେରିକା ସଟ୍‌ଡାଉନ୍

# ୨୨ଦିନ ହେଲା ସରକାରୀ କାର୍ଯ୍ୟ ଠପ୍

### ଫୁଡ୍ ଡେଲିଭରୀ କରୁଛନ୍ତି ସରକାରୀ କର୍ମଚାରୀ

### ଟ୍ରମ୍ପଙ୍କ ପ୍ରସ୍ତାବ ୧୧ ଥର ପାଇଁ ଅଗ୍ରାହ୍ୟ

### ପହିଲା ସୁଦ୍ଧା ନୂତନ ବଜେଟକୁ ମିଳିନି ମଞ୍ଜୁରୀ




■ **ୱାଶିଂଟନ୍, ୨୨।୧୦(ଏଜେନ୍ସି):** ଆମେରିକାରେ ଜାରି ରହିଛି ସଟ୍ଡାଉନ୍ । ଦୀର୍ଘ ୨୨ ଦିନ ହେବ ଦେଶବ୍ୟାପୀ ସରକାର କାମ କାର୍ଯ୍ୟ ଠପ୍ । ସରକାରୀ କର୍ମଚାରୀଙ୍କୁ ଏଯାଏ ମିଳିନି ଦରମା । କର୍ମଚାରୀଙ୍କୁ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ ଏବଂ ଇଏମ୍‌ଆଇ ପଇଠ କରିବାରେ ବେଶ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି । ଏଥିରେ ଅନେକ ସରକାରୀ କର୍ମଚାରୀ ଏବେ ଫୁଡ୍ ଡେଲିଭରୀ କରି ପରିବାର ଚଳାଉଛନ୍ତି । ଆଉ କେତେକ ଅସ୍ଥାୟୀ ଚାକିରି କରି ବଞ୍ଚିବାକୁ ବାଧ ହେଉଛନ୍ତି । ଏହି ସଟ୍ଡାଉନ୍‌ରେ ୭,୫୦,୦୦୦ ସରକାରୀ କର୍ମଚାରୀଙ୍କ ଦରମା ବନ୍ଦ କରାଯାଇଛି । ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ଏହି ସଟ୍ଡାଉନ୍ ଏବେ ୨୨ତମ ଦିନରେ ପହଞ୍ଚିଛି । ଏହାକୁ ଆମେରିକା ଇତିହାସରେ ଦ୍ୱିତୀୟ ସବୁଠାରୁ ଲମ୍ବା ସଟ୍ଡାଉନ୍ କୁହାଯାଉଛି ।

ବର୍ତ୍ତମାନ ଦେଶର ପ୍ରାୟ ୭.୫ ଲକ୍ଷ ସରକାରୀ କର୍ମଚାରୀ ବିନା ଦରମାରେ ଛୁଟିରେ ଅଛନ୍ତି । ଏମିତିକି ସାମରିକ ବାହିନୀ, ପୋଲିସ, ସୀମା ସୁରକ୍ଷା ଏବଂ ବିମାନ ଟ୍ରାଫିକ୍ ନିୟନ୍ତ୍ରକ ଭଳି ଅତ୍ୟାବଶ୍ୟକୀୟ କର୍ମଚାରୀମାନଙ୍କୁ ବିନା ଦରମାରେ କାମ କରିବାକୁ ବାଧ କରାଯାଉଛି । ବିମାନଗୁଡ଼ିକର ଉଡ଼ାଣ ବିଳମ୍ବ ହେଉଥିବାବେଳେ ନିମ୍ନ ଆୟକାରୀ ପରିବାରଗୁଡ଼ିକ ପାଇଁ ଏଭଳି ସମୟରେ ଖାଦ୍ୟ କାର୍ଯ୍ୟକ୍ରମରେ ସହାୟତା ବନ୍ଦ ହେବା ନେଇ ଆଶଙ୍କା ବଢୁଛି । ଦେଶର ଜାତୀୟ ପରମାଣୁ ସୁରକ୍ଷା ▶ପୃଷ୍ଠା-୭

## ସୋର ଜେଲ୍‌ରୁ କଏଦୀ ଫେରାର ଘଟଣା

# ଦୁଇ ୱାର୍ଡେନ ସସ୍‌ପେଣ୍ଡ

### ସ୍ଥିତି ଅନୁଧ୍ୟାନକଲେ ବାଲେଶ୍ୱର ଏସ୍‌ପି

■ **ସୋର, ୨୨।୧୦(ସମିସ):** ସୋର ଉପକାରାଗାରରୁ ଜଣେ କଏଦୀ ଫେରାର ହୋଇଯିବା ଘଟଣାରେ ଦୁଇ ଜଣ ୱାର୍ଡେନଙ୍କୁ ସସ୍‌ପେଣ୍ଡ କରାଯାଇଛି । ଗତକାଲି ସନ୍ଧ୍ୟାରେ ଏଠାରେ ରହୁଥିବା ଝାଡଖଣ୍ଡ ବୋକାରୋ ଷ୍ଟିଲ ସିଟି ଧାନବାଦ ଅଞ୍ଚଳର ଦୀପକ କୁମାର ରାୟ ଜେଲ ପାଚେରୀ ଡେଇଁ ଫେରାର ହୋଇଯାଇଥିଲେ । ଏହି ଘଟଣା ଜଣାପଡିବା ପରେ ବାରିପଦା ଜେଲ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ମନରଞ୍ଜନ ପ୍ରତିହାରୀ ରାତିରେ ତଦନ୍ତ କରି ଫେରିଥିଲେ । ଆଜି ମଧ୍ୟାହ୍ନରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଉପକାରାଗାରରେ ପହଞ୍ଚି ଜେଲର ସ୍ଥିତି ପରିଦର୍ଶନ କରିବା ସହିତ ବିଭିନ୍ନ ସମସ୍ୟା ବାବଦରେ ଜେଲରଙ୍କ ସହ ଆଲୋଚନା କରି ଥିଲେ । ଫେରାର କଏଦୀଙ୍କୁ ଖୋଜିବା ▶ପୃଷ୍ଠା-୭

## ପାଇକା ନଦୀରେ ଗାଧୋଇବା ବେଳେ ଅଘଟଣ

# ଭାସିଗଲେ ୩ ନାବାଳକ; ୨ ମୃତ, ଜଣେ ନିଖୋଜ




■ **ତିର୍ତ୍ତୋଲ, ୨୨।୧୦ (ସମିସ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ କୃଷ୍ଣାନନ୍ଦପୁର ନିକଟ ପାଇକା ନଦୀରେ ବୁଡ଼ିଯାଇ ୨ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ନିଖୋଜ ଥିବା ଜଣାପଡ଼ିଛି । ମୃତ ଦୁଇ ନାବାଳକ ହେଲେ ଶିଶିର ବେହେରା ଓ ସୌରଭ ମଲ୍ଲିକ ଏବଂ ନିଖୋଜ ନାବାଳକ ହେଲେ ଅମନ ଜିତ ମଲ୍ଲିକ । ସୂଚନାନୁଯାୟୀ, ବୁଧବାର ଅପରାହ୍ଣରେ ସ୍ଥାନୀୟ କୃଷ୍ଣାନନ୍ଦପୁର ଗ୍ରାମ କେଉଟ ସାହି ଓ ମଲ୍ଲିକ ସାହିର ୩ ନାବାଳକ ଗାଧୋଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ । ଖବର ପାଇ ତିର୍ତ୍ତୋଲ ଓ ରଘୁନାଥପୁର ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ । ନାବାଳକ ଶିଶିର ବେହେରାକୁ ଉଦ୍ଧାର କରି ନିକଟସ୍ଥ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ଶିଶିରକୁ ମୃତ ଘୋଷଣା କରିଥିଲେ । ପରେ ନାବାଳକ ସୌରଭ ମଲ୍ଲିକଙ୍କ ମୃତଦେହ ଉଦ୍ଧାର ▶ପୃଷ୍ଠା-୭

## ଆଇନଜୀବୀ ପୀତବାସ ହତ୍ୟାକାଣ୍ଡ

# ୧୨ ଗିରଫ; ଦୁଇ ମୁଖ୍ୟ ଅଭିଯୁକ୍ତ ଫେରାର୍

### ଗିରଫଙ୍କ ମଧ୍ୟରେ ପୂର୍ବତନ ବିଧାୟକ, ପୂର୍ବତନ ମେୟର ଓ କର୍ପୋରେଟର

### ହତ୍ୟା ପାଇଁ ହୋଇଥିଲା ୫୦ ଲକ୍ଷର ଡିଲ୍, ଅଗ୍ରୀମ ନେଇଥିଲେ ୧୦ଲକ୍ଷ: ଏସ୍‌ପି



■ **ବ୍ରହ୍ମପୁର, ୨୨।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ଘଟଣାରେ ବ୍ରହ୍ମପୁର ପୁଲିସ ବୁଧବାର ୪ଜଣ ସୁପାରୀ କିଲର୍ (ବିହାରୀ) ଙ୍କ ସମେତ ମୋଟ ୧୨ଜଣଙ୍କୁ ଗିରଫ କରିଛି । ଗିରଫଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ, ୪୧ନମ୍ବର ୱାର୍ଡ କର୍ପୋରେଟର ମଳୟ ବିଶୋୟୀଙ୍କ ସମେତ ଅନ୍ୟମାନେ ସାମିଲ ଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ହତ୍ୟାକାଣ୍ଡରେ ବ୍ୟବହୃତ ଦୁଇଟି ବନ୍ଧୁକ ଜବତ ହୋଇଥିବା ବେଳେ କବାଡ଼ି ଦୋକାନରୁ ଖଣ୍ଡବିଖଣ୍ଡିତ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି । ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣ ଫେରାର ଥିବାବେଳେ ସେମାନଙ୍କ ମଧ୍ୟରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଉମା ବିଶୋୟୀ ଓ ପୀତବାସଙ୍କୁ ଗୁଳି କରିଥିବା କୁରୁପତି ଭୂୟାଁ ଓ ସୁଦର୍ଶନ ଜେନା ଥିବା ଏସ୍‌ପି କହିଛନ୍ତି । ଏହି ହତ୍ୟା ପାଇଁ ୫୦ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ବେଳେ ବିହାରୀ ସୁପାରୀ କିଲର୍‌ଙ୍କୁ ଅଗ୍ରୀମ ୧୦ଲକ୍ଷ ଟଙ୍କା ଦିଆଯାଇଥିଲା । ତେବେ ବ୍ୟକ୍ତିଗତ କାରଣରୁ ସେମାନେ କାମ ନ କରି ଫେରିଯାଇଥିଲେ । ପରେ ସ୍ଥାନୀୟ ଅପରାଧୀଙ୍କୁ ନେଇ ହତ୍ୟାକାଣ୍ଡ କରାଯାଇଥିଲା । ଘଟଣାରେ ▶ପୃଷ୍ଠା-୭

## ରାଜନୈତିକ ଷଡ଼ଯନ୍ତ୍ର ଗନ୍ଧ

# ପୁଲିସ କାନ୍ଧରେ ବିଜେପି ବନ୍ଧୁକ

■ **ଭୁବନେଶ୍ୱର,୨୨।୧୦ (ସମିସ):** ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ୧୫ ଦିନ ପରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ସହ ମୋଟ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ମଙ୍ଗଳବାର ବିଳମ୍ବିତ ରାତିରେ ବିକ୍ରମଙ୍କୁ ତାଙ୍କ ଘରୁ ପୁଲିସ ଉଠାଇ ନେବା ସହ ବୁଧବାର ସକାଳୁ ତାଙ୍କୁ ଷଡ଼ଯନ୍ତ୍ରକାରୀ ଦର୍ଶାଇ ଗିରଫ କରିଛି । ଜୟପୁରରେ ଯେଉଁ ବ୍ୟକ୍ତିଙ୍କ ଘରେ ପୀତବାସଙ୍କ ହତ୍ୟା ଅଭିଯୁକ୍ତ ଆଶ୍ରୟ ନେଇଥିଲେ, ସେହି ଘରର ମାଲିକଙ୍କ ସହ ବିକ୍ରମଙ୍କର କଲେଜ ସମୟରୁ ପରିଚୟ ଥିବାରୁ ପୁଲିସ ବିକ୍ରମଙ୍କୁ ଘଟଣାର ଷଡ଼ଯନ୍ତ୍ରକାରୀ ଦର୍ଶାଇଛି । ମାତ୍ର ପୀତବାସ ହତ୍ୟା ଘଟଣାରେ ମନ୍ତ୍ରୀ ବିଭୂତି ଜେନାଙ୍କ ସମ୍ପୃକ୍ତି ସମ୍ପର୍କରେ ବିଜେପିର ଜନୈକ ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ସମ୍ପର୍କରେ ପୁଲିସ ରହସ୍ୟମୟ ଭାବରେ ନିରବ ରହିଛି ।

ବିଜେପି ସରକାର ରାଜ୍ୟରେ ଯେତେବେଳେ କୌଣସି ଜଟିଳ ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି; ସେହି ସମୟରେ ସଂଘଠିତ ଅନ୍ୟ ଏକ ଘଟଣା ରାଜ୍ୟବାସୀଙ୍କୁ ପୂର୍ବ ଘଟଣାରୁ ନଜର ହଟାଇ ନେଇଥିବା ଦେଖାଯାଇଛି । ପ୍ରଥମେ ଏହାକୁ ସଂଯୋଗ ବୋଲି କୁହାଯାଉଥିଲେ ହେଁ କ୍ରମାଗତ ଗୋଟିଏ ପରେ ଗୋଟିଏ ଘଟଣାରେ ଏପରି ଘଟିବା ଆଦୌ କାକତାଳୀୟ ବୋଲି କୁହାଯାଇ ପାରୁନାହିଁ । ପୁଲିସ କାନ୍ଧରେ ବନ୍ଧୁକ ରଖି ଶାସକ ଦଳ ବିରୋଧୀଙ୍କୁ ଦମନ କରିବାକୁ ଉଦ୍ୟମ କରୁଥିବା ଅନେକ ସନ୍ଦେହ କରୁଛନ୍ତି ।

ଗତ ୧୫ ମାସ ମଧ୍ୟରେ ରାଜ୍ୟରେ ଶାସନ ବ୍ୟବସ୍ଥା ଭୟଙ୍କର ସ୍ଥିତି ଦେଇ ଗତିକରୁଛି । ଅପରାଧୀଙ୍କ ଉପରେ ପୁଲିସର ▶ପୃଷ୍ଠା-୭

### ନିଶାଣରେ ବିଜେଡି ନେତା

■ **ଭୁବନେଶ୍ୱର,୨୨।୧୦ (ସମିସ):** ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବିଭିନ୍ନ ସମୟରେ ବିଜେଡି ନେତାଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ନିଶାଣ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି । ଗତବର୍ଷ ବିଜେଡିର ବରିଷ୍ଠ ନେତା ପ୍ରଣବପ୍ରକାଶ ଦାସଙ୍କ ଭାଇ ଭବପ୍ରସାଦ ଦାସଙ୍କୁ ପୁଲିସ ଗିରଫ କରି ଜେଲ ପଠାଇଥିଲା । ସାଧାରଣ ଲୋକଙ୍କ ସାମୂହିକ ଦାବି ପୂରଣ ପାଇଁ ଧାରଣା ଦେଇଥିବାବେଳେ ତାଙ୍କୁ ଗିରଫ କରାଗଲା । ଏହାପରେ ପରେ କେନ୍ଦୁଝରର ଅନ୍ୟ ଜଣେ ଯୁବ ନେତା ରାଜା ଚକ୍ର ସରକାରଙ୍କ ନିଶାଣ ହେଲେ; ତାଙ୍କ ପରିବହନ ସଂସ୍ଥାରେ ଚଢ଼ଉ କରାଯିବା ସହ ତାଙ୍କୁ ଗିରଫ କରାଗଲା । ସେହିପରି ଦଳର ଅନ୍ୟଜଣେ ଯୁବ ନେତା ତଥା ଭୁବନେଶ୍ୱର ମହାନଗର ନିଗମର ପ୍ରଭାବଶାଳୀ ▶ପୃଷ୍ଠା-୭

## ଆଜିର ଇତିହାସ

- ୧୮୧୪- ବିଶ୍ୱର ପ୍ରଥମ ପ୍ଲାଷ୍ଟିକ୍ ସର୍ଜରୀ ଇଂଲଣ୍ଡରେ କରାଗଲା।
- ୧୯୪୬- ମିଳିତ ଜାତିସଂଘର ପ୍ରଥମ ବୈଠକ ନ୍ୟୁୟର୍କରେ ଅନୁଷ୍ଠିତ ହେଲା।
- ୧୯୫୪- ପଶ୍ଚିମ ଜର୍ମାନୀ ନାଟୋ ସମ୍ମିଳନୀରେ ଭାଗ ନେଲା।
- ୨୦୦୧- ଆପଲ୍ କମ୍ପାନି ତା'ର ଆଇପଡ୍ ବଜାରକୁ ଛାଡ଼ିଲା।
- ୨୦୦୪- ଜାପାନରେ ଆସିଥିବା ଭୂମିକମ୍ପ ଯୋଗୁଁ ୮୫ ହଜାର ଲୋକ ବାସହ୍ୟୁତ ହେଲେ।



## 'ଧୁରନ୍ଧର'ର ସୁଟିଂ ସାରିଲେ ରଣବୀର

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର'କୁ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଫିଲ୍ମର ଟିଜର୍ ରିଲିଜ୍ ହେବା ଦିନଠୁ ଦର୍ଶକେ ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ବିଗତ କିଛି ମାସ ହେଲାଣି ରଣବୀର ଏହାର ସୁଟିଂରେ ବ୍ୟସ୍ତ ଥିଲେ। ଇତିମଧ୍ୟରେ ସେ ତାଙ୍କ ଭାଗର ସୁଟିଂ ସାରି ଦେଇଛନ୍ତି। ଫିଲ୍ମର କାହାଣୀ ଅପରାଧ ଜଗତର ଜଟିଳ ଦୁନିଆ ଉପରେ ଆଧାରିତ। ଏଥିରେ ରଣବୀରଙ୍କର ବେଶ୍ ଦମ୍‌ଦାର୍ ଚରିତ୍ର ରହିଛି। ଏଥିରେ ସେ ଜଣେ ର' ଏଜେଣ୍ଟ ଭୂମିକାରେ ନଜର ଆସିବେ। ଏହି ଚରିତ୍ର ପାଇଁ ରଣବୀର ତାଙ୍କ ଲୁକ୍‌ରେ ମଧ୍ୟ ପରିବର୍ତ୍ତନ ଆଣିଛନ୍ତି। ସୁଟିଂ ସେଟ୍‌ରୁ ଭାଇରାଲ ହୋଇଥିବା ଫଟୋ ଓ ଭିଡିଓଗୁଡ଼ିକରେ ସେ ଲମ୍ବା କେଶ ଓ ନିଶଦାଢ଼ିରେ ନଜର ଆସିଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଆଦିତ୍ୟ ଧର ଅଛନ୍ତି। ଫିଲ୍ମରେ ରଣବୀରଙ୍କ ସହ ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ, ଆର୍. ମାଧବନ୍, ଅର୍ଜୁନ୍ ରାମପାଲ, ସାରା ଅର୍ଜୁନ୍ ଓ ରାକେଶ ବେଦୀ ମଧ୍ୟ ନଜର ଆସିବେ। ତେବେ ଏହାର ପ୍ରମୋସନ୍ ଖୁବ୍‌ଶୀଘ୍ର ଆରମ୍ଭ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏହାସହ ଫିଲ୍ମ ନିର୍ମାତା ଏହାର ପୋଷ୍ଟର୍, ଗୀତ ଓ ଟିଜର୍ ଜାରି କରିପାରନ୍ତି। ଡିସେମ୍ବର ୫ରେ ଏହା ପରଦାକୁ ଆସିବ।

## କ୍ୟାପ୍ କୁଲିଂରେ ଝଡ଼ିବନି କେଶ

କ୍ୟାନ୍‌ସର (କର୍କଟ) ଆକ୍ରାନ୍ତ କୋଷମାନଙ୍କ ବୃଦ୍ଧିକୁ ରୋକିବା ପାଇଁ ଯେଉଁ ଔଷଧ ପ୍ରୟୋଗ କରାଯାଏ ତାହାକୁ 'କେମୋଥେରାପି' କୁହାଯାଏ। ତେବେ କେମୋଥେରାପି ଯୋଗୁଁ କେଶ ଝଡ଼ିବା ସମସ୍ୟା ଦେଖାଯାଏ। ଯାହାକି ଅତ୍ୟନ୍ତ ସାଧାରଣ ସମସ୍ୟା। ହେଲେ ଏମ୍ସର ଏକ ନୂତନ ଗବେଷଣାନୁସାରେ, କେମୋଥେରାପି ସମୟରେ ଏକବିଶେଷ ପ୍ରକାର କୁଲିଂ ଡିଭାଇସ୍‌କୁ ବ୍ୟବହାର କରିବା ଦ୍ୱାରା କେଶ ଝଡ଼ା ସମସ୍ୟାକୁ କିଛି ପରିମାଣରେ କମ୍ କରାଯାଇପାରିବ। କେମୋଥେରାପିରେ ଶରୀରରେ କ୍ୟାନସର କୋଷ ସହିତ କିଛି ସୁସ୍ଥ କୋଷ ମଧ୍ୟ ପ୍ରଭାବିତ ହୋଇଥାଏ। ଏହି କାରଣ ଯୋଗୁଁ କେଶ ମୂଳରେ ପ୍ରଭାବ ପଡ଼େ ଏବଂ କେଶ ଝଡ଼େ। ଏପରିକି ଅନେକ ସମୟରେ ରୋଗୀଙ୍କ ସମ୍ପୂର୍ଣ୍ଣ କେଶ ଝଡ଼ିଯାଏ। ଏହାଦ୍ୱାରା ଲୋକେ ଅବସାଦ ମଧ୍ୟରେ ରୁହନ୍ତି। ବିଶେଷକରି ଛୋଟ ପିଲା ଓ ଯୁବପିଢ଼ିଙ୍କଠାରେ ଏହିସ୍ଥିତି ଗମ୍ଭୀର ହୋଇଥାଏ। ଏମ୍ସ କରିଥିବା ଗବେଷଣାରେ ଏହି କୁଲିଂ ଡିଭାଇସ୍‌ର ବ୍ୟବହାର କରାଯାଇଛି। ଏହାକୁ ସ୍କାଲପ କୁଲିଂ ବା କୁଲିଂ କ୍ୟାପ୍ ବୋଲି କୁହାଯାଉଛି। ଯେତେବେଳେ ରୋଗୀଙ୍କ ମସ୍ତିଷ୍କର ତ୍ୱଚାକୁ ଥଣ୍ଡା ବା ଶୀତଳ କରାଯାଏ, ସେହି ଭାଗର ରକ୍ତ କୋଷିକା ସଙ୍କୁଚିତ ହୋଇଯାଏ। ଏହାଦ୍ୱାରା



କେମୋଥେରାପିର ଔଷଧ କମ୍ ପରିମାଣରେ ମୁଣ୍ଡ ଏବଂ କେଶ ମୂଳରେ ପହଞ୍ଚିପାରିବ। ଫଳସ୍ୱରୂପ କେଶ ମୂଳ କମ୍ ପ୍ରଭାବିତ ହେବ ଏବଂ କେଶ ଝଡ଼ା ସମସ୍ୟା ହ୍ରାସ ପାଇବ। ଏହି ଡିଭାଇସ୍ ମହିଳା ଓ ଛୋଟ ପିଲାଙ୍କ ଲାଗି ମୁଖ୍ୟତଃ ପ୍ରଭାବି ସାବ୍ୟସ୍ତ ହୋଇପାରେ। ଗବେଷକଙ୍କ କହିବା କଥା, ଆଗାମୀ ଦିନରେ ଏହି ଟେକ୍ନିକ କ୍ୟାନ୍ସର ହସ୍‌ପିଟାଲଗୁଡ଼ିକରେ ସହଜରେ ଉପଲବ୍ଧ ହେବ। ଅନ୍ୟପଟେ ଏହି ଟେକ୍ନିକ୍ ଅଧିକରୁ ଅଧିକ ହସ୍‌ପିଟାଲରେ ପହଞ୍ଚିଲେ, କ୍ୟାନସର ରୋଗୀ କେବଳ ଶାରୀରିକ ଭାବେ ନୁହେଁ, ମାନସିକ ସ୍ତରରେ ମଧ୍ୟ ବଡ଼ ଆଶ୍ୱସ୍ତି ଲାଭ କରିବେ।

## ଫଳ, ପନିପରିବାରୁ କୀଟନାଶକ ଧରିବ ଡିଭାଇସ୍



ବିଟ୍ସ ପିଲାନି ହାଇଦ୍ରାବାଦର ଗବେଷକମାନେ ଏକ ନୂଆ ପୋର୍ଟେବଲ ଡିଭାଇସ୍ ବିକଶିତ କରିଛନ୍ତି। ଏହି ଉପକରଣ ଫଳ ଓ ପନିପରିବାରେ ଥିବା କୀଟନାଶକ ଯାଞ୍ଚ କରିବ। ଏହି ଡିଭାଇସ୍ କେମିଲ୍ୟୁମିନୋମିଟର ଉପରେ ଆଧାରିତ। ଏହାକୁ ବ୍ୟବହାର କରିବା ମଧ୍ୟ ଖୁବ୍ ସହଜ। ଯେକୌଣସି ଫଳ ଓ ପନିପରିବାକୁ ଧୋଇ ସେହି ପାଣିକୁ ଏହି ଡିଭାଇସ୍‌ରେ ରଖିବାକୁ ହେବ। ପାଣି ଯେତେବେଳେ ରାସାୟନିକ ପଦାର୍ଥ ସହ ପ୍ରତିକ୍ରିୟା କରିଥାଏ ସେତେବେଳେ ଏଥିରୁ ଆଲୋକ ବାହାରେ। ଏହି ଆଲୋକରୁ ଜଣାପଡ଼େ ଏଥିରେ କୀଟନାଶକ ଅଛି। ସେହିପରି ଏହି ଡିଭାଇସ୍‌କୁ ଯେକୌଣସି ସ୍ଥାନକୁ ନେବା ସମ୍ଭବ। ଏହାର୍ ଦାମ୍ ୫ ହଜାରରୁ ୧୦ ହଜାର ମଧ୍ୟରେ ରହିଛି। ତେବେ ଡିଭାଇସ୍‌ରେ ଆଲୋକର ତୀବ୍ରତା ଆଧାରରେ କୀଟନାଶକର ମାତ୍ରାକୁ ମପାଯାଇଥାଏ। ପାରମ୍ପରିକ କୀଟନାଶକ ପରୀକ୍ଷାର ଉପାୟ ଜଟିଳ, ସମୟ ସାପେକ୍ଷ ଓ ମହଙ୍ଗା ହୋଇଥାଏ। ତା'ସହ ଏ ଲାଗି ଗବେଷଣାଗାର ସହ ତାଲିମପ୍ରାପ୍ତ ଟେକ୍ନିସିଆନ ଆବଶ୍ୟକ ହୋଇଥାନ୍ତି। ହେଲେ ଏହି ନୂଆ ଉପକରଣ ଏ ସମସ୍ତ ସମସ୍ୟାକୁ ଦୂର କରିପାରିବ। ଡିଭାଇସ୍‌ରେ ଟେଷ୍ଟ ଷ୍ଟ୍ରିପ୍‌ର ଉପଯୋଗ ହୁଏ। ଏହାର ଫିଲଟର ପେପର୍‌ରେ ରାସାୟନିକ ପଦାର୍ଥ ଥାଏ। ଏହାସହିତ ହାଇରିଜୋଲ୍ୟୁସନ କ୍ୟାମେରା, ଇଣ୍ଟିଗ୍ରେଟେଡ୍ ମାଇକ୍ରୋକଣ୍ଟ୍ରୋଲର ଥାଏ। ଯାହାକି ପ୍ରତିକ୍ରିୟାର ଆଲୋକ ସଙ୍କେତକୁ ବିଶ୍ଲେଷଣ କରି ସଠିକ୍ ତଥ୍ୟ ପ୍ରଦାନ କରେ।


## ରବିବାର ଛୁଟି ରହୁଥିବା ଷ୍ଟେସନ



ଭାରତୀୟ ରେଳବାଇ ହେଉଛି ବିଶ୍ୱର ଚତୁର୍ଥ ସର୍ବବୃହତ୍ ରେଳ ନେଟୱର୍କ। ଦେଶରେ ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ଟ୍ରେନରେ ଯାତ୍ରା କରିଥାନ୍ତି। ଭାରତରେ ଏମିତି ଏକ ଷ୍ଟେସନ୍ ରହିଛି ଯାହା ରବିବାର ଦିନ ଛୁଟି ରୁହେ। ଏହି ଷ୍ଟେସନ୍‌ଟି ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲାରୁ ପାଖାପାଖି ୩୫ କିଲୋମିଟର ଦୂରରେ ଅବସ୍ଥିତ। ଏଠାରେ କେବଳ ବାଙ୍କୁଡ଼ା-ମାସାଗ୍ରାମ୍ ଯାତ୍ରୀବାହୀ ଟ୍ରେନ୍‌ଟି ଅଟକିଥାଏ। ହେଲେ ରବିବାର ଦିନ ଏହି ଟ୍ରେନ୍‌ଟି ଷ୍ଟେସନକୁ ଆସୁ ନ ଥିବାରୁ ପୂରା ଷ୍ଟେସନଟି ଶୂନ୍‌ଶାନ୍ ଲାଗିଥାଏ। ତେବେ ରବିବାର ଦିନ ଷ୍ଟେସନ ମାଷ୍ଟରଙ୍କୁ ଟ୍ରେନ୍ ଟିକଟ କିଣିବାକୁ ବର୍ଦ୍ଧମାନ ସହର ଯିବାକୁ ପଡୁଥିବାରୁ ଏହିଦିନ ଟିକେଟ୍ କାଉଣ୍ଟର ଏବଂ ସମସ୍ତ ସେବା ବନ୍ଦ ରହିଥାଏ। ତେଣୁ ଏହି ଷ୍ଟେସନଟି ରବିବାର ଦିନ ବନ୍ଦ ରୁହେ। କେବଳ ସେତିକି ନୁହେଁ, ଏହି ଷ୍ଟେସନର କୌଣସି ସରକାରୀ ନାଁ ମଧ୍ୟ ନାହିଁ। ଏବେ ବି ଟିକେଟରେ ପୁରାତନ ସମୟର ନାଁ ରେନାଗର ମୁଦ୍ରିତ ରହିଛି। ୨୦୦୮ ରୁ ଏହି ଷ୍ଟେସନ୍‌ଟି ବିନା ନାମରେ ପରିଚାଳିତ ହେଉଛି।

## ଚାଟ୍‌ଜିପିଟି ବ୍ୟବହାରରେ ମହିଳା ଆଗରେ

ସାଧାରଣତଃ ମହିଳାଙ୍କ ତୁଳନାରେ ପୁରୁଷମାନେ ଟେକ୍ନୋଲୋଜି କ୍ଷେତ୍ରରେ ଆଗୁଆ ଥାନ୍ତି। ଓପନ ଏଆଇର ରିପୋର୍ଟ ଅନୁସାରେ, ଚାଟ୍‌ଜିପିଟି ବ୍ୟବହାର କରିବାରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଆଗରେ ଅଛନ୍ତି। ଓପନ ଏଆଇ ନାଁକୁ ବିଶ୍ଳେଷଣ କରି ଲିଙ୍ଗ ଆଧାରରେ ଏକଥା ଜାଣିଛି। ଜୁନ୍ ତଥ୍ୟରୁ ଜଣାପଡ଼ିଛି, ଚାଟ୍‌ଜିପିଟି ବ୍ୟବହାର କରିବାରେ ମହିଳାମାନେ ପୁରୁଷଙ୍କୁ ପଛରେ ପକାଇ ଦେଇଛନ୍ତି। ଏଥିରୁ ଏଆଇ ବ୍ୟବହାର କରିବା ଏବେ ସମସ୍ତେ ଆରମ୍ଭ କରିଦେଲେଣି ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ତା'ସହ ଏହା ଶିକ୍ଷା, ସ୍ୱାସ୍ଥ୍ୟ




ଏବଂ ମ୍ୟାନେଜମେଣ୍ଟରେ ଲୋକଙ୍କ କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି କରିଛି ବୋଲି ଜଣାପଡ଼ିଛି। ୨୦୨୨ ମସିହା ନଭେମ୍ବରରୁ ଚାଟ୍‌ଜିପିଟି ଲଞ୍ଚ ହେବା ପରଠୁ ଏହାକୁ ୭୦ରୁ କୋଟିରୁ ଅଧିକ ଲୋକ ବ୍ୟବହାର କରୁଛନ୍ତି। ବିଶ୍ୱରେ ପ୍ରତି ୧୦ ଜଣରେ ଜଣେ ବୟସ୍କ ଏଆଇ ବ୍ୟବହାର କରୁଛନ୍ତି। ଓପନ ଏଆଇ, ହାଭାର୍ଡ ବିଶ୍ୱବିଦ୍ୟାଳୟ ଏବଂ ଡ୍ୟୁକ୍ ବିଶ୍ୱବିଦ୍ୟାଳୟର ଗବେଷଣା ଅନୁଯାୟୀ, ପ୍ରତି ସେକେଣ୍ଡରେ ପ୍ରାୟ ୨୯ ହଜାର ମେସେଜ ଚାଟ୍‌ଜିପିଟିକୁ ପ୍ରେରଣ କରାଯାଏ। ଏହା ଏଆଇର ଲୋକପ୍ରିୟତାକୁ ଦେଖାଉଛି। ତେବେ ଲୋକେ ଇ-ମେଲ୍ ଏବଂ ଆର୍ଟିକିଲ ଲେଖିବା ପାଇଁ ୪୦% ଚାଟ୍‌ଜିପିଟିର ବ୍ୟବହାର କରିଥାନ୍ତି। ଏହାସହ ପରାମର୍ଶ ଓ ମାର୍ଗଦର୍ଶନ ଲାଗି ୨୯ ପ୍ରତିଶତ ଏବଂ ତଥ୍ୟ ସନ୍ଧାନ ପାଇଁ ୨୪ ପ୍ରତିଶତ ଲୋକ ଏହାକୁ ବ୍ୟବହାର କରୁଛନ୍ତି। ଏହାବାଦ୍ ଟେକ୍ନିକାଲ ଏବଂ ପୋଗ୍ରାମିଂ ମେସେଜ୍ କେବଳ ୪.୨ ପ୍ରତିଶତ ଅଛି। ୧.୯ ପ୍ରତିଶତ ବ୍ୟବହାରକାରୀ ଚାଟ୍‌ଜିପିଟିରେ ସମ୍ପର୍କ ଏବଂ ଭାବନା ବିଷୟରେ ଆଲୋଚନା କରନ୍ତି ଏବଂ ୦.୪ ପ୍ରତିଶତ ବ୍ୟବହାରକାରୀ ଗେମିଂ ବିଷୟଗୁଡ଼ିକୁ ପସନ୍ଦ କରନ୍ତି। ଜୁଲାଇ ୨୦୨୫ ସୁଦ୍ଧା ମହିଳାମାନେ ଚାଟ୍‌ଜିପିଟି ଅଧିକ ବ୍ୟବହାର କରିଥିବା ଜଣାପଡ଼ିଛି। ଚାଟ୍‌ଜିପିଟିର ସର୍ବାଧିକ ସକ୍ରିୟ ବ୍ୟବହାରକାରୀଙ୍କ ମଧ୍ୟରୁ କେବଳ ୪୬ ପ୍ରତିଶତ ୧୮ ରୁ ୨୫ ବର୍ଷ ବୟସର ଅଛନ୍ତି। ସେହିପରି ଏଆଇର ଲୋକପ୍ରିୟତା ନିମ୍ନ ଧରଣର ଆୟ ଏବଂ ମଧ୍ୟମ ଧରଣର ଆୟ ଦେଶଗୁଡ଼ିକରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି।

## ଗାଈ ମୁଣ୍ଡରେ ଚିପ୍

ରୁଷରେ ଗାଈଙ୍କ ମୁଣ୍ଡରେ ଚିପ୍ ପ୍ରତ୍ୟାରୋପଣ କରାଯାଇଛି। ଗାଈଗୁଡ଼ିକ ଅଧିକ କ୍ଷୀର ଦେବା ଉଦ୍ଦେଶ୍ୟରେ ଏପରି କରାଯାଇଛି। ରୁଷ୍‌ର ନେରି କମ୍ପାନି ଏଭଳି ଏକ ନିଆରା ପ୍ରୟାସ ଆରମ୍ଭ କରିଛି। ତେବେ ଗାଈଙ୍କ ମୁଣ୍ଡର ସେହି ଭାଗରେ ଇଲେକ୍‌ଟ୍ରୋଡସ୍ ଲଗାଯାଇଛି, ଯାହାକି ସେମାନଙ୍କର ଭୋକ, ଚାପ ଓ ପ୍ରଜନନ ସହିତ ଜଡ଼ିତ। ଇଲେକଟ୍ରୋଡସ୍ ମାଧ୍ୟମରେ ଇଲେକଟ୍ରିକ୍ ମେସେଜ ପ୍ରେରଣ କରାଯାଇ ଏହି ଅଂଶକୁ ଉତ୍ତେଜିତ କରାଯାଏ। ଏହାଦ୍ୱାରା ଗାଈଙ୍କ ମାନସିକ ଏବଂ ଶାରୀରିକ ସନ୍ତୁଳନ ଉନ୍ନତମାନର ହେବ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ। ଏହିବର୍ଷ ଏପ୍ରିଲରେ ଉକ୍ତ କମ୍ପାନି ଏହାର ପ୍ରୟୋଗ ଆରମ୍ଭ କରିଥିଲା। ଗତ ମାସରେ ୫ଟି ଗାଈଙ୍କଠାରେ ସର୍ଜରି କରାଯାଇଥିଲା। ଗାଈମାନଙ୍କର ମୁଣ୍ଡର ପଛପାଖରେ ଏକ ବିଶେଷ ଷ୍ଟିମୁଲେଟର ଲଗାଯାଇ ଇଲେକଟ୍ରୋଡସ୍‌କୁ ମସ୍ତିଷ୍କ ଭିତରକୁ



ନିଆଯାଇଥିଲା। ଏହି ଉପକରଣ ସହାୟତାରେ ଭୋକ, ଚାପ ଏବଂ ପ୍ରଜନନ କ୍ଷମତାକୁ ନିୟନ୍ତ୍ରଣ କରୁଥିବା ଭାଗକୁ ଉତ୍ତେଜିତ କରାଯାଇଥିଲା। ଏହାଦ୍ୱାରା ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଲା। ଏହି ଗବେଷଣାର ପ୍ରାରମ୍ଭିକ ପର୍ଯ୍ୟାୟ ସଫଳ ରହିଛି।

ସେହିପରି ଏହି ସର୍ଜରୀ ନିଶ୍ଚେତକ ବିନା ଗାଈଙ୍କଠାରେ କରାଯାଇଥିଲା। ତେବେ ସର୍ଜରୀ ପରେ ଗାଈଙ୍କଠାରେ କୌଣସି ଅସୁବିଧା ଦେଖିବାକୁ ମିଳି ନାହିଁ। ଅବଶ୍ୟ ଦୁଗ୍ଧ ଉତ୍ପାଦନକୁ ନେଇ କମ୍ପାନି କୌଣସି ସଠିକ୍ ତଥ୍ୟ ପ୍ରଦାନ କରି ନାହିଁ। ହେଲେ ପୂର୍ବ ତୁଳନାରେ ଗାଈଗୁଡ଼ିକ ଅଧିକ କ୍ଷୀର ଦେଉଥିବା କମ୍ପାନି ପକ୍ଷରୁ କୁହାଯାଇଛି। ଏବେ ଏହି ଟେକ୍ନିକ୍ ଉପରେ ସୁଧାରର ଆବଶ୍ୟକତା ଅଛି। ଯେଭଳି ଏହାକୁ ଭବିଷ୍ୟତରେ ବଡ଼ ସ୍ତରର ଟେକ୍ନୋଲୋଜିରେ ବ୍ୟବହାର କରାଯାଇପାରିବ। ଉକ୍ତ କମ୍ପାନିର କହିବା କଥା, ଗାଈଙ୍କଠାର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାର ପୁରୁଣା ଉପାୟ ପ୍ରଭାବୀ ସାବ୍ୟସ୍ତ ହେଉ ନାହିଁ। ଏଭଳି ସ୍ଥିତିରେ ମସ୍ତିଷ୍କରେ ଇଲେଟ୍ରିକ୍ ମେସେଜ ମାଧ୍ୟମରେ ଉତ୍ତେଜିତ କରାଯାଇ ଟେକ୍ନୋଲଜି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିପାରେ। ଯାହାକି ଦୁଗ୍ଧ ବ୍ୟବସାୟକୁ ଆହୁରି ବୃଦ୍ଧି କରିବ। ଅନ୍ୟପଟେ ଏହି ଉପାୟ ଗାଈଙ୍କ ଲାଗି ବିପଜ୍ଜନକ ବି ହୋଇପାରେ ବୋଲି କୁହାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

■ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା

## ସହକାରୀ ପ୍ରାଧ୍ୟାପକ ଓ ଅଧ୍ୟକ୍ଷଙ୍କ ଜାମିନ ଖାରଜ

**ଦୁଇ ଅଭିଯୁକ୍ତ ଛାତ୍ରଙ୍କୁ ମିଳିଲା ଜାମିନ**

କଟକ,୨୨।୧୦(ସମିସ): ବହୁଚର୍ଚ୍ଚିତ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଗିରଫ ହୋଇଥିବା ସହକାରୀ ପ୍ରଫେସର ସମୀର କୁମାର ସାହୁ ଓ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ଜାମିନ ଆବେଦନକୁ ହାଇକୋର୍ଟଙ୍କ ଖାରଜ କରିଦେଇଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଚୂଡାନ୍ତ ଚାର୍ଜସିଟ ଦାଖଲ କରିବା ପରେ ଉଭୟ ଆବେଦନକାରୀ ସାନି ଜାମିନ ଆବେଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଉଭୟଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବାଲେଶ୍ୱର ଦୌରା ଜଜ୍ ଅଦାଲତରେ ଉଭୟଙ୍କ ଜାମିନ ଖାରଜ ହେବା ପରେ ଶ୍ରୀ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟରେ, ଛାତ୍ରୀଙ୍କ ଆତ୍ମଦାହ ଘଟଣାକୁ ମୋବାଇଲ ଫୋନରେ ରେକର୍ଡ କରିଥିବା ଅଭିଯୁକ୍ତ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଘଟଣାର ଅବ୍ୟବହିତ ପୂର୍ବରୁ ପୀଡ଼ିତାଙ୍କ ସହ ବାରମ୍ବାର ମୋବାଇଲରେ କଥା ହୋଇଥିବା ଛାତ୍ର ଶୁଭ୍ର ସମ୍ବିତ ନାୟକଙ୍କ ଜାମିନ ଆବେଦନକୁ ହାଇକୋର୍ଟ ମଞ୍ଜୁର କରିଛନ୍ତି। ଉଭୟଙ୍କୁ ୫୦ହଜାର ଟଙ୍କା ଲେଖାଁଏ ଦୁଇ ଜଣ ଜାମିନଦାରଙ୍କ ବଦଳରେ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କ ଜାମିନରେ ଛାଡିବା ବେଳେ ଆବଶ୍ୟକ ସର୍ତ୍ତ ରଖିପାରିବେ। ଉଲ୍ଲେଖ ଯୋଗ୍ୟ ଯେ କଲେଜ ଅଧ୍ୟକ୍ଷ ଓ ସହକାରୀ ପ୍ରାଧ୍ୟାପକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣି ଗତ ଜୁଲାଇ ୧୨ତାରିଖରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଦେଇଥିଲେ। ଜୁଲାଇ୧୪ରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ସମ୍ପର୍କରେ ମୃତକଙ୍କ ଭାଇ ସହଦେବଖୁଣ୍ଟା ଥାନାରେ ଏତଲା ଦେବା ପରେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ପରବର୍ତ୍ତୀ ସମୟରେ ଏହାର ତଦନ୍ତ କରିଥିଲା।

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

## ୩ରେ ସମସ୍ତ ଅଭିଯୁକ୍ତଙ୍କ ଏକତ୍ର ଜାମିନ ଶୁଣାଣି

କଟକ,୨୨।୧୦(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ପୁଣି ଘୁଞ୍ଚିଛି। ସରକାରୀ ଓକିଲ ଆଜି ସମୟ ଲୋଡ଼ିଥିବା ବେଳେ ଆସନ୍ତା ନଭେମ୍ବର ୩ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ଆଜି କେସ୍ ଡାଏରି ଦାଖଲ କରିଛି କ୍ରାଇମବ୍ରାଞ୍ଚ। ପରବର୍ତ୍ତୀ ଶୁଣାଣି ସମୟରେ ତଦନ୍ତର ସାନି ସ୍ଥିତି ନେଇ ହାଇକୋର୍ଟଙ୍କୁ ରାଜ୍ୟ ସରକାର ଅବଗତ କରିବେ। ବୋର୍ଡର ପୂର୍ବତନ ଉପସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତିଙ୍କ ସହିତ ଅନ୍ୟ ଅଭିଯୁକ୍ତ ଜିତନ ମହାରଣା, ବିଜୟ କୁମାର ମିଶ୍ର, ରାମଜୀ ପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ, ସନାତନ ବିଶୋୟୀଙ୍କ ସହ ଜୟନ୍ତ ରାଉତଙ୍କ ନିୟମିତ ଜାମିନ ଆବେଦନ ଗୁଡ଼ିକର ଏକତ୍ର ଶୁଣାଣି ହେବ। ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପୂର୍ବତନ ଉପସଭାପତି ଶ୍ରୀ ମହାନ୍ତିଙ୍କ ସହିତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଅନ୍ୟମାନଙ୍କୁ ଗିରଫ କରିଥିଲା। କଟକ ଅତିରିକ୍ତ ଦୌରା ଜଜ୍ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ମହାନ୍ତି ଓ ଅନ୍ୟ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଋଣ ପରିଶୋଧ ଖିଲାପୀରେ ଯୁଗ୍ମ ଆକାଉଣ୍ଟରୁ ଟଙ୍କା କାଟିବା ବେଆଇନ: ହାଇକୋର୍ଟ

କଟକ,୨୨।୧୦(ସମିସ): ପତ୍ନୀ କରିଥିବା ଋଣ ଅର୍ଥ ପରିଶୋଧ ନ କରିବାରୁ ଉଭୟ ସ୍ୱାମୀ ଓ ପତ୍ନୀଙ୍କ ନାମରେ ରହିଥିବା ଯୁଗ୍ମ ବ୍ୟାଙ୍କ ଜମାଖାତାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ସିଧାସଳଖ ଅର୍ଥ କାଟିନେବା ବେଆଇନ ବୋଲି ହାଇକୋର୍ଟ କହିଛନ୍ତି। ଭରତଚନ୍ଦ୍ର ମଲ୍ଲିକଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

### ୫ ଲକ୍ଷ ଟଙ୍କା ଫେରସ୍ତ ନିର୍ଦ୍ଦେଶ

ବିଶେଷକରି ଆବେଦନକାରୀଙ୍କ ପେନସନ ଅର୍ଥ ଏହି ଆକାଉଣ୍ଟରେ ଜମା ହେଉଥିବାରୁ ଏହା ପେନସନ ପାଣ୍ଠିକୁ ପ୍ରଦାନ କରାଯାଇଥିବା ସାମ୍ବିଧାନିକ ସୁରକ୍ଷା ଏବଂ ଧାରା ୨୧ ଅନୁଯାୟୀ ଆବେଦନକାରୀଙ୍କ ଜୀବିକା ନିର୍ବାହର ମୌଳିକ ଅଧିକାରକୁ ଉଲ୍ଲଂଘନ କରିଛି ବୋଲି କହିଛନ୍ତି ହାଇକୋର୍ଟ। ଏହି ରାୟ ପ୍ରକାଶନ ତାରିଖରୁ ଚାରି ସପ୍ତାହ ମଧ୍ୟରେ କାଟି ନିଆଯାଇଥିବା ୫ ଲକ୍ଷ ଟଙ୍କା ଆବେଦନକାରୀଙ୍କ ଆକାଉଣ୍ଟରେ ଫେରାଇବାକୁ ବ୍ୟାଙ୍କକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ତାଙ୍କ ଆକାଉଣ୍ଟ ମୁକ୍ତ ଭାବରେ ପରିଚାଳନା କରିବାକୁ ଅନୁମତି ଦିଆଯିବ ଏବଂ ଆଇନଗତ ପ୍ରକ୍ରିୟା ପାଳନ ନ କରି ବ୍ୟାଙ୍କ ଭବିଷ୍ୟତରେ ତାଙ୍କ ପେନସନରୁ କୌଣସି ପରିମାଣ ଆଦାୟ କରିବେ ନାହିଁ। ତେବେ ଏହି ରାୟ ଆବେଦନକାରୀଙ୍କର ରହିଥିବା ମୂଳ ଋଣ ଦାୟିତ୍ୱକୁ ସମାପ୍ତ କରିନାହିଁ। ଏଣୁ ବ୍ୟାଙ୍କ ଆଇନଗତ ଉପାୟରେ ବକେୟା ଦେୟ ଆଦାୟ କରିବାକୁ ସ୍ୱାଧୀନତା ରଖିଛି ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଜଣେ ଅବସରପ୍ରାପ୍ତ ରେଳ କର୍ମଚାରୀ। ତାଙ୍କ ପତ୍ନୀ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ଏକ ପରିବହନ ଋଣ କରିଥିଲେ ଯେଉଁଥିରେ ସ୍ୱାମୀ ଗ୍ୟାରେଣ୍ଟର ରହିଥିଲେ। ପତ୍ନୀ ଋଣ ପରିଶୋଧରେ ଖିଲାପ କରିବାରୁ ଉଭୟ ସ୍ୱାମୀ ଓ ପତ୍ନୀଙ୍କ ନାମରେ ଥିବା ଯୁଗ୍ମ ଆକାଉଣ୍ଟରୁ ବ୍ୟାଙ୍କ ଆବେଦନକାରୀଙ୍କୁ ଅବଗତ ନକରି ୫ଲକ୍ଷ ଟଙ୍କା ବିନା ନୋଟିସରେ କାଟିନେଇଥିଲା। ଏହା ତାଙ୍କର ପେନସନ ଅର୍ଥ ହୋଇଥିବାରୁ ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯଦି ଜଣେ ବ୍ୟକ୍ତି ଋଣ ପରିଶୋଧରେ ଖିଲାପ କରିବାରୁ ଋଣୀ ନଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଥିବା ଏକ ଯୁଗ୍ମ ଆକାଉଣ୍ଟରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଟଙ୍କା ଜବତ କରିପାରିବେ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

## ଜଙ୍ଗଲରୁ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ

### ସ୍ତ୍ରୀକୁ ହତ୍ୟାକରି ସ୍ୱାମୀ ଜଙ୍ଗଲରେ ଫିଙ୍ଗିଥିବା ସନ୍ଦେହ

ଖଇରା,୨୨।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗଡପୋଖରୀ ପଞ୍ଚାୟତ ଅଧୀନ ଶରତ ଗ୍ରାମରୁ ୬ଦିନ ଧରି ନିଖୋଜ ଥିବା ମାଣିକ ମାଝୀ(୨୬)ଙ୍କ ମୃତଶରୀର ବୁଧବାର ଦିନ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ମାଣିକଙ୍କ ସ୍ୱାମୀ ମଗତ ସୋରେନ ଫେରାର ରହିଛି। ମଗତର ଆକ୍ରମଣରେ ମାଣିକଙ୍କ ମୃତ୍ୟୁ ଘଟିବା ପରେ ମୃତଦେହକୁ ସେ ଜଙ୍ଗଲରେ ଫିଙ୍ଗିଥିବା ଖଇରା ପୁଲିସ ସନ୍ଦେହ ପ୍ରକାଶ କରିଛି। ଏ ସଂକ୍ରାନ୍ତରେ ଖଇରା ଥାନାରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ୪ ନାବାଳକ ଝିଅପୁଅଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି।

### ବିକ୍ରମ ପଣ୍ଡାଙ୍କ ଗିରଫଦାରୀକୁ ନେଇ ବର୍ଷିଲା ବିଜେଡି

# ରାଜନୈତିକ ଉଦ୍ଦେଶ୍ୟରେ ବିକ୍ରମଙ୍କୁ ଫସାଇ ଦିଆଯାଇଛି



■ ବିକ୍ରମଙ୍କ ବିରୋଧରେ ପୁଲିସ ପାଖରେ ତିଳେ ମାତ୍ର ପ୍ରମାଣ ନାହିଁ
■ ନୂଆପଡ଼ା ଉପନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଏଭଳି ଚକ୍ରାନ୍ତ
■ ପୀତବାସଙ୍କ ହତ୍ୟା ପ୍ଲଟ୍‌ରୁ ବଳିଗଲା ବିକ୍ରମଙ୍କୁ ଫସାଇବା ପ୍ଲଟ୍

ଭୁବନେଶ୍ୱର,୨୨।୧୦(ସମିସ): ଗଞ୍ଜାମର ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୁଲିସ ବିଜେଡିର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ଗିରଫଦାରୀ ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ। ଗୋପାଳପୁର ବିଧାୟକ ତଥା ରାଜ୍ୟ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କୁ ବଞ୍ଚାଇବା ପାଇଁ ବିଜେଡି ଜିଲ୍ଲା ସଭାପତିଙ୍କୁ ଚକ୍ରାନ୍ତ କରି ଫସାଯାଇଛି ବୋଲି ବିଜେଡି ଅଭିଯୋଗ କରିଛି।

ବୁଧବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି, ଏହି ହତ୍ୟାକାଣ୍ଡରେ ଗୋପାଳପୁର ବିଧାୟକ ତଥା ରାଜ୍ୟର ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ରହିଥିଲା। ମାତ୍ର ତାଙ୍କୁ ଓ ରାଜ୍ୟ ସରକାରଙ୍କୁ ବଞ୍ଚାଇବାକୁ ଯାଇ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଶ୍ରୀ ପଣ୍ଡାଙ୍କୁ ଚକ୍ରାନ୍ତ କରି ଫସାଯାଇଛି।

ଦଳର ଉପସଭାପତି ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ଗତ ୧୬ ମାସର ବିଜେପି ଶାସନରେ, ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଗଞ୍ଜାମ ଜିଲ୍ଲା ଶୀର୍ଷରେ ରହିଛି। ଗଞ୍ଜାମ ଜିଲ୍ଲାରେ ୧୫୨ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୧୨୮ଟି ହତ୍ୟା ଘଟିଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା କେବଳ ଓଡ଼ିଶା ନୁହେଁ; ସମଗ୍ର ଦେଶ ଓ ବିଶ୍ୱରେ ଚର୍ଚ୍ଚିତ ଘଟଣା ପାଲଟିଥିଲା। ସମଗ୍ର ଜିଲ୍ଲାରେ ବିଜେପି ସରକାର ସମୟରେ ୧୮୨୩ଟି ମହିଳା ନିର୍ଯାତନା ମାମଲା ହୋଇଛି। ଏହାଛଡ଼ା, ଗଞ୍ଜାମ ଜିଲ୍ଲାରେ ବେଆଇନ ବାଲି ଚାଲାଣ ଶୀର୍ଷରେ ପହଁଚିଛି। ଏହି ଚୋରା ବାଲି କାରବାର ନେଇ ଅନେକ ହିଂସାକାଣ୍ଡ ଘଟିଛି। ଏହି ଚୋରା ବାଲି କାରବାରରେ ଗୋପାଳପୁର ବିଧାୟକ ତଥା ରାଜ୍ୟର ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି ବୋଲି ଅଭିଯୋଗ ହୋଇ ଆସୁଛି। ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟିବା ପରେ ପ୍ରଥମେ ଏହା ଚୋରା ବାଲି କାରବାରକୁ ନେଇ ଘଟିଛି ଓ ଏଥିରେ ମନ୍ତ୍ରୀ ଶ୍ରୀ ଜେନାଙ୍କ ସମ୍ପୃକ୍ତି ରହିଛି ବୋଲି ଆଲୋଚନା ହୋଇଥିଲା। ଏମିତି କି ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ୍. ଡମ୍ବୁରୁ ରେଡ୍ଡୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମନ୍ତ୍ରୀ ବିଭୁତି ଜେନାଙ୍କର ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ନେଇ ଅଭିଯୋଗ କରିବା ସହିତ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରି ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଦାବି କରିଥିଲେ। ଏହା ବିଜେପି ପାଇଁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ, ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇବାକୁ ଯାଉଥିବାରୁ, ଏଭଳି ନାଟକୀୟ ଢଙ୍ଗରେ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଛି। ଗଞ୍ଜାମ ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ତଥ୍ୟରେ ବିକ୍ରମଙ୍କ ବିରୋଧରେ କୌଣସି ପ୍ରମାଣ ପ୍ରସ୍ତୁତ କରିନାହାନ୍ତି, କେବଳ ଗୁଡ଼ାଏ କାହାଣୀ କହିଛନ୍ତି। ଏହି ଗିରଫଦାରୀକୁ ଆମେ ଦୃଢ଼ ନିନ୍ଦା କରୁଛୁ। ବିଜୁ ଜନତା ଦଳ ଏଭଳି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବ ବୋଲି ସେ କହିଛନ୍ତି।

ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର କହିଥିଲେ, କେବଳ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଭାବେ ବିଜେଡି ନେତା ବିକ୍ରମ ପଣ୍ଡାଙ୍କ ସମ୍ପୃକ୍ତି ଦେଖାଇ ତାଙ୍କୁ ଗିରଫ କରାଯାଇଛି। ପୀତବାସ ପଣ୍ଡାଙ୍କ ହତ୍ୟା ପାଇଁ ତିଆରି ହୋଇଥିବା ପ୍ଲଟ୍‌ଠାରୁ ବିକ୍ରମ ପଣ୍ଡାଙ୍କୁ ଫସାଇବା ପାଇଁ ବିଜେପି ଇଙ୍ଗିତରେ ପୁଲିସ ରଚିଥିବା ପ୍ଲଟ୍ ଅଧିକ ଭୟଙ୍କର ଓ ମାରାତ୍ମକ। ଗଞ୍ଜାମ ଏସ୍‌ପି ଯେଉଁ ୫୦ ଲକ୍ଷ ଟଙ୍କା ଡିଲ୍ କଥା କହିଛନ୍ତି, ତା'ର ମଧ୍ୟ କୌଣସି ମନି ଟ୍ରେଲ୍ ଥିବା କଥା କହି ନାହାନ୍ତି। ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ ବିରୋଧରେ ହାଇକୋର୍ଟରେ ଚାଲିଥିବା ମିଥ୍ୟା ସତ୍ୟପାଠ ମାମଲାରେ ଓକିଲ ଖର୍ଚ୍ଚ ବିକ୍ରମ ପଣ୍ଡା ବହନ କରୁଛନ୍ତି ବୋଲି ଏସ୍‌ପି କହୁଛନ୍ତି। କିନ୍ତୁ, ଓକିଲ ଖର୍ଚ୍ଚ ବହନ ସହିତ ପୀତବାସ ପଣ୍ଡାଙ୍କ ହତ୍ୟାର କ'ଣ ସଂପର୍କ ରହିଛି, ସେକଥା ସେ ସ୍ପଷ୍ଟ କରି ନାହାନ୍ତି। ଏସ୍‌ପିଙ୍କ କଥାରୁ ସ୍ପଷ୍ଟ ଜଣାପଡୁଛି, ରାଜ୍ୟ ସରକାରଙ୍କ ଇଙ୍ଗିତରେ ମିଛ କାହାଣୀ ସୃଷ୍ଟି କରି ସେ ବିକ୍ରମ ପଣ୍ଡାଙ୍କୁ ଫସାଇବାକୁ ଅପଚେଷ୍ଟା କରିଛନ୍ତି। ବିଜେପିର ଅନ୍ତର୍ଦ୍ୱନ୍ଦ୍ୱ ଓ ଚୋରା ବାଲି କାରବାର ନେଇ ନିଜ ଦଳ ଭିତର ବିବାଦ ଯୋଗୁଁ ପୀତବାସ ପଣ୍ଡା ହତ୍ୟାକାଣ୍ଡ ଘଟିଛି ବୋଲି ପୂରା ଗଞ୍ଜାମ ଜିଲ୍ଲାରେ ଚର୍ଚ୍ଚା ଚାଲିଛି। ମାତ୍ର ନୂଆପଡା ଉପନିର୍ବାଚନକୁ ଆଖି ଆଗରେ ରଖି, ବିକ୍ରମ ପଣ୍ଡାଙ୍କୁ ଫସାଯାଇଛି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଗୋଟିଏ ଫଟୋ ଦେଖାଇ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହି ଫଟୋରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ବସିଥିବା ବେଳେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ପୁଲିସ ଆଇଜି ନୀତି ଶେଖର ମୁଣ୍ଡପୋତି ଛିଡ଼ା ହୋଇଛନ୍ତି। ଡଃ ମହାନ୍ତି କହିଥିଲେ, ବିଜେପି ଶାସନରେ ପୁଲିସ ଅବସ୍ଥା ଏହିପରି ରହିଛି। ଶ୍ରୀ ସାମଲ ମନ୍ତ୍ରିମଣ୍ଡଳର ସଦସ୍ୟ ହୋଇ ନ ଥିଲେ ମଧ୍ୟ ତାଙ୍କ ସମ୍ମୁଖରେ ଜଣେ ପୁଲିସ ଆଇଜି ଅସହାୟ ଅବସ୍ଥାରେ ମୁଣ୍ଡପୋତି ଛିଡ଼ା ହେବା ନିଶ୍ଚିତ ଭାବେ ଆଇନଶୃଙ୍ଖଳାର ଦୟନୀୟ ସ୍ଥିତିକୁ ଦର୍ଶାଉଛି। ତେଣୁ ବିଜେପି ଇଙ୍ଗିତରେ ବିଜେଡି ଜିଲ୍ଲା ସଭାପତିଙ୍କୁ ଅଭିଯୁକ୍ତ ସଜାଯାଇଛି। ରାଜ୍ୟରେ ପୁଲିସ ବିଜେପିର ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରୁଛି। ବିଜେଡି ଏହାର ଦୃଢ଼ ନିନ୍ଦା କରୁଛି ଓ ଏହାକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇବ। ଆଗାମୀ ଦିନରେ ରାଜ୍ୟବାସୀ ଏହାର ଉଚିତ ଜବାବ ଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

### ପାରିବାରିକ କଳହର କରୁଣ ପରିଣତି

## ପୁଅର ଭୁଜାଲି ଆକ୍ରମଣରେ ବାପାମାଆ ଗୁରୁତର; ୬ ଜଣଙ୍କ ନାଁରେ ମାମଲା

ଭଦ୍ରକ,୨୨।୧୦(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନ ଖେରଙ୍ଗ ପଞ୍ଚାୟତ ତଳବନ୍ଧ ଗାଁରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ଜନ୍ମକଲା ପୁଅର ଭୁଜାଲି ଚୋଟରେ ବାପାମାଆ ଗୁରୁତର ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ରାତିରେ ପାରିବାରିକ କନ୍ଦଳକୁ ନେଇ ପୁଅ ମନୋଜ ନାୟକ ତାଙ୍କ ବାପା ମଧୁସୂଦନ ନାୟକ ଏବଂ ମାଆ ମାଧୁରୀ ନାୟକଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଛି। ଗୁରୁତୁର ଅବସ୍ଥାରେ ବୃଦ୍ଧ ବାପାମା'ଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ତିହିଡି ଏବଂ ପରେ ସଂକଟାପନ୍ନ ଅବସ୍ଥାରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଖବର ପାଇ ଗାଁରେ ପହଞ୍ଚି ତଦନ୍ତ କରିବା ସହିତ ଅଭିଯୁକ୍ତ ପୁଅ ମନୋଜ ଏବଂ ତାଙ୍କର ୨ ଜଣ ୨ଶାଳକଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ଗତ ୨୧ ତାରିଖ ସନ୍ଧ୍ୟାରେ ପୂର୍ବ ପାରିବାରିକ ବିବାଦକୁ କେନ୍ଦ୍ରକରି ଘରେ କେହି ନ ଥିବା ବେଳେ ପୁଅ ମନୋଜ, ତାଙ୍କ ପତ୍ନୀ ଯଶୋଦା ନାୟକ, ଶାଳକ କୁନୁ ସାହୁ, ଟାୟାର ସାହୁ ଓ ଶ୍ୱଶୁର ଶଙ୍କର ସାହୁଙ୍କ ସହଯୋଗରେ ଏକ ଧାରୁଆ ଭୁଜାଲି ଓ ଲୁହା ରଡ଼୍‌ରେ ଆକ୍ରମଣ କରିଥିଲେ। ଏଥିରେ ବୃଦ୍ଧ ମଧୁସୂଦନ ଓ ମା' ମାଧୁରୀ ନାୟକଙ୍କ ମୁଣ୍ଡ ଓ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏ ନେଇ ଆହତଙ୍କ କନ୍ୟା ଜ୍ୟୋସ୍ନାରାଣୀ ନାୟକ ଚାନ୍ଦବାଲି ଥାନାରେ ୬ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ପୁଲିସ ୬ ଜଣଙ୍କ ନାଁରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ମନୋଜ ଓ ତାଙ୍କ ୨ ଶାଳକଙ୍କୁ ଚାନ୍ଦବାଲି ପୁଲିସ ଅଟକ ରଖି ତଦନ୍ତ କରୁଥିବା ନେଇ ଆଇଆଇସି ପରେଶ ମହାନ୍ତି ସୂଚନା ଦେଇଛନ୍ତି। ମଟୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଛି, ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି।

## ମୋହନାରେ ବନ୍ଧୁକ ତିଆରି କାରଖାନା; ୨ ଗିରଫ





■ ୧୨ ଦେଶୀ ବନ୍ଧୁକ ସହ ବନ୍ଧୁକ ତିଆରି ସାମଗ୍ରୀ ଜବତ
■ ଜିଲ୍ଲା ବାହାରକୁ ଲମ୍ବିଛି ଚେର

ମୋହନା,୨୨।୧୦(ସମିସ): ଗଜପତି ଜିଲ୍ଲା ମୋହନା ପୁଲିସ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଢ଼ଉ କରି ୧୨ ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଛି। ମୋହନା ଥାନା ଗୋଲାପାଜୁ ଗ୍ରାମ ଜଙ୍ଗଲରେ ତିନି ବର୍ଷ ଧରି ଏହି ବନ୍ଧୁକ ତିଆରି କାରଖାନା ଚାଲିଥିଲା। ବନ୍ଧୁକ ତିଆରି କରୁଥିବା ଗୋଲାପାଜୁ ଗ୍ରାମର ଘନଶ୍ୟାମ ପ୍ରଧାନକୁ ଗିରଫ କରାଯାଇଥିବା ବେଳେ ଜଣେ ବନ୍ଧୁକ କ୍ରେତା ଚିହୁରିପଦର ଗ୍ରାମର ହରିଶ୍ଚନ୍ଦ୍ର ମଳିକକୁ ମଧ୍ୟ ପୁଲିସ ଗିରଫ କରିଛି।

କିଛିଦିନ ପୂର୍ବରୁ ପୁଲିସ ହରିଶ୍ଚନ୍ଦ୍ରଠାରୁ ୨ଟି ବନ୍ଧୁକ ଜବତ କରିବା ସହ ଗିରଫ କରିଥିଲା। ଜେରା ପରେ ତାର ସୂଚନା ଆଧାରରେ ପୁଲିସ ବନ୍ଧୁକ ତିଆରି କାରଖାନାର ସନ୍ଧାନ ପାଇବା ସହ ସେଠାରେ ଚଢ଼ଉ କରି ଘନଶ୍ୟାମକୁ ଗିରଫ କରିଥିଲା।

ଗୋଲାପାଜୁ ଗ୍ରାମର ନିକଟ ପାହାଡ଼ ଉପରେ ଏକ କୁଡ଼ିଆରେ ଏହି ମିନି କାରଖାନା ଚାଲିଥିବା ବେଳେ ଘନଶ୍ୟାମ ଅଗ୍ରୀମ ନେଇ ବନ୍ଧୁକ ତିଆରି କରେ। ଗୋଟିଏ ବନ୍ଧୁକ ପିଛା ପାଞ୍ଚ ହଜାର ଟଙ୍କା ନେଉଥିଲା। ଗଜପତି ଜିଲ୍ଲା ସମେତ ଏହି ଦେଶୀ ବନ୍ଧୁକ ଗଞ୍ଜାମ, କନ୍ଧମାଳ ଏବଂ ରାୟଗଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିକ୍ରି କରାଯାଇଥିବା ଗଜପତି ଏସ୍‌ପି ଯତୀନ କୁମାର ପଣ୍ଡା ମୋହନା ଥାନାରେ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ବନ୍ଧୁକ ଗୁଡ଼ିକ ମୁଖ୍ୟତଃ ଶିକାର ପାଇଁ ବ୍ୟବହୃତ ହେଉଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଥିବା ପୁଲିସ କହିଛି।

**ସବ୍ ଇନ୍ସପେକ୍ଟରଙ୍କୁ ପ୍ରେମ ପ୍ରତାରଣା**

## ବନ୍ଧାହେଲେ ଇନ୍ସପେକ୍ଟର



ଭୁବନେଶ୍ୱର, ୨୨।୧୦(ସମିସ): ମହିଳା ସବ୍ ଇନ୍ସପେକ୍ଟରଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ମହଙ୍ଗା ପଡ଼ିଛି। ଇନ୍ସପେକ୍ଟର (ସଶସ୍ତ୍ର)ଙ୍କୁ ଗିରଫ କରିଛି ଭୁବନେଶ୍ୱର ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ତୋଷବନ୍ତ ଆଚାର୍ଯ୍ୟ (୩୬)।

ପୁଲିସ ସୂଚନା ଅନୁସାରେ, ମହିଳା ସବ୍ ଇନ୍ସପେକ୍ଟରଙ୍କ ଘର ବୌଦ୍ଧ ଜିଲ୍ଲାରେ ହୋଇଥିବା ବେଳେ ତୋଷବନ୍ତଙ୍କ ଘର ବଲାଙ୍ଗୀରେ। ଉଭୟ ଗୋଟିଏ କଲେଜରେ ମିଶିକି ପଢୁଥିବା ବେଳେ ପରସ୍ପର ମଧ୍ୟରେ ପରିଚୟ ହୋଇଥିଲା। ୨୦୧୩ ମସିହାରେ ଡେପୁଟି ସୁବେଦାର ଭାବେ ଚାକିରି ଆରମ୍ଭ କରିଥିବା ବେଳେ ଯୁବତୀ ଜଣକ ୨୦୧୭ ରେ ସବ୍ ଇନ୍ସପେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ଚାକିରି ପାଇବା ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତୋଷବନ୍ତ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିବାହ ଆଳରେ ଉଭୟ ବିଭିନ୍ନ ସ୍ଥାନକୁ ବୁଲାବୁଲି କରିବାକୁ ଯାଉଥିଲେ। ଭୁବନେଶ୍ୱର, ପୁରୀ, ଭଦ୍ରକ, ଗଞ୍ଜାମ ଫୁଲବାଣୀ ଆଦି ଅଞ୍ଚଳରେ ବୁଲାବୁଲି କରିଥିଲେ। ତୋଷବନ୍ତ ଏହି ସମୟ ମଧ୍ୟରେ ଯୁବତୀଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲା।

ପୂର୍ବରୁ ମହିଳା ସବ୍ ଇନ୍ସପେକ୍ଟର ଜଣକ ଗଞ୍ଜାମ ଜିଲ୍ଲାରେ ଥିବାବେଳେ ତୋଷବନ୍ତ ଭୁବନେଶ୍ୱର ସ୍ଥିତ ସିକ୍ୟୁରିଟି ୱିଙ୍ଗରେ କାମ କରୁଥିଲେ। ନିକଟରେ ମହିଳା ସବ୍ ଇନ୍ସପେକ୍ଟର ଜଣକ କମିସନରେଟ ପୁଲିସକୁ ବଦଳି ହୋଇ ଆସିଥିଲେ। ଏଠାକୁ ଆସିବା ପରେ ମଧ୍ୟ ତୋଷବନ୍ତ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ନିକଟରେ ତୋଷବନ୍ତ ସବ୍ ଇନ୍ସପେକ୍ଟର (ସଶସ୍ତ୍ର)ରୁ ଇନ୍ସପେକ୍ଟର (ସଶସ୍ତ୍ର)କୁ ପଦୋନ୍ନତି ପାଇଥିବା ବେଳେ କଳାହାଣ୍ଡି ସ୍ଥିତ ନବମ ଭାରତୀୟ ସଂରକ୍ଷିତ ବାହିନୀ (ସ୍ୱତନ୍ତ୍ର)କୁ ବଦଳି ହୋଇଥିଲା। ଦୀର୍ଘ ୮ ବର୍ଷ ଧରି ପ୍ରେମ ସମ୍ପର୍କ ଚାଲିଥିବା ବେଳେ ମହିଳା ସବ୍ ଇନ୍ସପେକ୍ଟର ଜଣକ ବାରମ୍ବାର ବିବାହ କରିବାକୁ ଦାବି କରି ଆସୁଥିଲେ। ହେଲେ ନିକଟରେ ତୋଷବନ୍ତଙ୍କ ପତ୍ନୀ ସ୍ୱାମୀର ଏଭଳି କାରନାମା ବିଷୟରେ ଜାଣିବାକୁ ପାଇଥିଲେ।

**ଶିଶୁ ବାଟିକା ବାଟବଣା**

## ସରିବାକୁ ବସିଲାଣି ଶିକ୍ଷାବର୍ଷ ; ମିଳିଲାନି ୟୁନିଫର୍ମ

ବଲାଙ୍ଗିର,୨୨।୧୦ (ସମିସ): ସରକାର ଶିକ୍ଷା ସଂସ୍କାର କରୁଛନ୍ତି; ମାତ୍ର ସଂସ୍କାର ପାଇଁ ଯେଉଁ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦେବା କଥା ତାହାର ବ୍ୟବସ୍ଥା କରୁନାହାନ୍ତି। ନୂତନ ଜାତୀୟ ଶିକ୍ଷା ଆଇନ ଅନୁସାରେ ରାଜ୍ୟ ସରକାର ଶିଶୁବାଟିକାରେ ବଲାଙ୍ଗିର ଜିଲ୍ଲାର ପ୍ରାୟ ୧୫୬୧୮ ଛାତ୍ରଛାତ୍ରୀଙ୍କ ନାମ ଲେଖାଇଦେଲେ; କିନ୍ତୁ ନାମଲେଖା ପରେ ସରକାର ଆଉ ଧରାଛୁଆଁ ଦେଉନାହାନ୍ତି। ସ୍କୁଲ ଯାଉଥିବା ୫ରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ୟୁନିଫର୍ମ ମିଳୁନାହିଁ କି ସେମାନଙ୍କ ପାଇଁ ସ୍କୁଲରେ ସେବକସେବିକା ନିଯୁକ୍ତି ହୋଇ ନାହାନ୍ତି। କେବଳ ବଲାଙ୍ଗିର ନୁହେଁ; ରାଜ୍ୟର ଅଧିକାଂଶ ଜିଲ୍ଲାରେ ମଧ୍ୟ ଅନୁରୂପ ସମସ୍ୟା ସୃଷ୍ଟି ହୋଇଛି।

ଜାତୀୟ ଶିକ୍ଷା ଆଇନ ଅନୁସାରେ ସରକାର ଚଳିତ ଶିକ୍ଷା ବର୍ଷରୁ ଶିଶୁ ବାଟିକା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫ରୁ ୬ ବର୍ଷର ଶିଶୁଙ୍କୁ ବାଟିକାରେ ନାମ ଲେଖାଯିବ। ଏହାପରେ ସେମାନେ ପ୍ରଥମ ଶ୍ରେଣୀରେ ପାଠ ପଢ଼ିବେ। ଶିଶୁ ବାଟିକାରେ ଛାତ୍ରଛାତ୍ରୀଙ୍କ ନାମ ଲେଖାଇବା, ଡ୍ରପ୍ ଆଉଟ ହାର କମାଇବା ପାଇଁ ନିଷ୍ପତ୍ତି କ୍ରମେ ଛାତ୍ରଛାତ୍ରୀଙ୍କ ମାଗଣାରେ ପୋଷାକ, ପାଠ୍ୟ ସାମଗ୍ରୀ, ଜୋତା, ମୋଜା, ଟି ସାର୍ଟ, ଟ୍ରାକ୍ ପ୍ୟାଣ୍ଟ, ଟୋପି, ପରିଚୟପତ୍ର ପ୍ରଦାନ କରିବାକୁ ଯୋଜନା କରାଯାଇଥିଲା। ଜଣେ ଶିଶୁ ପ୍ରତି ସରକାର ପ୍ରାୟ ଏକ ହଜାର ଟଙ୍କାର ଅର୍ଥ ମଧ୍ୟ ମଞ୍ଜୁର କରିଥିଲେ; କିନ୍ତୁ ଆରମ୍ଭ ହେବାର ପ୍ରାୟ ୬ ମାସ ବିତିଯାଇଥିବା ବେଳେ ଶହେ ଟଙ୍କାର ସାମଗ୍ରୀ ଦେଇ ଶିକ୍ଷା ବିଭାଗ ଚୁପ୍ ବସିଛି। ମିଳିଥିବା ସୂଚନା ଅନୁସାରେ, ବଲାଙ୍ଗିର ଜିଲ୍ଲାର ପ୍ରାୟ ୧୨ ଶହ ପ୍ରାଥମିକ ବିଦ୍ୟାଳୟରେ ଏହି ଶିଶୁ ବାଟିକା ଆରମ୍ଭ କରାଯାଇଥିଲା। ଆଗଲପୁର ବ୍ଲକର ୮୬୬, ବଲାଙ୍ଗିର ସଦର ଓ ପୌରାଞ୍ଚଳର ୧୦୬୭, ବେଲପଡ଼ା ବ୍ଲକ୍‌ର ୧୬୩୬, ବଙ୍ଗୋମୁଣ୍ଡା ବ୍ଲକର ୧୫୨୬, ଦେଓଗାଁ ବ୍ଲକର ୯୦୭, ଗୁଡ଼ଭେଲା ବ୍ଲକର ୬୫୫, ଖପ୍ରାଖୋଲ ବ୍ଲକର ୧୨୮୫, ଲୋଇସିଂହା ବ୍ଲକର ୭୦୨, ମୁରିବାହାଲ ବ୍ଲକର ୧୪୨୧, ପାଟଣାଗଡ଼ ବ୍ଲକର ୧୩୨୮, ପୁଇଁନ୍ତଲା ବ୍ଲକର ୯୦୪, ସଇଁନ୍ତଲା ବ୍ଲକର ୯୪୫, ଟିଟିଲାଗଡ଼ ବ୍ଲକର ୧୦୦୭ ଓ ତୁରେକେଲା ବ୍ଲକର ୧୩୫୯ ଏହିଭଳି ଭାବେ ଜିଲ୍ଲାରେ ୧୫୬୧୮ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଏହି ଛାତ୍ରଛାତ୍ରୀଙ୍କୁ ଜୁନ୍ ମାସ ଶେଷ ସୁଦ୍ଧା ପ୍ଲେଟ, ପେନ୍‌ସିଲ୍ ବକ୍ସ, ଚକ୍, ଇରେଜର, ସାର୍ପନର ଓ କେୟନ ପ୍ରଦାନ କରାଯାଇଛି। ଏହାର ସରକାରୀ ମୂଲ୍ୟ ଶହେ ଟଙ୍କା ଥିବା ବେଳେ ଉକ୍ତ ସାମଗ୍ରୀ କିଣାରେ ମଧ୍ୟ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପିଲାମାନଙ୍କୁ ଏଯାଏ ୟୁନିଫର୍ମ ଯୋଗାଇ ଦିଆଯାଇ ନାହିଁ। ବିଭାଗୀୟ ଜଣେ ସଂଯୋଜକଙ୍କ କହିବା ଅନୁସାରେ ୟୁନିଫର୍ମ ଓ ଅନ୍ୟ ପୋଷାକ ପାଇଁ ଘୋଷଣା ହୋଇଥିଲା; କିନ୍ତୁ ଏନେଇ ଓପେପା ପାଖରୁ କିଛି ନିର୍ଦ୍ଦେଶ ଆସିନାହିଁ। ଏହାଫଳରେ ତାହା ଦିଆଯାଇନାହିଁ। ତେଣୁ ଶିଶୁମାନେ ନିଜ ଅନୁସାରେ ପୋଷାକ ପିନ୍ଧି ଆସୁଥିବା ଦେଖିବାକୁ ମିଳିଛି। ସେହିପରି ଏହି ଶିଶୁମାନଙ୍କ ଯତ୍ନ ନେବା ପାଇଁ ସରକାର ସେବିକା ନିଯୁକ୍ତି କରିବାକୁ ଘୋଷଣା କରିଥିବା ବେଳେ ତାହା ମଧ୍ୟ ହୋଇନାହିଁ। ପରିଣାମ ସ୍ୱରୂପ, ବହୁ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କୁ ଅଭିଭାବକ ସ୍କୁଲ ଛାଡୁନାହାନ୍ତି। ଏପଟେ ପ୍ରାଥମିକ ଶିକ୍ଷକଶିକ୍ଷୟିତ୍ରୀ ଶିଶୁଙ୍କ ଯତ୍ନ ନେବେ ନା ତାଙ୍କ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବେ ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ। ଏହିଭଳି ସ୍ଥିତିରେ ବଲାଙ୍ଗିର ଜିଲ୍ଲାରେ ରାଜ୍ୟ ସରକାରଙ୍କ ଶିଶୁ ବାଟିକା ବିଭାଗ ଚାଲିଛି। ଯାହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଯୁକ୍ତ ୨ ନାମଲେଖା ପାଇଁ ଚୟନ ହେଲେ ୧୦୫୭୬ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୨।୧୦(ସମିସ): ଯୁକ୍ତ ୨ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଛି। ନାମଲେଖା ପାଇଁ ମୋଟ୍ ୧୦,୫୭୬ ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ପ୍ରଥମ ଦୁଇଟି ପର୍ଯ୍ୟାୟରେ ଆବେଦନ କରି ନଥିବା ବା ନୂତନ ଭାବେ ଆବେଦନ କରିଥିବା ୮୫୮୭ ଜଣ ଛାତ୍ରଛାତ୍ରୀ ରହିଛନ୍ତି। କଳାରେ ନାମଲେଖାଇବା ପାଇଁ ସର୍ବାଧିକ ୬୫୮୪ ଜଣ ପିଲା ମନୋନୀତ ହୋଇବାବେଳେ ବିଜ୍ଞାନରେ ୨୪୩୯, ସଂସ୍କୃତରେ ୯୪୬, ବାଣିଜ୍ୟରେ ୪୧୬ ଓ ଧନ୍ଦାମୂଳକ ଶିକ୍ଷାରେ ନାମଲେଖା ପାଇଁ ୧୯୧ ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ପିଲାଙ୍କ ମଧ୍ୟରେ ୫୩୬୯ ଜଣ ଛାତ୍ର ଥିବାବେଳେ ୫୨୦୭ ଜଣ ଛାତ୍ରୀ ରହିଛନ୍ତି। ଆସନ୍ତା ୨୩ରୁ ୨୮ ତାରିଖ ମଧ୍ୟରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ସମ୍ପୃକ୍ତ ଛାତ୍ରଛାତ୍ରୀମାନେ ନାମଲେଖାଇ ପାରିବେ। ୨୯ରେ ୱେଟିଂରେ ଥିବା ଛାତ୍ରଛାତ୍ରୀମାନେ ପଞ୍ଜିକରଣ କରିବାକୁ ଥିବାବେଳେ ୩୦ ତାରିଖରେ ୱେଟିଂ ଲିଷ୍ଟ ମେଧା ତାଲିକା ପ୍ରକାଶ ପାଇବ ଓ ୩୧ ତାରିଖରେ ସେମାନଙ୍କ ନାମଲେଖା ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ 'ଦିଶା' କମିଟିର ନବମ ବୈଠକ

# ଧାର୍ଯ୍ୟ ସମୟ ମଧ୍ୟରେ ଉନ୍ନୟନ ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ

ବାରିପଦା, ୨୨।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା) କମିଟିର ନବମ ବୈଠକ ବୁଧବାର ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଲୋକସଭା ସାଂସଦ ତଥା ଜିଲ୍ଲା ଦିଶା କମିଟିର ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସାଂସଦ ଶ୍ରୀ ମାଝୀ ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ




ଅଧ୍ୟକ୍ଷ ନବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରକଳ୍ପ ଯୋଜନା ସହାୟତାରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କମିଟିର ସମସ୍ତ ଲୋକପ୍ରତିନିଧି ସଭ୍ୟସଭ୍ୟା ଏବଂ ସମ୍ପୃକ୍ତ ଅଧିକାରୀ ଅଂଶ ଗ୍ରହଣ କରାଯିବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରି ଧାର୍ଯ୍ୟ ସମୟ ଭିତରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ଉପସ୍ଥାପିତ କାର୍ଯ୍ୟ ସୂଚୀ ଅନୁସାରେ ପ୍ରଥମେ ପୂର୍ବ ଦିଶା କମିଟି ବୈଠକର ଆଲୋଚନାରେ ସାଂସଦ/ ବିଧାୟକ ଓ ଅନ୍ୟାନ୍ୟ ଜନପ୍ରତିନିଧିଙ୍କ ଦ୍ୱାରା ଉତଥାପିତ ବିଭିନ୍ନ ଆପତ୍ତି ଅଭିଯୋଗ ତଥା ପ୍ରସ୍ତାବ ଉପରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ଅନୁପାଳନ ସମ୍ପର୍କିତ ସବିଶେଷ ସମୀକ୍ଷା ମୂଳକ ଆଲୋଚନା କରାଯାଇ ବିବରଣୀକୁ ଦୃଢ଼ୀକରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଶେଷକରି କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଭୁକ୍ତ ଯଥା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଗ୍ରାମ୍ୟ ପାନୀୟ ଜଳ ଯୋଜନା ଅନ୍ତର୍ଗତ ଜଳ ଜୀବନ ମିଶନ, ରାଷ୍ଟ୍ରୀୟ କୃଷି ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅମୃତ ସରୋବର ଯୋଜନା, ଜଳ ସମ୍ପଦ ଅଧୀନରେ କେନାଲ, ପୋଲ, ନଦୀ ବନ୍ଧ, ପ୍ରାଣୀ ସମ୍ପଦ, ଗୋକୁଳ ମିଶନ, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋବାନ୍ଦନ ଯୋଜନା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ମା' ଓ ଶିଶୁ ସୁରକ୍ଷା ଯୋଜନା, ଜାତୀୟ ଯକ୍ଷ୍ମା ରୋଗ ବିଲୋପ, ରାଷ୍ଟ୍ରୀୟ ବାଲ ସୁରକ୍ଷା, ସ୍ୱାସ୍ଥ୍ୟନାରୀ, ସଶକ୍ତ ପରିବାର ଜାତୀୟ ରାଜପଥ ଭିତ୍ତିଭୂମି ବିକାଶ, ସମନ୍ୱିତ ଶିଶୁବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ରାଜପଥ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସଏଲ ହେଲଥ କାର୍ଡ, ଫସଲ ବୀମା ଯୋଜନା ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜନଧନ ଯୋଜନା, ସୁକନ୍ୟା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଇତ୍ୟାଦି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସ୍ଥିତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ମୂଳକ ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗର ଅଧିକାରୀ ତଥା ଅନ୍ୟାନ୍ୟ ଜନପ୍ରତିନିଧି ତଥା ଦିଶା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସମାଜସେବୀ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ହୋ' ଭାଷାକୁ ଅଷ୍ଟମ ସୂଚୀରେ ସାମିଲ ଦାବି



ରାଇରଙ୍ଗପୁର, ୨୨।୧୦(ସମିସ): ଆଜି ରାଇରଙ୍ଗପୁର ଠାରେ ଆଦିବାସୀ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ସୁରା ବିରୁଳି ଓ ସମାଜସେବୀ ଗିରିଶ ଚନ୍ଦ୍ର ହେମ୍ବ୍ରମ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କୁ ସାକ୍ଷାତ କରି ଦିଲ୍ଲୀ ଚଲୋ ନିମନ୍ତେ ନିମନ୍ତ୍ରଣ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଜନ୍ତରମନ୍ତରଠାରେ ଆସନ୍ତା ୩୧ ତାରିଖରେ ଧାରଣା ଓ ନଭେମ୍ବର ୧ ତାରିଖରେ ହୋ-ଭାଷା ସମ୍ମିଳନୀ କରାଯିବା ନେଇ କାର୍ଯ୍ୟକ୍ରମ ରହିଛି। ଏହି ଦିଲ୍ଲୀ ଚାଲ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ହୋ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା। ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଓଡ଼ିଶା ଝାରଖଣ୍ଡ ପଶ୍ଚିମବଙ୍ଗ ଓ ଆସମ ରାଜ୍ୟରୁ ସାମିଲ ହେବାକୁ କ୍ରିୟାନୁଷ୍ଠାନ ପକ୍ଷରୁ ଆହ୍ୱାନ କରାଯାଇଛି।

## କାଳୀପୂଜା କମିଟି ପକ୍ଷରୁ ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ



କୁଳିଅଣା, ୨୨।୧୦(ସମିସ): କୁଳିଅଣା ସାର୍ବଜନୀନ କାଳୀପୂଜା କମିଟି ତରଫରୁ ୮୦ ଜଣ ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଥାନା ଅଧିକାରୀ ସୁଦୀପକୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କମ୍ବଳ ବଣ୍ଟନ ଶୁଭାରମ୍ଭ କରିଥିଲେ। ଏଥିରେ କମିଟିର ସଭାପତି ସୁଧାଂଶୁ କୁମାର ପାଣିଗ୍ରାହୀ, ସମ୍ପାଦକ ବିନୟ କୁମାର ସାହୁ, କୁଳିଅଣା ଥାନା ସେକେଣ୍ଡ ଅଫିସର ପ୍ରକାଶ କୁମାର ଗୋସ୍ୱାମୀ ଭବାନୀ ଶଙ୍କର ପାଣିଗ୍ରାହୀ ହାଡିବନ୍ଧୁ ଜେନା, ଯୋଗେଶ୍ୱର ପଣ୍ଡା, କେଦାର କୁମାର ସିହ୍ନା, ମୃତ୍ୟୁଞ୍ଜୟ ସାହୁ ଦିଲ୍ଲୀପ କୁମାର ମଙ୍ଗଲ, ସଞ୍ଜୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବୈଶିଙ୍ଗାରେ ଶିଶୁ ମହୋତ୍ସବ ସୁରଭି



ବୈଶିଙ୍ଗା, ୨୨।୧୦(ସମିସ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଚିହ୍ନଟ କରି ରାଜ୍ୟସ୍ତରରେ ପ୍ରତିଭା ପ୍ରଦର୍ଶନର ସୁଯୋଗ ଦେବା ପାଇଁ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି ଶିଶୁ ମହୋତ୍ସବ ସୁରଭି। ଚଳିତ ବର୍ଷ ବୈଶିଙ୍ଗା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ୧୩ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୁରଭି ଅନୁଷ୍ଠିତ ହୋଇଯାଇଛି। ସବଜୁନିୟର, ଜୁନିଅର ଓ ସିନିୟର ବିଭାଗରେ ୧୫ଟି ପ୍ରତିଯୋଗିତାରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭାମଞ୍ଜରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୈଶିଙ୍ଗା ମହାତ୍ମାଗାନ୍ଧୀ କନିଷ୍ଠ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ଅଧ୍ୟାପକ ଦେବବ୍ରତ ରାଉତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁନିଲାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମୁର୍ମୁ ମୁଖ୍ୟବକ୍ତା ଓ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଜେନା, ପୂର୍ବତନ ଆଞ୍ଚଳିକ ସାଧନ କର୍ମୀ ମୀନକେତନ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଞ୍ଚଳିକ ସାଧନ କର୍ମୀ ନିଶିକାନ୍ତ ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଆଦିବାସୀ ଗ୍ରାମ ସମାଜରେ ସମ୍ବିଧାନ ହତ୍ୟା ବନ୍ଦ ଦାବି

## ବାରମ୍ବାର ଦାବି ସତ୍ତ୍ୱେ ପୁଲିସ ପ୍ରଶାସନ ନୀରବ



ସାରସକଣା, ୨୨।୧୦(ସମିସ): ସାରସକଣା ବ୍ଲକ ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ ସଭାପତି ସହିତ ଓଡ଼ିଶା ପ୍ରଦେଶ ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁଙ୍କ ନେତୃତ୍ୱରେ ବିଡିଓ, ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଆଦିବାସୀ ସମାଜକୁ ଅଣଦେଖା କରୁଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଦିବାସୀ ସ୍ୱଶାସନ ନାମରେ ଚାଲିଥିବା ମାଝୀ-ପାର୍ଗାନା ବ୍ୟବସ୍ଥାର ପ୍ରମୁଖଙ୍କ ଦ୍ୱାରା ବାରମ୍ବାର ସମ୍ବିଧାନ, ଆଇନ, ମାନବାଧିକାର, ମୌଳିକ ଅଧିକାର ଆଦିକୁ ହତ୍ୟା କରାଯାଉଛି ଏବଂ ଗଣତନ୍ତ୍ର ବ୍ୟବସ୍ଥାକୁ ଉଲଂଘନ କରାଚାଲିଛି। ଏଥିରେ କୌଣସି ସାକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରତ୍ୟେକ ଆଦିବାସୀ ଗ୍ରାମ ସମାଜରେ ପ୍ରତିଦିନ ମଦ, ହାଣ୍ଡିଆ ପରି ଘାତକ ନିଶାଦ୍ରବ୍ୟ ସେବନ, ବୁଢା-ବୁଢୀକୁ ଡାହାଣୀ ନାମରେ ହତ୍ୟା, ପ୍ରତାରଣା, ନିରୀହ ଲୋକମାନଙ୍କୁ ମନଇଚ୍ଛା ଜରିମାନା, ସାମାଜିକ ବାସନ୍ଦ ଆଦି ଘୋର ଅନ୍ୟାୟ, ଅତ୍ୟାଚାର, ଶୋଷଣ ଜାରି ରହିଛି। ତେବେ ସମ୍ବିଧାନ, ଆଇନ, ମାନବାଧିକାର ଏବଂ ଗଣତନ୍ତ୍ର ଆଦି ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟପାଳିକାର ମହାନ ଦାୟିତ୍ୱ ଥିବା ସତ୍ତ୍ୱେ ନୀରବ ଦ୍ରଷ୍ଟା। ଏ ନେଇ ବାରମ୍ବାର ଦାବି କରାଯିବା ସତ୍ତ୍ୱେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ବିଡ଼ିଓ, ତହସିଲଦାର ଏବଂ ପୁଲିସ ମଧ୍ୟ ନିରବ ରହୁଛନ୍ତି। ପ୍ରଶାସନ କେବଳ ରୋଡ, ରାସ୍ତା, ପାଣି, ବିଜୁଳି, ଇନ୍ଦିରା ଆବାସ, ଭତ୍ତା କାମରେ ଲିପ୍ତ ରହୁଛନ୍ତି ଏବଂ ନେତା, ମନ୍ତ୍ରୀଙ୍କ ଗୁଲାମଗିରି କରୁଛନ୍ତି ବୋଲି ଓଡ଼ିଶା ପ୍ରଦେଶ ସେଙ୍ଗେଲ ପାର୍ଗାନା ଶ୍ରୀ ମୁର୍ମୁ ଅଭିଯୋଗ କରିଛନ୍ତି। ତେଣୁ ଆଦିବାସୀ ସ୍ୱଶାସନ ମାଝୀ-ପାର୍ଗାନା ବ୍ୟବସ୍ଥାକୁ ଅବିଳମ୍ବେ ଜନତାନ୍ତ୍ରିକ ଏବଂ ସାମ୍ବିଧାନିକ ସୁଧାର କରାଯିବା ପାଇଁ ଦାବି କରାଯାଇଛି। ଦାବିପତ୍ର ସମୟରେ ସାରସକଣା ବ୍ଲକ ସେଙ୍ଗେଲ ସଭାପତି ହିନ୍ଦୁରାମ ମୁର୍ମୁ ସମେତ ଅନନ୍ତ ଚରଣ ମାର୍ଣ୍ଡି, ସୁନ୍ଦର ମୋହନ ହାଁସଦା, ସୀତାରାମ ହେମ୍ବ୍ରମ, ପିଥ ହାଁସଦା, ବୁଧୁରାୟ ହେମ୍ବ୍ରମ, ବାହାଦୁର ସୋରେନ, ବଗାୟ ହେମ୍ବ୍ରମ, ସୁପାଇ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ଜଡ଼ିଦା ଆଞ୍ଚଳିକ ସାଧନା କେନ୍ଦ୍ରର ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ



ବଡସାହି, ୨୨।୧୦(ସମିସ): ବଡସାହି ବ୍ଲକ ଅନ୍ତର୍ଗତ ଜଡ଼ିଦା ଆଞ୍ଚଳିକ ସାଧନା କେନ୍ଦ୍ରର ସୁରଭି କାର୍ଯ୍ୟକ୍ରମ ବୁଢ଼ାବଲଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବନିତା ଗିରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଲକ୍ଷ୍ମଣ ରାଉତ, ଉମାକାନ୍ତ ସାସମଲ, ଶିବଚରଣ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ସିଆରସିସି କାହ୍ନୁଚରଣ ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସୁରଭି କାର୍ଯ୍ୟକ୍ରମର ପ୍ରମୁଖ ବିଷୟ 'ମୋ ସ୍ୱପ୍ନର ଓଡ଼ିଶା ୨୦୩୬'ର ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା ପ୍ରତିଯୋଗିତା ଓ ସଙ୍ଗୀତ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ଦଳ ଗଠନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମଧୁସ୍ମିତା ଗିରି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ମୁଖ୍ୟବକ୍ତା ଅଧ୍ୟାପକ ରମାକାନ୍ତ ମିଶ୍ର ଯୋଗଦେଇଥିଲେ। ଗ୍ରାମାଞ୍ଚଳ ପିଲାଙ୍କ ପ୍ରତିଭା ବିକାଶ ପାଇଁ ସୁରଭି ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥାଏ। ଛାତ୍ରଛାତ୍ରୀ ନିଜ ନିଜର ପ୍ରତିଭାକୁ ବିକଶିତ ଓ ପ୍ରଦର୍ଶିତ କରିବାର ସୁଯୋଗ ପାଇଥାନ୍ତି। ପୁରସ୍କାର ବିତରଣ ଉତ୍ସବରେ ଜିତେନ୍ଦ୍ର ସିଂହ ଓ ଚିନ୍ମୟ ମିଶ୍ର ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଜୟ ଭାସ୍କର ମହାଳିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କୁଡୁମୀ ସମ୍ପ୍ରଦାୟର ନିଆରା 'ବାନ୍ଦଣା ପର୍ବ'

ମୋରଡ଼ା, ୨୨।୧୦(ସମିସ): ମୋରଡା ବ୍ଲକରେ ଅଧିକାଂଶ କୁଡୁମୀ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ତେଣୁ ଚଳିତବର୍ଷ ବିଭିନ୍ନ ଗାଁରେ ଧୁମଧାମରେ ବାନ୍ଦଣା ପର୍ବ ପାଳିତ ହୋଇଯାଇଛି। ବିଶେଷ କରି ଏହି ପର୍ବକୁ ଉକ୍ତ ସମ୍ପ୍ରଦାୟର ଲୋକେ ତିନି ଦିନ ଧରି ପାଳନ କରୁଥିବା ବେଳେ ପର୍ବର ପ୍ରଥମ ଦିନକୁ ଜାଗରଣ କୁହାଯାଉଥିବା ବେଳେ ଉକ୍ତ ଦିନରେ ଚାଷୀ ଗାଈ, ଗୋରୁଙ୍କୁ ଗାଧୋଇଥିଲେ। ଗ୍ରାମବାସୀ ଗାଁ ଗାଁ ବୁଲି ଗୀତ ଗାଇ ମାଦଳ ବଜାଇ ଗାଈଗୋରୁଙ୍କୁ ଜଗାଇଥିଲେ। ପରେ ଦ୍ୱିତୀୟ ଦିନରେ ଗୁହାଳ ପୂଜା କରାଯାଇଥିବା ବେଳେ ଶେଷ ତଥା ତୃତୀୟ ଦିନରେ ଆଜି ଗୋରୁ ଖୁଣ୍ଟା ପର୍ବ ତଥା ବୁଢ଼ୀ ବାନ୍ଦଣା ପର୍ବ ଅନୁଷ୍ଠିତ ହୋଇଥିଲା। ଗ୍ରାମର ପୁରୁଷ ମାନେ ଗୋଟିଏ ସ୍ଥାନରେ ଖୁଣ୍ଟ ପୋତି ଗାଈଗୋରୁଙ୍କୁ ବାନ୍ଧି ମାଦଳ ଓ ଗୀତରେ ତାଳେ ତାଳେ ନାଚିବା ସହିତ ଗାଈଗୋରୁଙ୍କୁ ମଧ୍ୟ ନଚାଇଥିଲେ। ତେବେ ଚିତ୍ରଡାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିସରରେ ହୋଇଥିବା ବାନ୍ଦଣା ପର୍ବର ଗୋରୁଖୁଣ୍ଟାକୁ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିଥିଲା। ଉକ୍ତ ସ୍ଥାନରେ ଆଜି ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ନଅଟି ଗୋରୁଙ୍କୁ ମାଦଳରେ ତାଳେ ତାଳେ ନଚାଇ ଥିଲେ ଲୋକେ। ଏହାବ୍ୟତୀତ ଦାନ୍ତିଆମୁଁହା, ଚିତ୍ରଡା ତଳସାହି, ବାରୁଡ଼ିହି, ସୁରେଇଡ଼ିହି ଆଦି ସ୍ଥାନରେ ମଧ୍ୟ ଏହି ପର୍ବ ପାଳନ ହେଇଛି।



## ଅନ୍ୟାୟ ଓ ଅବିଚାରର ପ୍ରତିବାଦ

# ଆତ୍ମଦାହ ପାଇଁ ଶିକ୍ଷୟିତ୍ରୀଙ୍କ ଧମକ

ମହୁଲଡିହା, ୨୨।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁ ୨୭ ତାରିଖରେ ଆତ୍ମାହୁତି ଦେବେ ବୋଲି ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଶ୍ରୀମତୀ ସାହୁ ତାଙ୍କ ଉପରେ ହୋଇଥିବା ଅନ୍ୟାୟ, ଅବିଚାରର ଏକ ଲମ୍ବା ତାଲିକା ଉପସ୍ଥାପନ କରିଛନ୍ତି। ବାରମ୍ବାର ତାଙ୍କ ପ୍ରତି ଅନ୍ୟାୟ, ଅବିଚାର ନେଇ କର୍ତ୍ତୃପକ୍ଷଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ସମାଧାନ ନହେବା ଏବଂ ପ୍ରଶାସନ ପାଖରୁ ନ୍ୟାୟ ପାଇବାର ଆଶା ହରାଇଥିବାରୁ ସେ ଆସନ୍ତା ୨୭ ତାରିଖରେ ଡିଇଓଙ୍କ କାର୍ଯ୍ୟାଳୟରେ ଆତ୍ମାହୁତି ଦେବାକୁ ଘୋଷଣା କରିଛନ୍ତି। ସୂଚନା ମୁତାବକ, ଆରଏନ ଗାର୍ଲସ ହାଇସ୍କୁଲ ୧୯୯୨ ମସିହାରେ ସ୍ଥାପନ ହୋଇଥିଲା। ଏହି ସ୍କୁଲ ୧୯୯୫ରେ ଅନୁମତି ଓ ସ୍ୱୀକୃତି ପାଇଥିଲା। ପ୍ରମିଳା ସାହୁ ୧୯୯୭ ମସିହାରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ତୁଲାଇ ଆସିଲେ ଏବଂ ସ୍କୁଲ ୨୦୧୫ରୁ ଅନୁଦାନ ପାଇଲା; ମାତ୍ର ଅଚାନକ ଡ଼ିଇଓ ୨୦୨୧ ମସିହା ଅକ୍ଟୋବର ୨୨ରେ ରେ ଚିଠି ସଂଖ୍ୟା - ୧୧୩୪୧ରେ ପ୍ରମିଳାଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରୁ ହଟାଇ ଦିଆଯାଇ ସହକାରୀ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଲେ। ଏପରିକି ତାଙ୍କୁ ସ୍କୁଲରେ ପଶିବାକୁ ମଧ୍ୟ ଦିଆଗଲା ନାହିଁ। ଦାୟିତ୍ୱ ହସ୍ତାନ୍ତର ନ କରିବାରୁ ୧୬.୧୧.୨୦୨୧ ଚିଠି ସଂଖ୍ୟା ୧୧୯୮୨ ବଳରେ ପ୍ରମିଳାଙ୍କୁ ନିଲମ୍ବିତ କରାଗଲା। ନିଲମ୍ବନ ପରେ କୌଣସି ତଦନ୍ତ ହେଲାନାହିଁ କି ପୁନଃ ଥଇଥାନ କରାଗଲା ନାହିଁ। ଫଳରେ ସେ ଉଚ୍ଚ ଅଦାଲତଙ୍କ ଆଶ୍ରୟ ନେଇ କୋର୍ଟଙ୍କୁ ଉତ୍ତର ଦେଇ ନ ପାରି ତରବରିଆ ଭାବେ ପ୍ରମିଳାଙ୍କୁ ପୁନଃନିଯୁକ୍ତି ଦିଆଯାଇଥିବା କୋର୍ଟକୁ ଦର୍ଶାଇ ତାଙ୍କୁ ସର୍ବାଧିକ ବରିଷ୍ଠ ଶିକ୍ଷକ ଭାବେ ଯୋଗଦାନ ପାଇଁ ପ୍ରଧାନ ଶିକ୍ଷକ ମଦନ ମୋହନ ପତି ପତ୍ର ଦେଲେ। ଚିଠି ପାଇ ପ୍ରମିଳା ୬.୧.୨୦୨୫ରେ ଯୋଗ ଦେବା ବେଳେ ସହକାରୀ ଭାବେ ଯୋଗଦାନ ପାଇଁ ବାଧ୍ୟ କରାଗଲା। ଯୋଗଦାନ ପରେ ନିଲମ୍ବନ ସମୟ ୧୬.୧୧.୨୦୨୧ରୁ ୫.୧.୨୦୨୫ ପର୍ଯ୍ୟନ୍ତ ଟଙ୍କାଟିଏ ମଧ୍ୟ ତାଙ୍କୁ ଏଯାବତ ପଇଠ କରାଯାଇ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଇତି ମଧ୍ୟରେ ଆଉ ଜଣେ ସହକାରୀ ଶିକ୍ଷୟିତ୍ରୀ ଅପର୍ଣ୍ଣା ଦେ'ଙ୍କୁ ଡିଇଓ ଗତ ସେପ୍ଟେମ୍ବର ୮ ତାରିଖରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ଅପର୍ଣ୍ଣା ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ନେବା ପରେ ଅକ୍ଟୋବର ୧୮ରେ ପ୍ରମିଳାଙ୍କୁ ନିଲମ୍ବନ କରିଛନ୍ତି। ଫଳରେ ସେ ସେପ୍ଟେମ୍ବର ମାସରେ କେବଳ ୧୭ ଦିନର ଦରମା ପାଇଛନ୍ତି। ଏ ନେଇ ଡିଇଓଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିଲମ୍ବନ କ୍ଷମତା ନ ଥିବା କହୁଛନ୍ତି; ମାତ୍ର ଅସାମ୍ବିଧାନିକ ପଦକ୍ଷେପ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ପ୍ରମିଳା ଗତ ୧୦ ତାରିଖରେ ନିଜର ଆପତ୍ତି ଦର୍ଶାଇ ଡିଇଓ, ଜିଲ୍ଲାପାଳ, ଏସପି, ମୁଖ୍ୟମନ୍ତ୍ରୀଙ୍କୁ ମେଲ ଏବଂ ଡ଼ାକଯୋଗେ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ପାଇନାହାନ୍ତି। ସେଥିପାଇଁ ଆତ୍ମାହୁତି ବ୍ୟତୀତ ଅନ୍ୟ ପନ୍ଥା ନାହିଁ ବୋଲି ଦର୍ଶାଇଥିଲେ ମଧ୍ୟ କୌଣସି ଗୁରୁତ୍ୱ ଦିଆଯାଇନାହିଁ। ଏଣୁ ସେ ଆଗାମୀ ୨୭ ତାରିଖରେ ଆତ୍ମାହୁତି ଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



● ନାହିଁ ନାହିଁରେ ଚାଲିଛି ଉଦଳା କୃଷି ଜିଲ୍ଲା ଅଧିକାରୀ କାର୍ଯ୍ୟାଳୟ

# ଦୁଇ ବୈଷୟିକ ବିଶେଷଜ୍ଞ ସମେତ ୩୦ ପଦ ଖାଲି

ଉଦଳା, ୨୨।୧୦(ସମିସ): କପ୍ତିପଦା ଉପଖଣ୍ଡ ଏକ ଅବହେଳିତ ତଥା ଅର୍ଥନୈତିକ ପଛୁଆ ଅଞ୍ଚଳ ଭାବେ ଜଣାଶୁଣା। ଚାରିଟି ବ୍ଲକକୁ ନେଇ ଏହି ଉପଖଣ୍ଡ ଗଠିତ। ଏଠାରେ ୭୦ ପ୍ରତିଶତରୁ ଅଧିକ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଜୀବିକା ପାଇଁ ସଂଗ୍ରାମ କରୁଛନ୍ତି। କୃଷି ହିଁ ଏକମାତ୍ର ବିକଳ୍ପ। ଏଣୁ ଏହି ଅଞ୍ଚଳରେ କୃଷିର ଗୁଣାତ୍ମକ ବିକାଶ ସରକାରଙ୍କ ବିଭିନ୍ନ ଯୋଜନାର ସଠିକ ଓ ସଫଳ ରୂପାୟନର ଆବଶ୍ୟକତା ରହିଛି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭନ୍ନ ଯୋଜନା ଓ କାର୍ଯ୍ୟକ୍ରମ କରାଯାଇ ଅଞ୍ଚଳର କୃଷିରେ ବୈଷୟିକ ପ୍ରୟୋଗକୁ ପ୍ରାଧାନ୍ୟ ଦେଇ ଉତ୍ପାଦନ ବୃଦ୍ଧି ସାଙ୍ଗକୁ କୃଷକର ଅର୍ଥନୈତିକ ଅବସ୍ଥାକୁ ସୁଦୃଢ଼ କରିବା ମୂଳ ଲକ୍ଷ୍ୟ; ହେଲେ ଜିଲ୍ଲାରେ ସବୁ ଯୋଜନା ଯେମିତି କେବଳ ଔପଚାରିକଭାବେ ଚାଲିଛି। କାରଣ ଉଦଳା କୃଷି ଜିଲ୍ଲା କାର୍ଯ୍ୟଳୟରେ ଆବଶ୍ୟକ କର୍ମଚାରୀ କି ବୈଷୟିକ ବିଶେଷଜ୍ଞ ଅଧିକାରୀ ନାହାନ୍ତି। ଖରିଫ ଋତୁ ସମୟରେ ଗୁରୁତ୍ୱପୂର୍ଣ୍ଣ କୃଷି ଅଧିକାରୀ ପଦ ଖାଲି ପଡ଼ିବା ବିଭାଗ ପ୍ରତି ସରକାରୀ ଉଦସୀନତାକୁ ସ୍ପଷ୍ଟ କରୁଛି। ଏପରିକି ଉପଖଣ୍ଡର ସବୁ ପଞ୍ଚାୟତରେ ମଧ୍ୟ ତୃଣମୂଳସ୍ତରରେ ଯୋଜନାକୁ ପରିଚାଳନା କରୁଥିବା ଗ୍ରାମ କୃଷି ଅଧିକାରୀ ପଦବୀ ମଧ୍ୟ ଖାଲି ପଡ଼ିଛି। ଏହି କୃଷି ଜିଲ୍ଲା ଅଧିକାରୀଙ୍କ ଅଧୀନରେ ଥିବା ଶସ୍ୟ ସଂଗ୍ରକ୍ଷଣ ଅଧିକାରୀ ଓ କ୍ଷେତ୍ର ପରିଚାଳନା ଅକାରୀ ପଦବୀ ଉଚ୍ଛେଦ ହୋଇଯାଇଥିବାବେଳେ ୬୫ଟି ଗ୍ରାମ କୃଷି କର୍ମଚାରୀ ପଦରୁ ୩୭କୁ ହ୍ରାସ କରାଯାଇଛି। ଫଳରେ୨୮ ପଦବୀ ଉଚ୍ଛେଦ କୃଷି ବିଭାଗ ବାସ୍ତବତାକୁ ସ୍ପଷ୍ଟ କରୁଛି। ତେବେ ୩୭ଟି ଗ୍ରାମ କୃଷି କର୍ମଚାରୀ ପଦବୀରୁ ବର୍ତ୍ତମାନ ୨୩ଟି ପଦବୀ ଖାଲି ପଡ଼ିଛି। ସେହିପରି ବ୍ଲକ କୃଷି ଅଧିକାରୀ ପଦ ଖାଲି ରହିଥିବାବେଳେ ଜଣେ ସିନିୟର ଆସିଷ୍ଟାଣ୍ଟ ମୁଖ୍ୟ, ଜୁନିୟର ଆସିଷ୍ଟାଣ୍ଟ, ୱାଚମ୍ୟାନ ଓ କମ୍ପ୍ୟୁଟର ଅପରେଟର ଓ ଡ୍ରାଇଭର, ପିଅନ ଆଦି ବହୁ ପଦ ମଧ୍ୟ ଖାଲି ପଡ଼ିଛି। ଉପଖଣ୍ଡରେ ଖରିଫବେଳେ ରବି ଋତୁରେ ୧୨ ହଜାର ହେକ୍ଟରରୁ ୫୦ ହଜାର ହେକ୍ଟର ଧାନ ଚାଷ ହେଉଥିବା ଅଧିକ ଚାଷ ହୋଇଥାଏ। ଏଣୁ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଆନ୍ତଃରାଜ୍ୟ ନଦୀ ସଂଯୋଗ ଯୋଜନାରୁ ମୟୂରଭଞ୍ଜ ବାଦ

## ଦୁଇ ଜିଲ୍ଲାରେ ଜଳପ୍ରଳୟ କରୁଛି ସୁବର୍ଣ୍ଣରେଖା, ବୁଢାବଳଙ୍ଗ

ବାରିପଦା,୨୨।୧୦(ସମିସ):

ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଓ ବୁଢାବଳଙ୍ଗ ନଦୀର ବନ୍ୟାଜଳ ପ୍ରତିବର୍ଷ ବ୍ୟାପକ କ୍ଷତି କରୁଛି। ବର୍ଷା ଋତୁ ଆସିଲେ ଏହି ଦୁଇଟି ଜିଲ୍ଲାର ୧୦ରୁ ଊର୍ଦ୍ଧ୍ୱ ବ୍ଲକର ୫୦ ହଜାରରୁ ଅଧିକ ପରିବାର ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ମୟୂରଭଞ୍ଜର ପୂର୍ବାଞ୍ଚଳ ସମତଳ ଭୂମି ଓ ବାଲେଶ୍ୱରର ଉପକୂଳବର୍ତ୍ତୀ ଅଞ୍ଚଳରେ

- **ବର୍ଷାରେ ବନ୍ୟା; ଗ୍ରୀଷ୍ମରେ ମରୁଡି**
- **ବିଂଶ ଶତାବ୍ଦୀରେ ଏନ୍‌ଡବ୍ଲୁଡିଏ ଦେଇଥିଲା ପ୍ରସ୍ତାବ**

ମୌସୁମୀ ଜନିତ ୧,୫୦୦-୧,୭୦୦ ମିମି ବର୍ଷା ସମୟରେ ସୁବର୍ଣ୍ଣରେଖାର ଅତିରିକ୍ତ ଜଳପ୍ରବାହ ଓ ବୁଢାବଳଙ୍ଗର ସୀମିତ ନିଷ୍କାସନ କ୍ଷମତା ଯୋଗୁଁ ବନ୍ୟା ସୃଷ୍ଟି ହୋଇଥା,। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଉପରୋକ୍ତ ଦୁଇଟି ନଦୀରେ ବ୍ୟାରେଜ ନ ଥିବାରୁ ବର୍ଷାଦିନର ଉଦବୃତ୍ତ ବନ୍ୟା ଜଳ ସଂରକ୍ଷଣ ଅଭାବରୁ ପରବର୍ତ୍ତୀ ସମୟରେ କାର୍ଯ୍ୟରେ ଲାଗି ନ ଥାଏ। ବାଲେଶ୍ୱର ସଦସର ତଳିଆ ଅଞ୍ଚଳ, ବସ୍ତା, ଭୋଗରାଇ, ରେମୁଣା, ଜଳେଶ୍ୱର ବାଲିଆପାଳ ଏବଂ ମୟୂରଭଞ୍ଜର ବାରିପଦା, ସାରସକଣା, ରାସଗୋବିନ୍ଦପୁର, ବେତନଟୀ, ବଡସାହି ଓ ବାଙ୍ଗିରିପୋଷି ଅଞ୍ଚଳରେ ବନ୍ୟା ଆସି ଫସଲ, ଜମି ଓ ଘରବାଡ଼ି ନଷ୍ଟ କରିଥାଏ। ଗତ ଦଶନ୍ଧିରେ ଏହି ଦୁଇ ଜିଲ୍ଲାରେ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି ଏବଂ ଶହ ଶହ ପରିବାର ବିସ୍ଥାପିତ ହୋଇଛନ୍ତି। ଅପର୍ଯ୍ୟାପ୍ତ ଜଳ ନିଷ୍କାସନ ଓ ସଂରକ୍ଷଣ ବ୍ୟବସ୍ଥା ଏହି ସମସ୍ୟାକୁ ଅଧିକ ଜଟିଳ କରୁଛି। ଅନ୍ୟପକ୍ଷରେ ମୟୂରଭଞ୍ଜର ପଶ୍ଚିମାଞ୍ଚଳର ଶିମିଳିପାଳ ଉଚ୍ଚଭୂମି ଅଞ୍ଚଳ ଜଳ ବିହୁନେ ଚାଷ ବାସରେ ସମସ୍ୟା ହେଉଛି; ଯାହା ଚାଷୀଙ୍କ ଜୀବନଜୀବିକାକୁ ଆହୁରି ବିପନ୍ନ କରୁଛି। ଓଡ଼ିଶା ସରକାରଙ୍କ ଅନ୍ତଃରାଜ୍ୟ ନଦୀ ସଂଯୋଗ ଯୋଜନାରେ ୧,୭୯୦ କୋଟି ଟଙ୍କା ବ୍ୟୟରେ ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଯୋଜନା ହୋଇଛି। ଜଳବାୟୁ ପରିବର୍ତ୍ତନ ଜନିତ ଅନିୟମିତ ବର୍ଷାକୁ ମୁକାବିଲା କରିବା ପାଇଁ ଜଳସମ୍ପଦ ଅଧିକ ଥିବା ନଦୀ ଅବବାହିକାକୁ ଜଳହୀନ ଅଞ୍ଚଳ ସହ ସଂଯୋଗ କରିବ। ଏହା ମରୁଡି ପ୍ରତିରୋଧ, ବନ୍ୟା ନିୟନ୍ତ୍ରଣ, ଜଳସେଚନ ବୃଦ୍ଧି ଓ କୃଷି ଉତ୍ପାଦନକୁ ଉନ୍ନତ କରିବ। ଅକ୍ଟୋବର ୧୦ ତାରିଖରେ ଅନୁମୋଦିତ ରାଜ୍ୟର ୬ଟି ପ୍ରକଳ୍ପ ସ୍ଥାନ ପାଇଛି। କିନ୍ତୁ ଏହି ତାଲିକାରେ ମୟୂରଭଞ୍ଜ କି ବାଲେଶ୍ୱରର ନାଁ ନାହିଁ; ଯାହା ସୁବର୍ଣ୍ଣରେଖା-ବୁଢାବଳଙ୍ଗ ନଦୀ ସଂଯୋଗ ନେଇ ଅସନ୍ତୋଷ ସୃଷ୍ଟି କରିଛି। ଏହି ଯୋଜନାରେ ମୟୂରଭଞ୍ଜ ଓ ବାଲେଶ୍ୱର କାହିଁକି ସାମିଲ ହେଲାନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଳସମ୍ପଦ ବିଭାଗର ଏକ ପ୍ରେସ୍ ବିବୃତିରେ ଏହି ନଦୀ ସଂଯୋଗୀକରଣ ନେଇ ୨୫ ବର୍ଷ ତଳେ ପରିକଳ୍ପନା ହୋଇଥିଲା; କିନ୍ତୁ ମୟୂରଭଞ୍ଜ ଓ ବାଲେଶ୍ୱରର ନାମ ନାହିଁ; ଯଦିଓ ଜାତୀୟ ଜଳ ଉନ୍ନୟନ ସଂସ୍ଥା (ଏନଡବ୍ଲୁଡିଏ)ର ୨୦୦୦ ଦଶକରେ କରାଯାଇଥିବା ଆନ୍ତଃରାଜ୍ୟ ଅଧ୍ୟୟନରେ ସୁବର୍ଣ୍ଣରେଖା-ବୁଢାବଳଙ୍ଗ ସଂଯୋଗର ସମ୍ଭାବ୍ୟତାକୁ ପରିପୁଷ୍ଟ କରିଛି। ଏହାର ଅନ୍ତର୍ଭୁକ୍ତି ନ ହେବାର କାରଣ ମଧ୍ୟରେ ରହିଛି ପ୍ରାଥମିକ ପର୍ଯ୍ୟାୟରେ ଦକ୍ଷିଣ ଓ ମଧ୍ୟ ଓଡ଼ିଶାର ଅବବାହିକାଙ୍କୁ ଅଗ୍ରାଧିକାର ଦେବା। ଏହି ଅଞ୍ଚଳରେ ସମ୍ଭାବ୍ୟତା ଅଧ୍ୟୟନ ଅଧିକ ଉନ୍ନତ, ରାଜନୈତିକ ଓ ଆଞ୍ଚଳିକ ସମର୍ଥନ ସୁଦୃଢ଼ ଥିବା ଜଣାପଡିଛି। ସୁବର୍ଣ୍ଣରେଖା ଏକ ଆନ୍ତଃରାଜ୍ୟ ନଦୀ; ଯାହା ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହ ଭାଗୀଦାରୀ ହେଉଛି। ତେଣୁ ଏହି ଦୁଇ ନଦୀ ସଂଯୋଗ ପ୍ରକଳ୍ପକୁ ଜଟିଳ କରିପାରେ। ଅଧିକନ୍ତୁ, ମୟୂରଭଞ୍ଜର ଶିମିଳିପାଳ ଓ ୬୦% ଜଙ୍ଗଲ ଅଞ୍ଚଳରେ ନିର୍ମାଣ ଜନିତ ପରିବେଶଗତ ପ୍ରଭାବ ଓ ସ୍ଥାନୀୟ ବିରୋଧ ମଧ୍ୟ ଏକ ପ୍ରତିବନ୍ଧକ ସାଜିବା ଆଶଙ୍କା ରହିଛି। ସୁବର୍ଣ୍ଣରେଖା-ବୁଢାବଳଙ୍ଗ ନଦୀ ସଂଯୋଗ ମୟୂରଭଞ୍ଜ ଓ ବାଲେଶ୍ୱର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇପାରେ। ଏହି ସଂଯୋଗ ସୁବର୍ଣ୍ଣରେଖାର ଅତିରିକ୍ତ ବନ୍ୟାଜଳକୁ ବୁଢାବଳଙ୍ଗ ଅବବାହିକାକୁ ସ୍ଥାନାନ୍ତର କରି ବାଲେଶ୍ୱରର ଉପକୂଳୀୟ ଅଞ୍ଚଳରେ ବନ୍ୟା ହ୍ରାସ କରିବ ଓ ମୟୂରଭଞ୍ଜର ପଶ୍ଚିମାଞ୍ଚଳରେ ମରୁଡି ନିୟନ୍ତ୍ରଣ କରିବ। ମୟୂରଭଞ୍ଜର ୨୫.୨ ଲକ୍ଷ ଜନସଂଖ୍ୟାର ୭୦% ଚାଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜନିତ ବର୍ଷା ଉପରେ ନିର୍ଭରଶୀଳ; କିନ୍ତୁ ମାତ୍ର ୨୫-୩୦% ଜମିରେ ଜଳସେଚନ ସୁବିଧା ଅଛି। ଏହି ସଂଯୋଗ ଦ୍ୱାରା ୧ରୁ୨ ଲକ୍ଷ ହେକ୍ଟର ଅତିରିକ୍ତ ଜମିରେ ଜଳ ସେଚନ ସମ୍ଭବ ହେବା ସହ ଧାନ ଚାଷ ଓ ଚାଷୀଙ୍କ ଆୟକୁ ବୃଦ୍ଧି କରିବ। ବାଲେଶ୍ୱରରେ ଜଳ ନିଷ୍କାସନ ବ୍ୟବସ୍ଥା ଉନ୍ନତ ହେବ ଓ ଭୂଗର୍ଭ ଜଳ ପୁନର୍ଭରଣ ଦ୍ୱାରା ପାନୀୟ ଜଳ ସମସ୍ୟା ହ୍ରାସ ପାଇବ। ଏହା ମୟୂରଭଞ୍ଜର ୬୦% ଜଙ୍ଗଲ ଓ ଶିମିଳିପାଳ ଟାଇଗର ରିଜର୍ଭ ପରି ଜୈବବିବିଧତା କ୍ଷେତ୍ରରେ ପରିବେଶଗତ ସନ୍ତୁଳନ ରକ୍ଷା କରିବା ସହ କୃଷି ପ୍ରୋତ୍ସାହନ କରିବ। ବାରିପଦା ଓ ବାଲେଶ୍ୱରର କୃଷକ ସଂଘ ଓ ପରିବେଶବିତ୍ ଏହାକୁ 'ଉତ୍ତର ଓଡ଼ିଶା ପାଇଁ ଅବହେଳା' ବୋଲି ଅଭିହିତ କରି ଶୀଘ୍ର ପ୍ରକଳ୍ପ ଅନ୍ତର୍ଭୁକ୍ତି ଦାବି କରୁଛନ୍ତି। ଏନେଇ ମୟୂରଭଞ୍ଜର କୃଷକ ନେତା ପୁରଷାତ୍ତମ ପଣ୍ଡା କହନ୍ତି ଯେ, ସୁବର୍ଣ୍ଣରେଖା ଓ ବୁଢାବଳଙ୍ଗର ଜଳ ନିୟନ୍ତ୍ରଣ ନ ହେଲେ ବନ୍ୟା ଓ ମରୁଡି ଦୁଃଖ ଭୋଗୁଛୁ। ଏହି ସଂଯୋଗ ଆମର ଜୀବନ ବଦଳାଇ ପାରେ। ପରିବେଶବିତ୍ ରମାକାନ୍ତ ମହାନ୍ତଙ୍କ ମତରେ ପରିବେଶ ସୁରକ୍ଷା ସହ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପଡିବ। ଏହା ହେଲେ ଜିଲ୍ଲାରେ କୃଷି କ୍ଷେତ୍ରରେ ଏକ ବିପ୍ଳବ ଆସିବ। ତେବେ ଜଳସମ୍ପଦ ବିଭାଗ ଅଧିକାରୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଉତ୍ତର ଓଡ଼ିଶାର ଅଞ୍ଚଳଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଓ ଅଧ୍ୟୟନ ଜାରି ରହିଛି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜଳସଂପଦ ବିଭାଗ କହିଛି ଯେ, ଏନଡବ୍ଲୁଡିଏର ୩୭ଟି ଆନ୍ତଃରାଜ୍ୟ ରିପୋର୍ଟ ଓ ଓଡ଼ିଶାର ପୂର୍ବତନ ପ୍ରସ୍ତାବକୁ ଆଧାର କରି ଏହି ସଂଯୋଗ ଭବିଷ୍ୟତରେ ଅନୁମୋଦିତ ହୋଇପାରେ। ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା ଓ ଅଗ୍ରଗତି ବିବରଣୀ ଶୀଘ୍ର ପ୍ରକାଶ କରିବ ବୋଲି କହିଛି।




# ହାଇୱା ଧକ୍କାରେ ପ୍ରଧାନ ଶିକ୍ଷୟିତ୍ରୀ ମୃତ, ସ୍ୱାମୀ ଗୁରୁତର



ବାରିପଦା, ୨୨।୧୦(ସମିସ): ବାରିପଦା ଷ୍ଟେସନ ବଜାର ରୋଡରେ ହାଇୱା ଧକ୍କାରେ ବୁଧବାର ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଥିବା ଜଣାପଡିଛି। ମୃତ ପ୍ରଧାନ ଶିକ୍ଷୟତ୍ରୀ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ଷ୍ଟେସନ ବଜାରର ସିଦ୍ଧେଶ୍ୱର ମିଶ୍ରଙ୍କ ପତ୍ନୀ ରତ୍ନପ୍ରଭା ଷଡ଼ଙ୍ଗୀ (୫୩)। ସେ ପୁଲିସ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। ବୁଧବାର ସ୍କୁଲ ଛୁଟି ହେବା ପରେ ସେ ସ୍ୱାମୀଙ୍କ ସହ ବାଇକ ଯୋଗେ ଘରକୁ ଫେରୁଥିଲେ। କୃଷ୍ଣଚନ୍ଦ୍ର ଗୋଲେଇରୁ ଷ୍ଟେସନ ବଜାର ରାସ୍ତାରେ ଯାଉଥିବା ବେଳେ ଅପରାହ୍ନ ୫ଟାରେ ଏକ ଦ୍ରୁତଗାମୀ ହାଇୱା ଆସି ପଛରୁ ଧକ୍କା ଦେବାରୁ ବାଇକ ପଛରେ ବସିଥିବା ରତ୍ନପ୍ରଭା ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏଥିସହିତ ତାଙ୍କ ସ୍ୱାମୀଙ୍କ ଗୋଡ଼ରେ ହାଇୱା ଚଢିଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରତ୍ନପ୍ରଭାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡଡାକ୍ତଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବାରିପଦା ଟାଉନ ଥାନା ପୁଲିସ ପହଞ୍ଚି ହାଇୱା ଓ ବାଇକକୁ ଜବତ କରିବା ସହ ଏକ ଦୁର୍ଘଟଣା ମାମଲା ରୁଜୁ କରିଛି। କିଛି ଦିନ ପୂର୍ବରୁ ସ୍ୱାମୀ ସିଦ୍ଧେଶ୍ୱର ମିଶ୍ର ବାଇଗଣବାଡିଆର ଉତ୍କଳମଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ଦୁଇ ପୁଅ ଓ ଝିଅ ହସ୍ପିଟାଲରେ ପହଞ୍ଚିଥିଲେ। ହସ୍ପିଟାଲ ପରିସରରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା।

# କୈଳାସ ଅଗ୍ରୱାଲଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକସଭା



ବାରିପଦା, ୨୨।୧୦(ସମିସ): ବୁଧବାର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବାରିପଦା ସରକାରୀ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ କୈଳାସଚନ୍ଦ୍ର ଅଗ୍ରୱାଲଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ନେତାମାନେ ସ୍ମୃତିଚାରଣ କରି ସ୍ୱର୍ଗତ ଅଗ୍ରୱାଲ ଜଣେ ସୁସଙ୍ଗଠକ ସହିତ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି, ବେତନଟୀ ବ୍ଲକ ଅଧ୍ୟକ୍ଷ ଥିବା ସମୟରେ ଅନେକ ବିକାଶ ମୂଳକ କାର୍ଯ୍ୟ କରି ଚିରସ୍ମରଣୀୟ ହୋଇ ରହିବେ। ଶ୍ରୀ ଅଗ୍ରୱାଲ କଂଗ୍ରେସ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଦଳୀୟ ନେତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମପି ସୁଶୀଳା ତିରିଆ, ପୂର୍ବତନ ଜିଲ୍ଲା ସଭାପତି ଦୀନକୃଷ୍ଣ, ପ୍ରଦୀପ ରଥ, ଏସଟି ସେଲ ଚୈତନ୍ୟ ହାଁସଦା, ଜ୍ୟୋତି ପ୍ରକାଶ ରଥ, ବିଜନ ଦାସଙ୍କ ସହିତ ସଭାରେ ନାରାୟଣ ପଟ୍ଟନାୟକ, ଅଜୟ ମହାପାତ୍ର, ମୀନକେତନ ବେହେରା, ନିରୋଜ ଲୋଚନ ଦାସ, ଅଶୋକ ଗିରି, ବିଜୟ କୁମାର ଅଗ୍ରୱାଲ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ସମର ରଞ୍ଜନ ଦାସ, ନିର୍ମଳ ପ୍ରଧାନ, ଗୋସାଇଁ ମହାନ୍ତ, ବନମାଳୀ ବାରିକ, ରାଣା ସତ୍ୟକମ, ଦୀପକ ଦାସ, ମହିଳା ନେତ୍ରୀ ମାଧବୀ ସେନାପତି, ସୁନିତା ନାୟକ, ରଶ୍ମିତା ମିଶ୍ର, ଇତି ମିଶ୍ର, ୱାହିଦା ଅହମ୍ମଦ, ଭୁବନେଶ୍ୱରୀ ପରିଡା, ରବି ପରିଡାଙ୍କ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ।

# ହଳଦା ଗ୍ରାମରେ କୁଡୁମୀ ସଂପ୍ରଦାୟର ଗୋଠ ପୂଜା



ରାଇରଙ୍ଗପୁର,୨୨।୧୦(ସମିସ): ବାର ମାସରେ ତେର ପର୍ବ ପାଳନ ହୁଏ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ। କାଳୀପୂଜାର ଅମାବାସ୍ୟା ତିଥିଠାରୁ ୩ ଦିନ ଧରି ବନ୍ଦଣା ପର୍ବ ପାଳନ କରାଯାଇଥାଏ। ଏହି ପର୍ବକୁ ଜନଜାତି ସମ୍ପ୍ରଦାୟର ଲୋକେ ପାଳନ କରିଥାନ୍ତି। ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ହଳଦା ଗ୍ରାମପଞ୍ଚାୟତ ହଳଦା ଗ୍ରାମରେ କୁଡୁମୀ ଆଦିବାସୀ ସଂପ୍ରଦାୟର ଲୋକେ ଏହି ପର୍ବକୁ ଜାକଜମକ ସହିତ ପାଳନ କରିଥାନ୍ତି। ପ୍ରଥମ ଦିନରେ ଗୋଠାଣେ ଆଖଡାରେ ଗୋଠ ପୂଜା କରାଯାଇଥାଏ। ଏହି ପୂଜାରେ କେବଳ ପୁରୁଷ ସାମିଲ ହୋଇଥାନ୍ତି। ଗୋଠ ପୂଜାରେ ଗ୍ରାମର ଦେହୁରୀ ଉପବାସ ରହି ଗୋଠାଣେ ଆଖଡାକୁ ମାଦଳର ତାଳେ ଆଖଡାକୁ ଅଣାଯାଏ। ପରେ ସେଠାରେ ଗ୍ରାମଦେବୀ ଓ ଇଷ୍ଟ ଦେବତାଙ୍କୁ ପୂଜା ଅର୍ପଣ କରି ଅପରାହ୍ନରେ ଏକ ଅଣ୍ଡାକୁ ପୂଜା କରି ପଡିଆର ମଧ୍ୟଭାଗରେ ପୂଜା କରି ରଖାଯାଇଥାଏ। ଏହି ଅଣ୍ଡାକୁ ଗୋଠରେ ଆସୁଥିବା ଗ୍ରାମର ଗାଇ ବଳଦଙ୍କ ଦ୍ୱାରା ମାଡିବାର ପ୍ରୟାସ କରାଯାଏ। ଏହି ବିଧି ମଧ୍ୟରେ ଯେଉଁ ଗୋରୁ ପୂଜା ହୋଇଥିବା ଅଣ୍ଡା ମାଡେ ଉକ୍ତ ଗାଇ କି ଗୋରୁକୁ ବନ୍ଦାପଣା କରିବା ସହ ଗୋପାଳକ ଓ ମାଲିକଙ୍କୁ ଗ୍ରାମବାସ ମଥାରେ ସିନ୍ଦୂର ଚନ୍ଦନ ଟିପ ପିନ୍ଧାଇଥାନ୍ତି। ଏହି ପରମ୍ପରାକୁ ଅଣ୍ଡା ମଡା ପର୍ବ ବା ଗୋଠ ପୂଜା ବୋଲି କୁହାଯାଏ। ତାପର ଦିନ ପ୍ରତ୍ୟେକ ଘରେ ଗୁହାଳ ପୂଜା ସହିତ ତୃତୀୟ ଦିନରେ ଗୋରୁଖୁଣ୍ଟା ପର୍ବ ଆୟୋଜିତ ହୁଏ। ରାତି ସାରା ଗାଁରେ ଚାଲେ ନାଚଗୀତର ଆସର। ଏହି ନାଚଗୀତର ଆସରକୁ ଡେଙ୍ଗୁଆନ୍ ପରବ ମଧ୍ୟ ଦେହାତି ଭାଷାରେ କୁହାଯାଏ। ତେବେ ପୂଜା ପର୍ବ ପାଳନ ପରେ ଚାଷୀ ଧାନ କ୍ଷେତରୁ ମା' ଲକ୍ଷ୍ମୀଙ୍କୁ ସ୍ମରଣ କରି ଧାନ କଟା ଆରମ୍ଭ କରାଯାଏ। ଏହା ହେଉଛି କୁଡୁମୀ ସଂପ୍ରଦାୟର ବନ୍ଦଣା ପର୍ବର ପ୍ରଚଳିତ ପାରମ୍ପରିକ ପରବ। ଦେହୁରୀ ସପନ ମହାନ୍ତ, ସହଯୋଗୀ ଦୁଲାଲ୍ ଗୋପ୍, ମନରଞ୍ଜନ ମହାନ୍ତ, ଅସିତ୍ ମହାନ୍ତ, ଚନ୍ଦନ ମହାନ୍ତ, ପଙ୍କଜ ମହାନ୍ତ, ବାପୁନ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ବହଳଦା ଅଞ୍ଚଳରୁ ଦେଶୀ ବନ୍ଧୁକ ଜବତ

କୁଆମରା,୨୨।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଶିମିଳିପାଳ ପାଦଦେଶରେ ଅବସ୍ଥିତ ବହଳଦା ଅଞ୍ଚଳରୁ ଏକ ଦେଶୀ ବନ୍ଧୁକ ଜବତ କରିଛି ପୁଲିସ। ପାଟ୍ରୋଲିଂ ସମୟରେ ଏକ ଗଛ ମୂଳରେ କେହି ବନ୍ଧୁକ ରଖିଥିବା ଦେଖିବାକୁ ମିଳିଥିଲା। ବିଗତ ଦୁଇ ବର୍ଷ ଧରି ଖୁଣ୍ଟା ଥାନା ଅଞ୍ଚଳରେ ଅନେକ ଶିକାରୀ ଥାନାରେ ପହଞ୍ଚି ବେଆଇନ ଭାବେ ରଖିଥିବା ବନ୍ଧୁକ ସହ ଆତ୍ମସମର୍ପଣ କରିଥିଲେ। ଆଉ କେତେକ ଶିକାରୀ ଜଙ୍ଗଲ ମଧ୍ୟକୁ ଫିଙ୍ଗି ଦେଇ ଚାଲି ଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଶିକାରୀମାନେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଏଥି ପୂର୍ବରୁ ଜୀବଜନ୍ତୁଙ୍କୁ ଅବାଧରେ ଶିକାର କରୁଥିଲେ। ବନ ବିଭାଗ ଓ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରିବା ସହ ଗାଁ ଗାଁରେ ସଚେତନତା ସୃଷ୍ଟି କରିବା ଯୋଗୁଁ ଏବେ ଶିକାର କମି ଯାଇଛି। ଏ ନେଇ ଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବିପୁଳ ପୋଚ ଓ ଦେଶୀ ମଦ ଜବତ, ୨ ଗିରଫ

ବଡ଼ସାହି,୨୨।୧୦(ସମିସ): ବଡସାହି ଥାନା ଅଧୀନ ପଟିସାରି ଉପକଣ୍ଠ ତେନ୍ତୁଳିଗାଁ -ଆଦିଡିହା ଗ୍ରାମରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ବୁଧବାର ଚଢ଼ଉକରି ବିପୁଳ ପରିମାଣର ମହୁଲ ପୋଚ ଏବଂ ରନ୍ଧାମଦ ସମେତ ଚୋରାମଦ ଚାଲାଣ କରୁଥିବା ଏକ କାରକୁ ଜବତ କରାଯାଇଛି। ଏହି ବେଆଇନ କାରବାରରେ ଜଡିତ ଦୁଇଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ହେଲେ ଆଦିଡିହା ଗ୍ରାମର ସ୍ୱର୍ଗତ ଜଗନ୍ନାଥ ଜେନାଙ୍କ ପୁଅ ଗଦାଧର ଜେନା (୪୫) ଓ ସଦାନନ୍ଦ ଜେନାଙ୍କ ପୁଅ ସଞ୍ଜୟ ଜେନା (୧୯)। ବଡ଼ସାହି ଥାନା ଅଧୀନ ଆଦିଡିହା ଅଞ୍ଚଳରେ ଚୋରା ଦେଶୀମଦ କାରଖାନା ଚାଲିଥିବାର ଖବରପାଇ ଅବକାରୀ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ମୋବାଇଲ ୟୁନିଟ ଏବଂ ସଶସ୍ତ୍ର ପୁଲିସଫୋର୍ସ ସହାୟତାରେ ଆଦିଡିହା ଗ୍ରାମରେ ବୁଧବାର ମିଳିତ ଭାବରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଆଦିଡିହା ଗ୍ରାମରେ ଚାଲିଥିବା ଚୋରା ଦେଶୀମଦ କାରଖାନାରୁ ୩ହଜାର ୭ଶହ ୫୦ କେଜି ମହୁଲପୋଚ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ନଷ୍ଟ କରାଯାଇଥିଲା। ଏଥି ସହିତ ଏକ ନମ୍ବର ବିହୀନ କାରକୁ ମଧ୍ୟ ଜବତ କରାଯାଇଛି। ଏହି ଚଢ଼ାଉରେ ଉଦଳା ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ଡି, ଏଏସଆଇ ଜି. କାମେଶ୍ୱର ଏବଂ ବେତନଟୀ ଟିମ ସମେତ ସଶସ୍ତ୍ର ପୁଲିସଫୋର୍ସ ସାମିଲ ଥିଲେ। ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



# ଗଙ୍ଗାହାର ନଦୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

କୁଆମରା,୨୨।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକର ଅନ୍ତର୍ଗତ ଟିଟିଆ ପଞ୍ଚାୟତ ଯଦୁରଘେରା ଗ୍ରାମର ଆଜି ଜଣେ ବୃଦ୍ଧାଙ୍କ ମୃତଦେହ ଗଙ୍ଗାହାର ନଦୀରୁ ଉଦ୍ଧାର ହୋଇଛି। ମୃତକ ହେଉଛନ୍ତି ରକ୍ମିଣୀ ମହାପାତ୍ର (୭୫)। ସେ ଆଜି ସକାଳେ ଗଙ୍ଗାହାର ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ଅସାବଧାନତା ବଶତଃ ନଦୀର ଗଭୀର ଜଳ ମଧ୍ୟରେ ପଡିଯାଇ ବାହାରିପାରି ନ ଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନଥିଲେ। ଖୁଣ୍ଟା ଅଗ୍ନିଶମ ବିଭାଗ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନଦୀର ଗଭୀର ଜଳ ମଧ୍ୟରୁ ତାଙ୍କୁ ଉଦ୍ଧାର କରିଥିଲେ। ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

**ନବମ ଜିଲ୍ଲା ପରିଷଦ ବୈଠକରେ ତମ୍ବିତୋଫାନ**

# ଜନପ୍ରତିନିଧିଙ୍କୁ ଉପେକ୍ଷା; ଶାସକ ଦଳକୁ ଗୁରୁତ୍ୱ

ବାରିପଦା, ୨୨।୧୦(ସମିସ):

ସରକାରୀ କାର୍ଯ୍ୟକ୍ରମରେ ପ୍ରଶାସନ ପକ୍ଷରୁ ନିର୍ବାଚିତ ପ୍ରତିନିଧିଙ୍କୁ ସାମିଲ ଦୂରେ ଥାଉ ସୂଚନା ବି ଦିଆଯାଉ ନ ଥିବାରୁ ମୟୂରଭଞ୍ଜ ଜିଲ୍ଲା ପରିଷଦର ନବମ ଜିଲ୍ଲା ପରିଷଦ ବୈଠକରେ ବୁଧବାର ତୁମ୍ବିତୋଫାନ ହୋଇଛି। ଶେଷରେ ଜିଲ୍ଲାପାଳ ଗୃହର ସଦସ୍ୟ/

**ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେଇ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ସ୍ୱାଭାବିକ**

ସଦସ୍ୟାଙ୍କ ଉପସ୍ଥାପିତ ନିର୍ଦ୍ଦିଷ୍ଟ ପ୍ରସଙ୍ଗର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରତିଶ୍ରୁତି ଦେବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବଚରଣ ମାଝୀ, ବିଧାୟକ ଭାସ୍କର ମଢେଇ, ପ୍ରକାଶ ସୋରେନ, ଭାଦବ ହାଁସଦା, ସନାତନ ବିଜୁଳି, ଜଲେନ ନାଏକ, ଜିଲ୍ଲା ପରିଷଦ ଉପସଭାପତି ବିପିନ ସିଂ ବାଦ୍ରା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ପରିଷଦର ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ବିଭାଗର ଆଲୋଚନା ସମୟରେ ବିଶୋଇଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାକୁ ନିର୍ବାଚିତ ଜନପ୍ରତିନିଧିଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା; କିନ୍ତୁ ବିଜେପିର ୩ଜଣ ଦଳୀୟ କର୍ମକର୍ତ୍ତାଙ୍କୁ ଅତିଥି ଭାବେ ଆମନ୍ତ୍ରଣ କରି ମଞ୍ଚାସୀନ କରିବାକୁ ନେଇ ୩୪ନଂ. ଜିଲ୍ଲାପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ (ଜେଏମଏମ) ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପ୍ରଶ୍ନ ପଚାରିବାରୁ ଅନ୍ୟ ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟା ବିରୋଧ କରିଥିଲେ। ଫଳରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସେମାନଙ୍କୁ ବ୍ଲକସ୍ତରୀୟ ସରକାରୀ କାର୍ଯ୍ୟକ୍ରମ ସାମିଲ କରାଯାଉ ନ ଥିବାରୁ ସଭିଏଁ ବିରୋଧର ସ୍ୱର ମିଳାଇଥିଲେ। ସୂଚନାଥାଉ କି, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲା ପରିଷଦର ୫୬ଟି ଜୋନ ମଧ୍ୟରୁ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ସମେତ ୫୩ଜଣ ବିଜେଡି ଏବଂ ଜେଏମଏମର ୩ଜଣ ସଦସ୍ୟ ନିର୍ବାଚିତ ହୋଇଥିବାବେଳେ ବିଜେପିରୁ ଜଣେ ମଧ୍ୟ ନିର୍ବାଚିତ ହୋଇ ନ ଥିଲେ। ଏଣୁ ପ୍ରଶାସନର ଏଭଳି ଅଣଦେଖାକୁ ପ୍ରବଳ ବିରୋଧ ହୋଇଥିଲା। ଶେଷରେ ମନ୍ତ୍ରୀ ଡା ମହାପାତ୍ର ହସ୍ତକ୍ଷେପ କରି ଏପରି ଘଟଣା ପୁନରାବୃତ୍ତି ନ ହେବାକୁ ଚେତାବନୀ ଦେଇଥିଲେ। ଜିଲ୍ଲାପାଳ ଉପରୋକ୍ତ ଘଟଣାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଜିଲ୍ଲାରେ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକାରି ହେଉଥିବା ଜନକଲ୍ୟାଣ ଯୋଜନାରୁ କୌଣସି ଯୋଗ୍ୟ ହିତାଧିକାରୀ ଯେମିତି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ସମସ୍ତ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ବିଶେଷ କରି କୃଷି, ଉଦ୍ୟାନ କୃଷି, ରେଶମ ଶିଳ୍ପ, ସାଧାରଣ ବଣ୍ଟନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁ ବିକାଶ ଆଦି ବିଭାଗର ବିଭିନ୍ନ ଯୋଜନା ଅନ୍ତର୍ଗତ ଉନ୍ନୟନ ଓ ଜନକଲ୍ୟାଣ କାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ଦ୍ୱାରା ଗୃହରେ ଉପସ୍ଥାପିତ ଆପତ୍ତି ଅଭିଯୋଗ ତଥା ଗଠନ ମୂଳକ ପ୍ରସ୍ତାବ ଉପରେ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ କିଛି ଆପତ୍ତି ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରି କ୍ଷେତ୍ର ପରିଦର୍ଶନ ପୂର୍ବକ ତଥ୍ୟ ଆହରଣ କରି ଆବଶ୍ୟକ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



# ସମ୍ପାଦକୀୟ



ଯଦି ବାକ୍ ସ୍ୱାଧୀନତା ପ୍ରତ୍ୟାହାର କରି ନିଆଯାଏ, ତେବେ ଜନତା କେବଳ ବଳି ପାଇଁ ଉଦ୍ଦିଷ୍ଟ ପଶୁ ସମାନ ବୋଲି ଧରାଯିବ।
-ଜର୍ଜ ୱାଶିଂଟନ୍

ସକାଳ
THE SAKALA

## ଜନତା ଜାଗିଲେଣି

ଗଣତାନ୍ତ୍ରିକ ବ୍ୟବସ୍ଥାରେ ସର୍ବୋଚ୍ଚ କ୍ଷମତା ଅଧିକାରୀ ଜନଗଣ। ସେମାନେ ବହୁମତରେ ନେତା ବା ଦଳକୁ ଚୟନ କରିଥା'ନ୍ତି କିଏ ଶାସନ କ୍ଷମତାରେ ରହିବ। ନିର୍ଦ୍ଧାରିତ ମିଆଦ ଶେଷରେ ସେମାନଙ୍କୁ ପୁନର୍ବାର ସୁଯୋଗ ମିଳିଥାଏ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ। ଏସବୁ ସତ୍ତ୍ୱେ କ୍ଷମତାସୀନ ସରକାରର ମିଆଦ ନ ପୁରିଥିଲେ ମଧ୍ୟ ସେମାନଙ୍କ ଆଶା ଓ ଆକାଂକ୍ଷା ଅନୁରୂପ ନହେଲେ ବିକ୍ଷୋଭ ଓ ବିଦ୍ରୋହ ଜନ୍ମ ନିଏ। ତେଣିକି ତାହା 'ଜେନ-ଜେଡ' ହେଉ ବା 'ନୋ କିଙ୍ଗସ୍'। ଏହି ବିଦ୍ରୋହ କ୍ଷମତାର ଅପରିଣାମଦର୍ଶିତାକୁ ପଦାରେ ପକାଇଥାଏ। ଆମେରିକାରେ ଟ୍ରମ୍ପ ପ୍ରଶାସନର କ୍ଷମତାସର୍ବସ୍ୱ ନୀତି, ଗଣମାଧ୍ୟମର ନିରପେକ୍ଷ ହନନ, ପ୍ରବାସୀ ବିରୋଧୀ ପଦକ୍ଷେପ ଓ ସରକାରୀ କାର୍ଯ୍ୟରେ ବିଭ୍ରାଟ ବିରୋଧରେ ପରିଲକ୍ଷିତ ପ୍ରତିବାଦ ଓ ବିକ୍ଷୋଭ ସମଗ୍ର ବିଶ୍ୱ ଜନସମୁଦାୟକୁ ଚମକାଇ ଦେଇଛି। ଦେଶର ୨୭ଟି ସହରରେ ୭୦ ଲକ୍ଷ ନାଗରିକଙ୍କ 'ନୋ କିଙ୍ଗସ' ବିକ୍ଷୋଭ କିଛି କମ କଥା ନୁହେଁ।

ଆମେରିକାର ରାଷ୍ଟ୍ରପତି-ପ୍ରଧାନ ଶାସନ ବ୍ୟବସ୍ଥାରେ ଟ୍ରମ୍ପ ଅଖଣ୍ଡ କ୍ଷମତାର ଅଧିକାରୀ। ଶାସନତାନ୍ତ୍ରିକ କଟକଣା ସତ୍ତ୍ୱେ ରାଷ୍ଟ୍ରପତି ତାଙ୍କର ପ୍ରଭୁତ୍ୱ ଜାହିର କରିପାରିବେ। ପ୍ରଚଳିତ ସମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଟ୍ରମ୍ପ ତୃତୀୟବାର ରାଷ୍ଟ୍ରପତି ହୋଇପାରିବେନି। ଏହି ୪ ବର୍ଷ ତାଙ୍କ କ୍ଷମତାର ଶେଷ ପର୍ଯ୍ୟାୟ। ତେଣୁ ରିପବ୍ଲିକାନ ପାର୍ଟିର ନେତା ରୂପେ ସେ ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ସକାଶେ ସମସ୍ତ କଳବଳ ପ୍ରୟୋଗ କରିଚାଲିଛନ୍ତି। ଏମିତିରେ ଦେଖିବାକୁ ଗଲେ ସମଗ୍ର ବିଶ୍ୱରେ ଆମେରିକା ସର୍ବଶକ୍ତିମାନ ଏବଂ କ୍ରମାଗତ ଭାବେ ନିଜର ପ୍ରାଧାନ୍ୟ ଓ କର୍ତ୍ତୃତ୍ୱ ଅନ୍ୟମାନଙ୍କ ଉପରେ ଜାହିର କରିଚାଲିଛି। ତାହାର ନୀତିନିର୍ଦ୍ଧାରକ ଓ ନିୟାମକ ହେଲେ ଖୋଦ ରାଷ୍ଟ୍ରପତି। ତେଣୁ ଏକ୍ଷେତ୍ରରେ ଦୂରଦୃଷ୍ଟିସମ୍ପନ୍ନ ଏବଂ ବିଭିନ୍ନ ବାଦ ଓ ବିବାଦରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବାର ଦକ୍ଷତା ଥିବା ଜଣେ ବ୍ୟକ୍ତିତ୍ୱ ଆମେରିକାର ରାଷ୍ଟ୍ରପତି ହେବା ଉଚିତ। ପରିସ୍ଥିତି ଏପରି ହୋଇଛି ଯେ ଟ୍ରମ୍ପଙ୍କ ଟାରିଫ ନୀତି ଓ ଅହଂକାର ଯୋଗୁଁ କେବଳ ଆମେରିକା ବଦନାମ ହୋଇନି, ବିଶ୍ୱର ବାଣିଜ୍ୟ ବ୍ୟବସ୍ଥା ଓ ବଜାର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ନିଜ ଦେଶର ଆଭ୍ୟନ୍ତରୀଣ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ସେ କ୍ଷମତା ଜାହିର କରିବା ସକାଶେ ଗଣତାନ୍ତ୍ରିକ ବ୍ୟବସ୍ଥାର ମୌଳିକ ଅଧିକାରକୁ ମଧ୍ୟ ଖର୍ବ କରିଚାଲିଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଆମେରିକାରେ ସର୍ବକାଳୀନ ସୁଦୀର୍ଘ ସଟଡାଉନ ଲାଗୁହୋଇଛି ଟ୍ରମ୍ପଙ୍କ ଶାସନ କାଳରେ। ଏହା ତାଙ୍କର ଅପରିପକ୍ୱତା ଓ ଅଦୂରଦୃଷ୍ଟିତାର ପରିଚାୟକ। ଏତେ ବଡ଼ ବିକ୍ଷୋଭ ସତ୍ତ୍ୱେ ସେ ଚିନ୍ତିତ ନୁହନ୍ତି। କାରଣ ୪ ବର୍ଷର କ୍ଷମତା ସଂକୁଚିତ ହୋଇଯିବାର ନାହିଁ। ପ୍ରତିବାଦ ଓ ବିକ୍ଷୋଭକାରୀଙ୍କୁ ପରିସ୍ଥିତିର ଗୁରୁତ୍ୱ ଦର୍ଶାଇ ଆଶ୍ୱାସନା ଦେବା ପରିବର୍ତ୍ତେ ସେ ଯେଉଁଭଳି ନିଜର ଅହଂକାର ପ୍ରଦର୍ଶନ କରି ସାମାଜିକ ଗଣମାଧ୍ୟମରେ ଉର୍ସନା କରିବା ସହ ଏଆଇ ପ୍ରସ୍ତୁତ ଭିଡିଓ ମାଧ୍ୟମରେ ଆପତ୍ତିଜନକ ମନୋଭାବ ଦର୍ଶାଇଛନ୍ତି ତାହା ସମସ୍ତ ସୌଜନ୍ୟକୁ ଅତିକ୍ରମ କରିଛି।

ଏହି ତଥ୍ୟ ଉପସ୍ଥାପନ କଲାବେଳେ ଆମକୁ କହିବାକୁ ପଡୁଛି ଯେ ଏସିଆ ମହାଦେଶରେ ଏକାଧିକ ରାଷ୍ଟ୍ରରେ କ୍ଷମତା ବିରୋଧୀ ଜେନ-ଜେଡ ଆନ୍ଦୋଳନକୁ ଆମେରିକାର ଏହି ବିକ୍ଷୋଭ ବଳ ଯୋଗାଇଛି। କ୍ଷମତାସର୍ବସ୍ୱ ରାଜନୀତି ପରିସ୍ଥିତିକୁ ସୁଧାରିବା ପରିବର୍ତ୍ତେ ଯେଉଁ ଦମନ ନୀତି ପ୍ରୟୋଗ କରୁଛି ତାହାର ଭୟଙ୍କର ପ୍ରତିକୂଳ ପରିସ୍ଥିତି ପ୍ରତି ଏବହୁଁ ସତର୍କ ହେବା ଉଚିତ। ଶ୍ରେଷ୍ଠ ଶାସନତନ୍ତ୍ର ଗଣତନ୍ତ୍ର ହୋଇଥିବା ବେଳେ ତାହା ପ୍ରତି କ୍ରମେ ଭରସା ତୁଟି ଯାଉଥିବା ପରିଦୃଷ୍ଟ ହେଉଛି। ●

## କଳିମଞ୍ଜି ସୀମାରେଖା

ପାକିସ୍ତାନର ଆଭ୍ୟନ୍ତରୀଣ ସ୍ଥିତି ଦିନକୁଦିନ ଅଶାନ୍ତ ହୋଇ ପଡୁଥିବା ବେଳେ ଆଫଗାନିସ୍ତାନରେ ଇସଲାମାବାଦର ସାମରିକ କାର୍ଯ୍ୟାନୁଷ୍ଠାନ ପରିସ୍ଥିତିକୁ ଅଧିକ ଜଟିଳ କରିଛି। ଏଠାରେ ମନେ ରଖିବାକୁ ହେବ ଯେ ବିଶ୍ୱର ବୃହତ ଶକ୍ତି ସୋଭିଏତ ରୁଷ ଓ ଆମେରିକା ବିରୋଧରେ ଶେଷପର୍ଯ୍ୟନ୍ତ ନିର୍ଣ୍ଣାୟକ ଲଢ଼େଇ କରି ଯେଉଁ ତାଲିବାନୀ ଆନ୍ଦୋଳନ ଆଫଗାନିସ୍ତାନରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଫେରାଇ ଆଣିବାକୁ ସମର୍ଥ ହୋଇଛି ସେ ଯେ ପାକିସ୍ତାନକୁ ବରଦାସ୍ତ କରିବ ଏକଥା ନୁହେଁ। ତେଣୁ ତୁରନ୍ତ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଇସଲାମାବାଦ ନେତୃତ୍ୱର ଆତୁରତା ଏହି ଅସ୍ଥାୟୀ ଶାନ୍ତି ଚୁକ୍ତିର ପଥ ପରିଷ୍କାର କରିଛି। ଅସଲରେ ଡୁରାଣ୍ଡ ଲାଇନ୍ ଆନ୍ତର୍ଜାତିକ ସୀମାରେଖାକୁ ନେଇ ଦୁଇରାଷ୍ଟ୍ର ମଧ୍ୟରେ ତୀବ୍ର ମତଭେଦ ରହିଛି। ଆଫଗାନିସ୍ତାନର ବିରୋଧ ଓ ପାକିସ୍ତାନର ସମର୍ଥନକୁ କେନ୍ଦ୍ରକରି ଯେଉଁ ଆତଙ୍କବଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି ତାହାର ପୃଷ୍ଠଭାଗରେ ଅଛି କାବୁଲର ନିରବ ସମର୍ଥନ। ତେହେରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି)ର ସକ୍ରିୟତାକୁ ନିୟନ୍ତ୍ରଣ କରିବାରେ ପାକ୍ ସେନାର ଅସାମର୍ଥ୍ୟ ପଦାରେ ପଡ଼ିଯାଇଛି। ଏମାନଙ୍କ ପଛକୁ ରହିଛି ବିଏଲ୍ଓ ଓ ଫିତନା ଅଲ୍ ଖ୍ୱାରିଜ୍‌ର ଧମକପୂର୍ଣ୍ଣ କାର୍ଯ୍ୟକଳାପ। ଏକଥା ସତ ଯେ ଡୁରାଣ୍ଡ ଲାଇନ୍ ବିବାଦ ସଂଶୋଧନ ଏତେ ସହଜ ନୁହେଁ। କାରଣ ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ଏହି ବିବାଦର କଳିମଞ୍ଜିକୁ ନେଇ କେହି ସାଲିସ କରିବା ଅବସ୍ଥାରେ ନାହାନ୍ତି।

ନବେ ଦଶକର ଆରମ୍ଭରୁ ଆମେରିକାର ଆର୍ଥିକ ଓ ଅସ୍ତ୍ରଶସ୍ତ୍ର ସହାୟତାରେ ପାକିସ୍ତାନରେ ତାଲିମପ୍ରାପ୍ତ ମୁଜାହିଦ୍ଦିନ ଓ ତାଲିବାନ ଗୋଷ୍ଠୀ ସମ୍ପ୍ରତି ଆଫଗାନିସ୍ତାନରେ ଶାସନଭାର ଗ୍ରହଣ କରିଥିବାରୁ ଏବେ ମଧ୍ୟ ଇସାଲାମାବାଦ ବିଶ୍ୱାସ କରେ କାବୁଲ ତାଙ୍କ ଅନୁଗତ କିଲ୍ଲା। ଏକ ଲଢୁଆ ଜାତି ନିଜର ଆତ୍ମସମ୍ମାନ ଓ ସାର୍ବଭୌମତାର ସୁରକ୍ଷା ସକାଶେ କିଛି ବି କରିପାରେ ଏକଥା ବୁଝିବାକୁ ପାକିସ୍ତାନକୁ ନିଶ୍ଚୟ ସମୟ ଲାଗିବ। ଏଥିମଧ୍ୟରେ ଆଫ୍‌ଗାନିସ୍ତନାର ତାଲିବାନ୍ ସରକାର ଇରାନ, ଚୀନ ଓ ଭାରତ ସହ ସୁସଂପର୍କ ପ୍ରତିଷ୍ଠା କରିବାକୁ ସମର୍ଥ ହୋଇଛି। ଚବାହାର ବନ୍ଦର ମଧ୍ୟରେ ବାଣିଜ୍ୟିକ ସଂପର୍କ ସୁଦୃଢ଼ କରିବାକୁ ଆଗେଇ ଆସିଛି ଆଫଗାନିସ୍ତାନ। କ୍ରମେ ତାହାର ପାକିସ୍ତାନ ଉପରେ ନିର୍ଭରଶୀଳତା ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି। ନିକଟରେ ଆଫ୍‌ଗାନିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ଓ ଭୂ-ରାଜନୈତିକ ସଂପର୍କରେ ପରିଲକ୍ଷିତ ଉନ୍ନତି ପାକିସ୍ତାନ ପାଇଁ ଅସହ୍ୟ ହୋଇପଡ଼ିଛି। କତାର, ସାଉଦୀଆରବ ଓ ତୁର୍କୀର ମଧ୍ୟସ୍ଥତାରେ ଯେଉଁ ଅସ୍ଥାୟୀ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି ତାହାର ଭବିଷ୍ୟତ ଯେ ଅନିଶ୍ଚିତ ଦୁଇଦେଶର ତୁଙ୍ଗ ନେତାଙ୍କ ବୟାନବାଜିରୁ ସ୍ପଷ୍ଟ ବାରି ହୋଇପଡୁଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଟ୍ରମ୍ପଙ୍କ ଇଙ୍ଗିତରେ ଶାନ୍ତି ରାଜିନାମାର ସମସ୍ତ ପ୍ରୟାସ ଗୋଟିକ ପରେ ଗୋଟିଏ ଭୁଶୁଡ଼ି ପଡୁଥିବାବେଳେ ଦୋହା ଚୁକ୍ତିର ପରିଣାମ ଯେ ଅନିଶ୍ଚିତ ଏହା ଏକ ପ୍ରକାର ଥୟ।

ଆଫଗାନିସ୍ତାନ ସରକାରର ଗୃହମନ୍ତ୍ରୀ କଡ଼ା ଚେତାବନୀ ଶୁଣାଇ କହିଛନ୍ତି ଯେ ଯଦି ପାକ୍ ସେନାକୁ ଧର୍ମୀୟ ଫତୱା ଦ୍ୱାରା ଆକ୍ରମଣ ଘୋଷଣା କରାଯିବ ତେବେ ବିଶ୍ୱର କୌଣସି ଶକ୍ତି ସେମାନଙ୍କୁ ରକ୍ଷା କରି ପାରିବନି। ଏଠାରେ ମନେ ରଖିବାକୁ ହେବ ଯେ ପରମାଣୁ ଶକ୍ତିର ପତିଆରା ଜାହିର କରି ଇସଲାମିକ୍ ରାଷ୍ଟ୍ରଙ୍କ ସମର୍ଥନ ଓ ସହଯୋଗ ହାସଲ ସକାଶେ ପାକ୍ ନେତୃତ୍ୱ ପକ୍ଷରୁ ହେଉଥିବା ଉଦ୍ୟମରୁ ସେଭଳି ସୁଫଳ ମିଳିବାର ସମ୍ଭାବନା ଊଣା। ସମୟର ଆବଶ୍ୟକତା ଦୃଷ୍ଟିରୁ ବନ୍ଧୁତାର ହାତ ବଢ଼ାଇଥିବା ବୃହତ୍ ଶକ୍ତି କେତେବେଳେ ହାତଛଡ଼ା କରିଦେବେ ସେଥିପ୍ରତି ଏବହୁଁ ସତର୍କ ରହିବା ଉଚିତ୍। ●

# ବିପଦ ଓ ବିପଥରେ ଦ୍ୱିତୀୟ ଈଶ୍ୱର

ଡକ୍ଟର ମାନସ ରଞ୍ଜନ ଶତପଥୀ

ମାନବ ସେବା ହିଁ ମାଧବ ସେବା। ଏହି ବ୍ରତୀ ହେବାକୁ ଡାକ୍ତରମାନଙ୍କୁ 'ହିପୋକ୍ରାଟିକ ଶପଥ' କରାଇ ଡାକ୍ତରଖାନାରେ ଜନସେବା ପାଇଁ ଭାରତୀୟ ଭେଷଜ ପରିଷଦ ଅନୁମତି ପ୍ରଦାନ କରିଥାଏ। ବିପଦ ସମୟରେ ଜୀବନ ରକ୍ଷା କରି ଡାକ୍ତର 'ଦ୍ୱିତୀୟ ଭଗବାନ' ଆଖ୍ୟା ପାଇଛନ୍ତି। କିନ୍ତୁ ଏହି ଭଗବାନ ଆଜି କର୍ମକ୍ଷେତ୍ରରେ ବିପଦସଙ୍କୁଳ ଓ ଅସୁରକ୍ଷିତ। ୧୪୪ କୋଟି ଭାରତୀୟଙ୍କ ଚିକିତ୍ସା ନିମନ୍ତେ ଡାକ୍ତରଖାନା ଓ ଡାକ୍ତର କମ ଥିବା ବେଳେ ରୋଗୀଙ୍କ ଅତ୍ୟଧିକ ଆଶା ଡାକ୍ତରଙ୍କ ନିମନ୍ତେ ଅସୁବିଧା ସୃଷ୍ଟି କରୁଛି। ପ୍ରତ୍ୟହ ନୂତନ ରୋଗର ଆବିର୍ଭାବ ଚିକିତ୍ସା କ୍ଷେତ୍ରକୁ ଜଟିଳ କରୁଥିବା ବେଳେ ଏହାର ନିୟନ୍ତ୍ରଣ ଡାକ୍ତର, ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆହ୍ୱାନ ସୃଷ୍ଟି କରି ଚାଲୁଛି। ଆଧୁନିକ ମନୁଷ୍ୟ ନିଜର ଜୀବନଶୈଳୀ ବିକୃତ କରିବାରେ ବ୍ୟସ୍ତ ରହିବା ଯୋଗୁଁ ଡାକ୍ତରଖାନାର ମଧ୍ୟ ପ୍ରାଧାନ୍ୟ ବଢ଼ିଚାଲିଛି। ଏହାର ସୁଯୋଗ ନେଇ ସ୍ୱାସ୍ଥ୍ୟ କ୍ଷେତ୍ର ଉଦ୍ୟୋଗ ମାନ୍ୟତା ପାଇଛି। ସରକାରୀ ହାସପାତାଳ ଗୁରୁତ୍ୱ ହ୍ରାସ ଘଟି ବେସରକାରୀ ଉଦ୍ୟୋଗୀଙ୍କ ସ୍ଥାପିତ ଚିକିତ୍ସାଳୟ ବିରାଟ ଆକାରରେ ମୁଣ୍ଡ ଟେକିବାରେ ଲାଗିଛି।

କୌଣସି ବ୍ୟବସ୍ଥାର ବ୍ୟବସାୟକରଣ ହେଲେ ଯେପରି ପ୍ରତିଯୋଗିତା ଓ ଅଣସମ୍ବେଦନତା ଦେଖାଯିବା କଥା ତାହା ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ପରିଦୃଶ୍ୟ ହେଉଛି। ଅନୁରୂପ ବ୍ୟବସ୍ଥାରେ ଅଧୁନା ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ପାଇବା ପାଇଁ ଆର୍ଥିକ ସ୍ୱଚ୍ଛଳତା କିମ୍ବା ପ୍ରଭାବଶାଳୀ ହେବା ନିହାତି ଆବଶ୍ୟକ ହୋଇପଡ଼ିଛି। ସାମ୍ପ୍ରତିକ ଚିକିତ୍ସାରେ ମାନବ ସେବା ପାଇଁ ଦଲାଲ ନିଯୁକ୍ତି ବଢ଼ି ଚାଲିଛି। କର୍ପୋରେଟ ଡାକ୍ତରଖାନାମାନଙ୍କରେ ବ୍ୟବସାୟ ବୃଦ୍ଧି ଦୃଷ୍ଟିରୁ ଆଶ୍ଚର୍ଯ୍ୟଜନକ ଭାବେ 'ମାର୍କେଟିଙ୍ଗ ଏଜେଣ୍ଟ'(ବ୍ୟବସାୟ ପ୍ରତିନିଧି) ନିଯୁକ୍ତ ଥିବା ବେଳେ ସରକାରୀ ଡାକ୍ତରଖାନାରେ କୁଜି ଦଲାଲ ଡାକ୍ତରୀ ଚିକିତ୍ସାକୁ ନିନ୍ଦିତ କରୁଛି। ବିଭିନ୍ନ ସମୟରେ ସରକାରୀ ଡାକ୍ତରଖାନାମାନଙ୍କରେ ଦଲାଲରାଜ ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥାଏ। ମଳିମୁଣ୍ଡିଆ ସାଧାରଣ ଜନତାଙ୍କ ବ୍ୟତୀତ କୌଣସି ଭି.ଆଇ.ପି. କିମ୍ବା ସେମାନଙ୍କ ଜ୍ଞାତି ସରକାରୀ ଡାକ୍ତରଖାନା ଚିକିତ୍ସା ନିମନ୍ତେ ବିମୁଖପ୍ରାୟ। ସରକାରୀ ସ୍ୱାସ୍ଥ୍ୟ କାର୍ଡ ଅଥବା ସାଧାରଣ ଲୋକେ ନିଜ ପକେଟରୁ ସୁରକ୍ଷା ନିମନ୍ତେ ସ୍ୱାସ୍ଥ୍ୟ ବୀମା କରୁଥିବାରୁ ସବୁ ବର୍ଗର ଲୋକ ପ୍ରାୟ ଉତ୍ତମ ଚିକିତ୍ସା ଉଦ୍ଦେଶ୍ୟରେ କର୍ପୋରେଟ ହାସପାତାଳକୁ ପ୍ରଥମେ ପସନ୍ଦ କରନ୍ତି। ମୋଟାମୋଟି ଭାବେ ସରକାରୀ ଡାକ୍ତରଖାନା ଆଜି ଧନିକ ଶ୍ରେଣୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ଓ ଅବହେଳିତ କହିଲେ ଅତ୍ୟୁକ୍ତି ହେବ ନାହିଁ।

ପରିବର୍ତ୍ତିତ ପରିସ୍ଥିତିରେ ସରକାରୀ ଡାକ୍ତରଖାନା ଚିତ୍ର ଆଜି ଭିନ୍ନ। ଏଠାରେ ସଫାସୁତୁରା ପରିବେଶ, ଚକଚକ ଚଟାଣ, ସମସ୍ତ ୱାର୍ଡ ଶୀତତାପ ନିୟନ୍ତ୍ରିତ ହେବା ସହିତ ମାଗଣା ଔଷଧ ଓ ରୋଗ ନିରୂପଣ ଯନ୍ତ୍ରପାତି ସୁବିଧା ଉପଲବ୍ଧ। ଆବଶ୍ୟକତା ଅନୁଯାୟୀ ଡାକ୍ତର ଅଭାବକୁ ଅସ୍ୱୀକାର କରା ଯାଇ ନ ପାରେ। ସମସ୍ତ ଡାକ୍ତର ଯେ ଉଚ୍ଚାଭିଳାଷୀ କହିବା ଠିକ ହେବ ନାହିଁ। କିନ୍ତୁ ସରକାରଙ୍କ ସୁନ୍ଦର ବେତନପ୍ରାପ୍ତ ଅଧିକାଂଶ ଡାକ୍ତରଙ୍କ ବ୍ୟବସାୟିକ ମନୋଭାବ ଆଜି ସେମାନଙ୍କୁ ଆଲୋଚନାର ଶରବ୍ୟ କରିଛି। ସମସ୍ତ ସୁବିଧା ସରକାର ଯୋଗାଇଥିଲେ ମଧ୍ୟ ସଲାସୁତୁରା ମାଧ୍ୟମରେ ଚିକିତ୍ସାଳୟରୁ ନ୍ୟସ୍ତସ୍ୱାର୍ଥ ଦୃଷ୍ଟିରୁ ବାହାର ପରୀକ୍ଷାଗାରକୁ ପଠାଇ ରୋଗୀକୁ ଅଯଥା ଖର୍ଚ୍ଚାନ୍ତ କରାଇ ଦଲାଲ ପୋଷଣ ନୀତି ଆଜି ସମସ୍ତଙ୍କୁ ଅଛପା ନାହିଁ। ବିଭିନ୍ନ ଔଷଧ କମ୍ପାନୀ ପ୍ରତିନିଧିମାନେ ବିଶେଷ ଭାବେ ରୋଗୀଙ୍କ ଚିକିତ୍ସାକୁ ଗୁଣାତ୍ମକ ଓ ଅର୍ଥନୈତିକ ଭାବେ ପ୍ରଭାବିତ କରୁଥିବା ଯୋଗୁଁ ସରକାରୀ ହାସପାତାଳରେ ସେମାନଙ୍କ ପ୍ରବେଶ ବାରଣ କରାଯାଇଛି। ବ୍ୟବସାୟଖୋର ମନୋବୃତ୍ତି ଯୋଗୁଁ ଶସ୍ତା ଔଷଧ ଉପଲବ୍ଧ ଥିବା ବେଳେ ଅତ୍ୟଧିକ ଦାମୀ ଔଷଧ ଲେଖିବା କେହି କେହି ଚିକିତ୍ସକ ବେଶୀ ପସନ୍ଦ କରନ୍ତି, ଯାହା ରୋଗୀଙ୍କ ପାଇଁ ଏକ ବିଡ଼ମ୍ବନା। ଅତ୍ୟନ୍ତ ଅବହେଳା ପ୍ରଦର୍ଶନ ହେତୁ ଚିକିତ୍ସାରେ ଲିପ୍ତ ଥିବା ଭଗବାନଙ୍କ ଉପରେ ଥିବା ଅତୁଟ ଭରସା ଲୋପ ପାଇବାରେ ଲାଗିଛି।

ମଦର ଟେରେସାଙ୍କ ୧୯୭୯ ମସିହା ନୋବେଲ ଶାନ୍ତି ପୁରସ୍କାର ପରେ ପ୍ରକୃତ ନିଷ୍ପାପର ଜନସେବା କ'ଣ ଲୋକଲୋଚନକୁ ଆସିଥିଲା। ତେଣୁ ବେସରକାରୀ ସଂସ୍ଥାରେ ମିଳୁଥିବା ଚିକିତ୍ସାକୁ ସେବା ଆଖ୍ୟା ଦେଲେ ହୁଏତ ଏହାର ସଂଜ୍ଞା ବଦଳି ଯାଇପାରେ। 'ସେବା' ସାଧାରଣ ଭାବେ ସ୍ୱତଃପ୍ରବୃତ୍ତ ଏବଂ ନିଶୁଳ୍କ ହେବା ଉଚିତ, ଯାହା ଆଜି ମଧ୍ୟ ସରକାର କିମ୍ବା କୌଣସି ଦାତବ୍ୟ ଚିକିତ୍ସାଳୟ ଦ୍ୱାରା ସମ୍ଭବ ହୋଇଥାଏ। ସରକାରୀ ସଂସ୍ଥାରେ ନିଯୁକ୍ତିପ୍ରାପ୍ତ କିଛି ଚିକିତ୍ସକ କାମଚଳା ଚିକିତ୍ସା କରି ରୋଗୀଙ୍କୁ କ୍ଲିନିକ ମୁହାଁ କରିବା ଯୋଗୁଁ ରୋଗୀ କିମ୍ବା ସମ୍ପର୍କୀୟଙ୍କ ଅସନ୍ତୋଷ ବୃଦ୍ଧି ପାଏ। ଅପରପକ୍ଷେ ସରକାରୀ ଡାକ୍ତରଙ୍କ ସଂଖ୍ୟା ଜନସଂଖ୍ୟା ଅନୁପାତରେ ନଗଣ୍ୟ ହେବା ସହିତ ଜନତାଙ୍କର ଡାକ୍ତରଙ୍କଠାରୁ ଅତ୍ୟଧିକ ଆଶା ଅଧିକାଂଶ ସ୍ଥଳେ ଅସନ୍ତୋଷ ଓ ହିଂସା ଭିଆଇଥାଏ। ଏପରି ଅବସ୍ଥାରେ ଯଦି କୌଣସି ବଳବାନ ବା ପ୍ରଭାବଶାଳୀ ରୋଗୀ ଡାକ୍ତରଙ୍କ ଅସହଯୋଗ ଯୋଗୁଁ କ୍ଷତି ଭୋଗେ, ତାହାର ସିଧା ପ୍ରଭାବ ଡାକ୍ତର ଆକ୍ରମଣ ମାଧ୍ୟମରେ ଭୋଗିଥା'ନ୍ତି। ଆଜିକାଲି ଚିକିତ୍ସା ଅବହେଳା ଯୋଗୁଁ ରୋଗୀର ମୃତ୍ୟୁ ଘଟିବା ଖବର ବରାବର ମିଳୁଥିବା ବେଳେ ଡାକ୍ତର କିମ୍ବା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ମାଡ଼ ଘଟଣା ଥମୁନାହିଁ। ଯଦିଓ ଆଇନରେ ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷା ଯୋଗାଇବା ଓ ବର୍ବରତା ପ୍ରଦର୍ଶନ ସ୍ଥଳେ ଦଣ୍ଡ ବ୍ୟବସ୍ଥା ରହିଛି, କିନ୍ତୁ ଉତ୍ତ୍ୟକ୍ତ ଓ ଉଦ୍ଧତ ଜନତା ଏସବୁକୁ ଭୃକ୍ଷେପ ନକରି ନିସ୍ଙ୍କୁକ ପିଟୁଥିବା ଦେଖାଯାଏ। ସାଧାରଣ ଜନତାଙ୍କ ଏତାଦୃଶ ଆଚରଣ ଯୋଗୁଁ କୌଣସି ଡାକ୍ତର ରିସ୍କ ନନେଇ ଭୁବନେଶ୍ୱର କିମ୍ବା କଟକ ଡାକ୍ତରଖାନାକୁ ରେଫର କରିବା ନିରାପଦ ମଣନ୍ତି। କର୍ପୋରେଟ କ୍ଷେତ୍ରରେ 'ବାଉଁସର' ନିଯୁକ୍ତ ହୋଇ ଡାକ୍ତରଙ୍କୁ ରୋଗୀଙ୍କ ରୋଷରୁ ରକ୍ଷା କରନ୍ତି, ଯାହା ସରକାରୀ କ୍ଷେତ୍ରରେ ଦୃଶ୍ୟ ହୁଏ ନାହିଁ।

ଓଡ଼ିଶାରେ ଥିବା ସରକାରୀ ମେଡିକାଲ କଲେଜରେ ପାଠ ପଢ଼ିଥିବା ପ୍ରତ୍ୟେକ ଡାକ୍ତରଙ୍କ ପାଇଁ ସରକାର ରିହାତିଯୁକ୍ତ ଶିକ୍ଷା ପ୍ରଦାନ କରୁଥିବା ବେଳେ ବେସରକାରୀମାନଙ୍କୁ ସରକାର ରିହାତି ମୂଲ୍ୟରେ ଜମି ଯୋଗାଇଛନ୍ତି। ଅତଏବ ସମସ୍ତ ଉଦୀୟମାନ ଡାକ୍ତରଙ୍କର ସରକାର ଓ ଓଡ଼ିଆ ଲୋକଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧତା ରହିବା ନିତାନ୍ତ ଆବଶ୍ୟକ। କିନ୍ତୁ ବିଡ଼ମ୍ବନା ଯେ ଏହି ଡାକ୍ତରମାନେ ପାଠ ପଢ଼ି ସାରିବା ପରବର୍ତ୍ତୀ ସରକାରୀ ଚିକିତ୍ସା ସେବାକୁ କୁଠାରଘାତ କରି ଭୁବନେଶ୍ୱର କିମ୍ବା କଟକରେ ଭଲ ବ୍ୟବସାୟ କରୁଥିବା କର୍ପୋରେଟ ଡାକ୍ତରଖାନାରେ ନିୟୋଜିତ ହେବାକୁ ଅଧିକାଂଶ ପ୍ରାଧାନ୍ୟ ଦିଅନ୍ତି। ଅନୁରୂପ ଭାବେ 'ଆପେ ବଞ୍ଚିଲେ ବାପାର ନାଁ' ନ୍ୟାୟରେ ସମସ୍ତ ସ୍ୱାସ୍ଥ୍ୟ କ୍ଷେତ୍ର ଆଜି ସମ୍ପୂର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥ ସାଧନରେ ବ୍ୟସ୍ତ। ପ୍ରତିଯୋଗିତାମୂଳକ ସମାଜରେ କେବଳ ରୋଗୀ ଆଜି ଆକ୍ରାନ୍ତ ଓ ହନ୍ତସନ୍ତ।

ଡାକ୍ତରଙ୍କ ଚିକିତ୍ସା ପ୍ରଣାଳୀ ଓ ସେବା ଅନ୍ୟ ଯେକୌଣସି ବୃତ୍ତିଠାରୁ ସ୍ୱତନ୍ତ୍ର। ସେମାନେ ଜୀବନ ରକ୍ଷାକାରୀ ହେତୁ ସମାଜରେ ଅଗ୍ରପୂଜ୍ୟ। ପୁରୁଣା ଦିନର ସେଭଳି ଯଦି କିଛି ଡାକ୍ତରଙ୍କୁ ସ୍ମରଣ କରାଯାଏ ତେବେ ଆଜି ମଧ୍ୟ ଡାକ୍ତର ତେଜେଶ୍ୱର ରାଓ, ଡାକ୍ତର ଟିଂଗା ରାଜୁ, ଡାକ୍ତର ଜେ. ପି. ଦାସ, ଡାକ୍ତର ରଘୁ ସାହୁ, ଡାକ୍ତର ଚଣ୍ଡୀ ଦାସ, ଇତ୍ୟାଦି ଲୋକମାନସରେ ସେମାନଙ୍କ ସେବା ମନୋଭାବ, ମହନୀୟତା ଯୋଗୁଁ ଜୀବିତ ଅଛନ୍ତି। ଆଜି ମଧ୍ୟ ସେଭଳି ଅନେକ ଡାକ୍ତର କଟକ ବଡ଼ ମେଡିକାଲଠାରୁ ଆରମ୍ଭ କରି ପୁରପଲ୍ଲୀରେ ଥିବା ଚିକିତ୍ସା କେନ୍ଦ୍ରରେ ଭଗବାନ ସ୍ୱରୂପ କାର୍ଯ୍ୟରତ। ବାପା, ଅଜାଙ୍କଠାରୁ ଶୁଣିବାକୁ ମିଳେ, ପୁରୁଣା ଡାକ୍ତରମାନେ ମାଗଣାରେ ଚିକିତ୍ସା କରୁଥିଲେ ଏବଂ କୌଣସି ପରୀକ୍ଷା ନିରୀକ୍ଷା ନକରି ମଧ୍ୟ ଅତି କମ ଔଷଧରେ ରୋଗ ନିରାକରଣ ଶକ୍ତିଧାରୀ ଥିଲେ। କିନ୍ତୁ ଅଧୁନା ଚିତ୍ର ଓଲଟା। ଭଗବାନଙ୍କ ଦର୍ଶନ ଫିସ୍, ବିଭିନ୍ନ ବାଂଛିତ ଓ ଅବାଂଛିତ ପରୀକ୍ଷା ସହିତ ଦାମୀ ଔଷଧ କିଣିବା ବେଳକୁ ରୋଗୀ ନାକେଦମ ହୋଇ ପଡ଼ିଥାଏ।

କହିବା ବାହୁଲ୍ୟ ଯେ ସାଧାରଣ ସମାଜରେ ମନୁଷ୍ୟ ମାନସିକତାରେ ଦ୍ରୁତ ଅବକ୍ଷୟ ପରିଲକ୍ଷିତ ହେଉଥିବା ବେଳେ 'ଦ୍ୱିତୀୟ ଭଗବାନ' ମଧ୍ୟ ଏପରି ସ୍ଖଳନରୁ ବାଦ ପଡ଼ି ନାହାନ୍ତି। ଭଗବାନ ତାଙ୍କର ପ୍ରତିନିଧି ସ୍ୱରୂପ ଡାକ୍ତରମାନଙ୍କୁ ଜନସମାଜର ମଙ୍ଗଳ ନିମନ୍ତେ ମର୍ତ୍ତ୍ୟଲୋକକୁ ପଠାଇବା କାରଣ ରୋଗବ୍ୟାଧି ବଢ଼ିଲେ ତାଙ୍କର ସୃଷ୍ଟିରେ ଅସନ୍ତୁଳନ, ବ୍ୟତିକ୍ରମ ଓ ବାଧାବିଘ୍ନ ସୃଷ୍ଟି ହେବା ନିଶ୍ଚିତ। ଏହି ପରିପ୍ରେକ୍ଷୀରେ ଭଗବାନଙ୍କ ଚଳନ୍ତି ସ୍ୱରୂପ ପଥଭ୍ରଷ୍ଟ ଓ ଲକ୍ଷ୍ୟଭ୍ରଷ୍ଟ ହେଲେ ବୋଧେ ଈଶ୍ୱରଙ୍କ ସୃଷ୍ଟିର ଲକ୍ଷ୍ୟ ସାଧନ ହେବା ଅସମ୍ଭବ ହୋଇଉଠିବ। ତଥାପି ଚିକିତ୍ସା କଲାବେଳେ ଏବେ ମଧ୍ୟ ଡାକ୍ତରମାନଙ୍କୁ ଭଗବାନ ମାନିବାକୁ ସମସ୍ତେ ବାଧ୍ୟ। କାରଣ ସେମାନଙ୍କ ବିକଳ୍ପ ନାହିଁ। ତେଣୁ ଡାକ୍ତରମାନଙ୍କୁ ସମ୍ମାନ ଦେଇ ଉତ୍ତମ ପରିବେଶ ଜନତା ଯୋଗାଇଦେଲେ ନିଶ୍ଚୟ ନିରନ୍ତର ଓ ଗୁଣାତ୍ମକ ଚିକିତ୍ସା ଉପଲବ୍ଧ ହୋଇପାରିବ। ●

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ)
ନୟାଗଡ଼, ମୋ: ୯୪୩୭୪୭୯୦୪୫

# ଉଚ୍ଚାରଣ ନୁହେଁ, ଆଚରଣ ଜରୁରୀ

କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ

ପ୍ରଥିତଯଶା କର୍ମଯୋଗୀ ବରିଷ୍ଠ ବ୍ୟକ୍ତିତ୍ୱମାନେ କନିଷ୍ଠମାନଙ୍କ ପ୍ରକୃତ ଶିକ୍ଷା ବିକାଶ କରନ୍ତି। ତାଙ୍କ ସ୍ୱଚ୍ଛ ସ୍ୱାଭିମାନ ଉଚ୍ଚାରଣ ଓ ଆଚରଣର ସମନ୍ୱୟ ହିଁ ପ୍ରେରଣାପ୍ରଦ ହୋଇଥାଏ, ଯାହାଦ୍ୱାରା କନିଷ୍ଠମାନଙ୍କ ଚିନ୍ତାର ଗୁଣାତ୍ମକ ବିସ୍ତାରିତ ହୁଏ। ଉଦାହରଣ ସ୍ୱରୂପ, ଅଳସୁଆ କେବେ ଆତ୍ମନିର୍ଭରଶୀଳ ହୋଇପାରେ ନାହିଁ - ଏହା କହିବା ସହଜ; ମାତ୍ର ଉଦାହରଣ ସୃଷ୍ଟି କରିବା କଷ୍ଟକର। ବରିଷ୍ଠମାନେ ପରିଶ୍ରମକୁ ନିଜ ଜୀବନରେ ପ୍ରମାଣିତ କରିଥିଲେ ବା କରୁଥିଲେ ତାହା କନିଷ୍ଠମାନଙ୍କୁ ପ୍ରଭାବିତ କରିଥାଏ।

ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଥିଲେ, 'ମହତ ଜନର ଲାଗି ଅଙ୍ଗକାୟା, ପବିତ୍ର ହୁଅଇ କ୍ଷୁଦ୍ର ପ୍ରାଣୀ କାୟା / କ୍ଷଣମାତ୍ର ହେଲେ ସଜ୍ଜନ ସଙ୍ଗତି, ତୁଟେ ସିନା ସତେ ସଂସାର-ଦୁର୍ଗତି।' ଏହି ଦୃଷ୍ଟିରୁ ପାନ ଖାଉ ନଥିବା ବରିଷ୍ଠ ବ୍ୟକ୍ତି ପିଲାଙ୍କୁ ପାନ ଖାଅ ନାହିଁ କହିବା ବୃଥା ହୋଇ ନଥାଏ। ସରଳ ଜୀବନଚର୍ଯ୍ୟା ଏବଂ ଉଚ୍ଚ ଚିନ୍ତନର ଆଦର୍ଶ ମଣିଷ ଆଡ଼ମ୍ବରଶୂନ୍ୟ ପ୍ରଶସ୍ତ ମନର ପରପିଢ଼ି ସୃଷ୍ଟି କରିବା ଅସମ୍ଭବ ହୁଏ ନାହିଁ। କିନ୍ତୁ ଦୁର୍ନୀତିଯୁକ୍ତ ମଣିଷ ଦ୍ୱାରା କ'ଣ ଦୁର୍ନୀତିମୁକ୍ତ ସମାଜ ଗଢ଼ିବା ସମ୍ଭବ ହେବ? କେବେ ବି ନୁହେଁ। ଦୁର୍ନୀତିଯୁକ୍ତ ଅଧିକାରୀ ପ୍ରମୁଖ ଦୁର୍ନୀତିମୁକ୍ତ ସପ୍ତାହ ପାଳନ ବେଳେ ଲାଞ୍ଚ ନ ନେବାକୁ ଶପଥପାଠ କରାଇଲେ ଅଧସ୍ତନ କର୍ମଚାରୀମାନଙ୍କର ଏ ମନ୍ଦ ଅଭ୍ୟାସ କ'ଣ ବଦଳିବ? ସେମାନେ ତ ବରିଷ୍ଠଙ୍କ କଥାକୁ ନୁହେଁ, କାମକୁ ଅନୁସରଣ କରୁଛନ୍ତି! ସେହିପରି କ୍ରୋଧଯୁକ୍ତ ବ୍ୟକ୍ତି କ'ଣ କ୍ରୋଧହୀନ ହେବାକୁ ପରାମର୍ଶ ଦେଇ ବାସ୍ତବତା ସୃଷ୍ଟି କରିପାରିବ?

ଆମ ପାଖରେ ଯେଉଁ ଭଲ ଗୁଣ ନାହିଁ, ତା'କୁ ଉପଦେଶ ଦେଇ ଅନ୍ୟକୁ କହିଲେ କିଛି ଲାଭ ହୁଏ ନାହିଁ। କର୍କଶଭାଷୀ ମଣିଷ ସୌହାର୍ଦ୍ଦ୍ୟପୂର୍ଣ୍ଣ ମଧୁରଭାଷୀ ହେବାକୁ ପରାମର୍ଶ ଦେବ କିପରି? ନୀତିହୀନ ବ୍ୟକ୍ତି ପିଲାଙ୍କୁ ନୀତିବାନ୍ ହେବା ପାଇଁ ପରାମର୍ଶ ଦେବା ହାସ୍ୟାସ୍ପଦ ନୁହେଁ କି? ସଂଯମହୀନ ମଣିଷ ଅନ୍ୟକୁ ଆତ୍ମସଂଯମୀ ହେବା ପାଇଁ ଶିକ୍ଷାଦେବା ଫଳପ୍ରଦ ହେବ କି? ତେଣୁ ପିଲାଙ୍କ ମୌଳିକ ଅଭାବର ସହଭାଗିତା ଏବଂ ସେମାନଙ୍କ ସାମଗ୍ରିକ ବିକାଶର ଚିନ୍ତା କରୁଥିବା ବରିଷ୍ଠମାନେ ପ୍ରଥମେ ଆଦର୍ଶ ଉଦାହରଣ ହେବାକୁ ପଡ଼ିବ। ନିଜର ନିଆରା ସ୍ଥିତି ତିଆରିବାକୁ ହେବ।

ସର୍ବୋପରି ଅସତ୍ ଅନାଦର୍ଶ କର୍ମରେ ଲିପ୍ତ ରହିଥିବା ବ୍ୟକ୍ତି ସତ୍‌କର୍ମ ନ କରି ପ୍ରଶଂସକ ହୋଇ ଅନ୍ୟକୁ ସହଜରେ ଅନୁପ୍ରେରିତ କରିବ କିପରି? ତା'ର ପରାମର୍ଶ ଅନ୍ୟର ବ୍ୟକ୍ତିସତ୍ତାକୁ ଉଜ୍ଜ୍ୱଳ କରିବା ସମ୍ଭବ ହେବ ନାହିଁ। ନିଜ ସ୍ୱାଭିମାନର ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିପାରି ନ ଥିବା ବରିଷ୍ଠ ବ୍ୟକ୍ତି କନିଷ୍ଠମାନଙ୍କ ଆଦର୍ଶ ହେବ କିପରି? ଘରୋଇ ସ୍କୁଲରେ ଶିକ୍ଷକତା କରୁଥିବା କିମ୍ବା ନିଜ ପିଲାଙ୍କୁ ପାଠ ପାଉଥିବା ସରକାରୀ ଶିକ୍ଷକ ସ୍ୱଶିକ୍ଷାନୁଷ୍ଠାନର ସମୃଦ୍ଧି କରିବେ କିପରି? ଆଦୌ ସମ୍ଭବ ନୁହେଁ। ସେ କ'ଣ ସମାଜରେ ତାରକା ଶିକ୍ଷକ ରୂପେ ଗଣା ହେବେ? ବ୍ୟବସାୟୀକରଣ ଶିକ୍ଷାବ୍ୟବସ୍ଥା ବିରୋଧୀ ବିପ୍ଳବର ବହ୍ନି ଜାଳି ପାରିବେ କି? ସେହିପରି ଦୁର୍ନୀତିଗ୍ରସ୍ତ ଅଧିକାରୀ ଅବସର ପରେ ଆଧ୍ୟାତ୍ମିକ ନୀତିବାଣୀ କବିତା ଲେଖିବା 'ବଗର ପଞ୍ଝୁକ ପାଳିବା' ପରି ଘଟଣା ନୁହେଁ କି? ଶିଶୁମାନଙ୍କ ପାଇଁ କବିତା ଲେଖି ଉପଦେଶ ଦେଉଥିବା କବି ଓଲଟା ଆଦର୍ଶର ମଣିଷ ହୋଇ ଜଣାଶୁଣା ପାଠକ ପାଖରେ 'ନୀଳବର୍ଣ୍ଣ ଶୃଗାଳ' ରୂପେ ପରିଚିତ ହେବା ସାର ହେବ ହିଁ ହେବ। ଯେତେ ବରିଷ୍ଠ ବ୍ୟକ୍ତି ହେଲେ ବି ଆଦର୍ଶହୀନ ମଣିଷ ଅନ୍ୟର ଚେତନାକୁ ବସ୍ତାରିତ କରି ପ୍ରକୃତ ଶିକ୍ଷା ଦେବାକୁ ସକ୍ଷମ ହେବେ ନାହିଁ।

ଅଧୁନା କଳୁଷିତ ରାଜନୀତି ଦଳମାନଙ୍କ ମାଗଣା ସଭ୍ୟତା ସୃଷ୍ଟିରେ ବିଜୁଳିଠାରୁ ଖାଦ୍ୟଶସ୍ୟ, ରନ୍ଧନ ଗ୍ୟାସ, ସ୍କୁଟର, ମଙ୍ଗଳସୂତ୍ର, ମୋବାଇଲ, ମଦ ଇତ୍ୟାଦି ମାଗାଣାଦେବାକୁ ଇସ୍ତାହାରରେ ବା ବିଜ୍ଞାପନରେ ପ୍ରକାଶ ପାଉଥିବା ସମୟରେ ଯଦି ବରିଷ୍ଠମାନଙ୍କ ପାଇଁ ପ୍ରତି ପଞ୍ଚାୟତରେ ଜରାନିବାସ ଉଦ୍‌ଘାଟନ କରି ମାତା-ପିତା, ପ୍ରମାତା-ପ୍ରପିତାଙ୍କୁ ମାଗଣାରେ ରଖିବାରେ ପ୍ରତିଶ୍ରୁତି ଦେଇ ଅଧିକ ଭୋଟ ହାତେଇ ନେଇ ରାଜ୍ୟ ଶାସନ କରେ, ତେବେ ଭବିଷ୍ୟତରେ ବରିଷ୍ଠ ବ୍ୟକ୍ତିମାନଙ୍କର ଅବସ୍ଥା କ'ଣ ହେବ, କିଏ କହିବ?

ଏ ପରିସ୍ଥିତିରେ ପରିପକ୍ୱ ପ୍ରକୃତ ମଣିଷ ଜାତିର କୁଳପ୍ରଦୀପ ସାଜି ପରପିଢ଼ିର ଚେତନାକୁ ବିସ୍ତାରିତ କରି ପ୍ରକୃତ ଶିକ୍ଷା ପ୍ରଦାନ ପାଇଁ ଆଦର୍ଶ ଉଦାହରଣ ସାଜନ୍ତୁ ବରିଷ୍ଠ ବନ୍ଧୁବୃନ୍ଦ। ଶତ୍ରୁକୁ ଆଦର କରୁଥିବା ଏବଂ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭଲ ପାଉଥିବା ନିଷ୍କଳଙ୍କ ବ୍ୟକ୍ତି ସୃଷ୍ଟି କରନ୍ତୁ। ବିଶୁଦ୍ଧ ବରିଷ୍ଠ ବ୍ୟକ୍ତି ରୂପେ ଦୂରଦର୍ଶୀ, ବିବେକୀ, ବିଚାରବନ୍ତ ନୀତିବାନ୍ ମଣିଷ ଗଢ଼ନ୍ତୁ। ଏଥିରେ ସମାଜର ମଙ୍ଗଳ ହେବ। ଜୀବନ ଜଳିବାଟା ଅନ୍ତୁଡ଼ିରୁ ଆରମ୍ଭ ହୋଇ ମଶାଣିରେ ଶେଷ ହେବା ପୂର୍ବରୁ ସମୟୋଚିତ ମୂଲ୍ୟବୋଧ ଭିତ୍ତିକ ପ୍ରକୃତ ଶିକ୍ଷାର ଅଭାବ ବହୁଦର୍ଶୀ ବରେଣ୍ୟ ବରିଷ୍ଠମାନଙ୍କ ଦ୍ୱାରା ପୂରଣ ହୋଇ ପାରିବ। ●

(ସଂପାଦକ, 'ସ୍ୱୟଂପ୍ରଜ୍ଞା')
ଭଣ୍ଡାରିପୋଖରୀ(ଭଦ୍ରକ)
ମୋ: ୯୮୫୩୫୮୯୯୮୯

# ସନ୍ଦୀପନର ଦିବ୍ୟଶକ୍ତି: ସରଳା ଦେବୀ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

**ସାହିତ୍ୟ ସରିତ୍**

ନିଷ୍କ୍ରିୟ, ନିଶ୍ଚେଷ୍ଟ, ପ୍ରସୁପ୍ତ ଅଚେତନ ମଣିଷ ସମାଜରେ ଚେତନାର ଅଗ୍ନିସ୍ଫୁଲିଙ୍ଗ ପ୍ରଜ୍ୱଳିତ କରିଦେବା ସକାଶେ ଅବର୍ଣ୍ଣନୀୟ ଶକ୍ତିମୟୀ ଦିବ୍ୟସତ୍ତାଙ୍କ ଧରାବତରଣ ଘଟିବା ଯେ ପୌରାଣିକ ବା କାଳ୍ପନିକ ନାଟକର ବିଷୟବସ୍ତୁ କେବଳ ନୁହେଁ- ଏହାର ପ୍ରୋଜ୍ଜ୍ୱଳ, ପ୍ରମାଣସିଦ୍ଧ ପବିତ୍ର ପ୍ରତୀକ ହେଉଛନ୍ତି ଉତ୍କଳ-ନନ୍ଦିନୀ ସରଳାଦେବୀ। ସାମ୍ପ୍ରତିକ ସ୍ଥାଣୁ, ଦୁର୍ବଳ, ଅଥର୍ବ, ସ୍ୱାର୍ଥସର୍ବସ୍ୱ ସମାଜ ସହଜରେ ବିଶ୍ୱାସ କରିପାରିବ ନାହିଁ ଯେ ସରଳା ଦେବୀଙ୍କ ପ୍ରତିଟି ମୁହୂର୍ତ୍ତ ଥିଲା କିପରି ସଂଘର୍ଷମୟ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ତ୍ୟାଗ କରିଥିଲେ ସମସ୍ତ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ। କାରାବରଣ କରିଥିଲେ ନିର୍ଭୟ ଚିତ୍ତରେ। ବିଶେଷତଃ ନାରୀସମାଜ ମଧ୍ୟରେ ସ୍ୱାଭିମାନ ଓ ସ୍ୱାଧୀନତାର ଉତ୍ତପ୍ତ ଭାବ-ବୀଜ ବୁଣିଦେବାରେ ସେ ଯେଉଁ ଆନ୍ତରିକତା ଓ ଗଭୀର ନିଷ୍ଠା ପ୍ରଦର୍ଶନ କରିଦେଲେ ତାହା କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ବର୍ଷ ପାଇଁ ଥିଲା କ୍ରାନ୍ତିକାରୀ। ସେ କେବଳ ପ୍ରେରଣାଦାତ୍ରୀ ନଥିଲେ। ଥିଲେ ବାସ୍ତବିକ ଅର୍ଥରେ ପ୍ରେରଣା-ଧାତ୍ରୀ।

ଓଡ଼ିଆ ସାହିତ୍ୟର 'ସବୁଜ ଯୁଗ'ର ସ୍ରଷ୍ଟାମାନଙ୍କ ସମ୍ମିଳିତ ପ୍ରଚେଷ୍ଟାରେ 'ବାସନ୍ତୀ' ଉପନ୍ୟାସ ରଚନା ସମ୍ପର୍କରେ ସମସ୍ତେ ଜାଣନ୍ତି। ସେଇ ସ୍ରଷ୍ଟାମାନଙ୍କ ମଧ୍ୟରେ ତାଙ୍କର ଯୋଗଦାନ ଥିଲା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। 'ବାସନ୍ତୀ' ଚରିତ୍ର ଚିତ୍ରଣ ବେଳେ ସେ ଭରି ଦେଇଛନ୍ତି ସେଥିରେ ସେହି ନାରୀ ସ୍ୱାଧୀନତାର ଅଭିମନ୍ତ୍ରିତ ବାକ୍ୟାବଳୀ। ଏପରି ମମତାମୟୀ ଓ ଶକ୍ତିମୟୀ ଚେତନା-ଚାଳିତ ଲେଖନୀ କି ଅନନ୍ୟ ରୀତିରେ ଉଦବୁଦ୍ଧ କରିଦେଇପାରେ ନାରୀ ଓ ପୁରୁଷ ସମାଜକୁ ତାହା ଯଦି ପୁଣିଥରେ ଅନୁଭବ କରିବା ପାଇଁ ଆଜିର ସମାଜରେ ନୂତନ ଆକାଂକ୍ଷା ଜାଗ୍ରତ ହୋଇଉଠନ୍ତା, ସରଳା ଦେବୀଙ୍କ ପୁନଃ ଆବିର୍ଭାବରେ ଆଲୋକିତ ହୋଇଯା'ନ୍ତା ଭୟାକ୍ରାନ୍ତ, ଅତ୍ୟାଚାର ନିପୀଡ଼ିତ ନାରୀ-ଚିତ୍ତରେ ଜମାଟ ବାନ୍ଧିଥିବା ଯୁଗ ଯୁଗର ଅନ୍ଧକାର। ପୁରୁଷ ଚରିତ୍ର ମଧ୍ୟ ପରିଷ୍କୃତ ହୋଇଉଠନ୍ତା ତାଙ୍କ ଶବ୍ଦ-ସ୍ପର୍ଶରେ।

'ଉତ୍କଳୀୟ ନାରୀ ସମସ୍ୟା', 'ନାରୀର ଦାବି', 'ଭାରତୀୟ ମହିଳା ପ୍ରସଙ୍ଗ', 'ବୀର ରମଣୀ', 'ବିଶ୍ୱବିପ୍ଳବିଣୀ' ପ୍ରଭୃତି ପୁସ୍ତକରେ ନିଜର ସ୍ୱାଧୀନ ଚିନ୍ତନ ଓ ମହାନ ନାରୀନେତ୍ରୀଙ୍କ ଉଦାହରଣ ସେ ଯେପରି ପ୍ରାଣବନ୍ତ ଭାଷାରେ ପ୍ରକାଶ କରିବାକୁ ଲାଗିଲେ, ତାହା ବିଧବା ବିବାହ, ଅସ୍ପୃଶ୍ୟତା ନିବାରଣ, ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ସୃଷ୍ଟି କରିଥିଲା ଗଭୀର ଆଲୋଡ଼ନ। ଯେଉଁ ପୁରୁଷପ୍ରଧାନ ସମାଜରେ ନାରୀର ସ୍ୱପ୍ନ, ସଦିଚ୍ଛା, ସ୍ୱାତନ୍ତ୍ର୍ୟ, ସ୍ୱାଭିମାନ ଭଲୁଣ୍ଠିତ ହୁଏ ଭୟଙ୍କର ଭାବରେ, ସେହି ସମାଜର କଠୋର ଓ ନିର୍ମମ ପୁରୁଷ ପ୍ରତି ଉଚ୍ଚାରଣ କରିଛନ୍ତି ସେ ଅଗ୍ନିବର୍ଷୀ ବାଣୀ। ତାଙ୍କ ଦ୍ୱାରା ରଚିତ ଲକ୍ଷ୍ମୀବାଈ, ପାନ୍ନାଦେବୀ, କୃଷ୍ଣକୁମାରୀ ପ୍ରମୁଖଙ୍କ ଉପରେ ରଚିତ ଲେଖା ଦିନେ ଉଚ୍ଚଇଂରାଜୀ ସ୍କୁଲରେ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ଜାତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ଓଡ଼ିଶାର ପ୍ରତିଭାଶାଳୀ ନାରୀମାନେ ସୁପ୍ରତିଷ୍ଠିତ ହୁଅନ୍ତୁ, ଏହି ଉଚ୍ଚାଭିଳାଷ ସେ ପାଠକ ପାଠିକାଙ୍କ ମଧ୍ୟରେ ଭରିଦେବାକୁ ଚାହିଁଛନ୍ତି। ସୋଭିଏତ ରୁଷିଆରେ ଜାର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ସୋଫିଆ ବାର୍ଦ୍ଦିନାଙ୍କ ଜୀବନୀ ଉପରେ ଆଲୋକପାତ କରିବା ବେଳେ ବାଙ୍କୀରାଣୀ ଶୁକଦେଈଙ୍କ ସାହସିକତାକୁ ସେ ବିସ୍ମରି ଯାଆନ୍ତେ କିପରି? ଓଡ଼ିଶାରେ ବାମାବାଦୀ ଚେତନାର ସେ ହିଁ ପ୍ରବର୍ତ୍ତିକା।

ଆଶ୍ଚର୍ଯ୍ୟ ଲାଗେ ଯେ, ଏପରି ସମୁଚ୍ଚ ଚେତନାର ନାରୀ ପ୍ରତିଭା ଆମ ସାହିତ୍ୟଜଗତରେ ସମୁଜ୍ଜ୍ୱଳ ନକ୍ଷତ୍ର ପରି ତେଜସ୍କ୍ରିୟ କିରଣ ବିକିରଣ କରୁଥିବା ବେଳେ ପାଶ୍ଚାତ୍ୟ ବାମାବାଦୀ ସାହିତ୍ୟ ତତ୍ତ୍ୱଭିତ୍ତିରେ ନାରୀକବି/ଲେଖିକାଙ୍କ ମୂଲ୍ୟାୟନ କରାଯାଏ ସାହିତ୍ୟ ସମୀକ୍ଷକମାନଙ୍କ ଦ୍ୱାରା। ସାହିତ୍ୟ ଛାତ୍ର/ଛାତ୍ରୀମାନଙ୍କ ଉପରେ ଲଦି ଦିଆଯାଏ ପାଶ୍ଚାତ୍ୟ ତତ୍ତ୍ୱ ଅଧ୍ୟୟନ। ନାରୀ ଓ ପୁରୁଷର ବୈବାହିକ ଜୀବନ ଯେ ପାରସ୍ପରିକ ସଦଭାବନା, ବୁଝାମଣା, ପରସ୍ପର ପାଇଁ କଷ୍ଟବରଣ, ସହଯୋଗ ଓ ସଦିଚ୍ଛା ବଳରେ ହୁଏ ରମଣୀୟ ଏହାକୁ ସେ ଯେପରି ଉପଲବ୍ଧି କରିପାରିଛନ୍ତି, ତାହା ପଶ୍ଚିମ ଦେଶଗୁଡ଼ିକରେ କେତେଦୂର ସମ୍ଭବ ହୋଇଛି? ଆମେ ପାଶ୍ଚାତ୍ୟ ନାରୀବାଦୀ ତତ୍ତ୍ୱ ଆଧାରରେ ସାହିତ୍ୟର ମୂଲ୍ୟାୟନ ନକରି ୟୁରୋପୀୟ ଦେଶରେ ଯେଉଁଦିନ ସରଳା ଦେବୀଙ୍କ ସରଳ ତତ୍ତ୍ୱ ହେବ ଅଧ୍ୟୟନ ଓ ଅନୁଶୀଳନର ବିଷୟ, ସେଇଦିନ ପ୍ରକୃତ ନାରୀବାଦ ଚିନ୍ତନରେ ଆସିବ ଆଧୁନିକତା ଓ ପରିପକ୍ୱତା। ସେପରି ପ୍ରେରଣା-ପ୍ରଦୀପ୍ତ ସମୟର ଆବାହକ ହୋଇପାରିବା କେବେ ଆମେ? ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଉଠିଯିବ ଓପିଆରବି

# ବର୍ଦ୍ଧିଧାରୀଙ୍କ ନିଯୁକ୍ତି ପାଇଁ ପ୍ରତିଷ୍ଠା ହେବ ସ୍ଥାୟୀ ଆୟୋଗ

ଭୁବନେଶ୍ୱର,୨୨।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ନିଯୁକ୍ତି ପରୀକ୍ଷା ପରିଚାଳନା କରିବାରେ ବ୍ୟାପକ ତ୍ରୁଟି ଲୋକଲୋଚନକୁ ଆସିଥିଲା। ପରୀକ୍ଷା ପରିଚାଳନା କରୁଥିବା ଓପିଆରବି ଟେଣ୍ଡର ଦେବା ପରେ ହାତବାନ୍ଧି ବସିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଥିଲା। ଏପରିକି ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ଏକ ତୃତୀୟ ପକ୍ଷ କମ୍ପାନୀ ପଞ୍ଚସଫ୍ଟକୁ ମଧ୍ୟ ସବ୍-କଣ୍ଟ୍ରାକ୍ଟ ଦବୋ ସମ୍ପର୍କରେ ଓପିଆର୍‌ବି ଜାଣି ପାରି ନ ଥିଲା। ଓପିଆର୍‌ବିର ଚରମ ବିଫଳତା ପଦାରେ ପଡ଼ିବା ପରେ ପୁଲିସ ସମେତ ଅନ୍ୟାନ୍ୟ ପୋଷାକଧାରୀ ସେବାରେ କର୍ମଚାରୀ ଚୟନ ପାଇଁ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ସୂଚନା ମଧ୍ୟ ଦିଆଯାଇଛି।

ସ୍ଥାୟୀ ଆୟୋଗ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବିଚାର କରୁଥିବା କହିବା ପରେ ଓପିଆର୍‌ବି ଉଚ୍ଛେଦ ଏକ ପ୍ରକାର ନିଶ୍ଚିତ ହୋଇଛି। ନୂତନ ଭାବେ ଗଠନ ହେବାକୁ ଥିବା ଆୟୋଗ ପୁଲିସ୍ ସମେତ ସମସ୍ତ ପ୍ରକାର ବର୍ଦ୍ଧିଧାରୀଙ୍କ ପାଇଁ ନିଯୁକ୍ତି ପରୀକ୍ଷା ପରିଚାଳନା କରିବ। ଅର୍ଥାତ୍ ଅବକାରୀ ବିଭାଗ, ଅଗ୍ନିଶମ ବିଭାଗ, ଟ୍ରାଫିକ୍, ଜେଲ୍ ବିଭାଗ ସମେତ ଜଙ୍ଗଲ ବିଭାଗରେ ନିଯୁକ୍ତ ହେଉଥିବା ଫରେଷ୍ଟର ଫରେଷ୍ଟଗାର୍ଡଙ୍କ ନିଯୁକ୍ତି ଏହି ସଂସ୍ଥା କରିବ। ଏହାସହ ଆଇଆର୍‌ବି, ଓଏସ୍‌ଓପି, ଏସ୍‌ଏସ୍‌ବି, ପୁଲିସ୍ ଡ୍ରାଇଭର୍ (ପିଏମ୍‌ଟି) ଆଦି ପଦରେ ନିଯୁକ୍ତି ପାଇଁ ଏହି ନୂତନ ସଂସ୍ଥାକୁ ଦାୟିତ୍ୱ ମିଳିବା ନେଇ ଆଶା କରାଯାଉଛି। ହେଲେ କେବେ ସୁଦ୍ଧା ଏହି ନୂତନ ଆୟୋଗ ଗଠନ ହେବ ସେନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନି। ଅପରପକ୍ଷରେ ବିବାଦୀୟ ହୋଇ ପଡ଼ିଥିବା ପୁଲିସ୍ ଏସ୍‌ଆଇ ପରୀକ୍ଷା କିଏ ପରିଚାଳନା କରିବ ସେ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୟୁନିଟ୍-୧ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ



ଭୁବନେଶ୍ୱର,୨୨।୧୦(ସମିସ): ରାଜଧାନୀ ଦୈନିକ ପରିବା ହାଟ (ଏକ ନମ୍ବର ପରିବା ମାର୍କେଟ)ରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୪୦ରୁ ଅଧିକ ଦୋକାନ ଘର ପୋଡ଼ି ଭସ୍ମ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ନିଆଁ ଲାଗିବା ସମୟରେ ନିକଟରେ ଥିବା ହୋଟେଲରେ ୮ରୁ ଅଧିକ ଲୋକ ଖାଉଥିଲେ। ହୋଟେଲ ଉପରେ ପଡ଼ିଥିବା ଜରିରେ ନିଆଁ ଲାଗି ତରଳି ତଳକୁ ନିଆଁ ଗୋଳା ଖସିଥିଲେ। ହୋଟେଲରେ ଖାଉଥିବା ଲୋକ ନିଆଁ ଖସିବା ପରେ ଅଧା ଖାଇବା ଛାଡ଼ି ବାହାରକୁ ଦୌଡ଼ି ପଳାଇ ଯାଇଥିଲେ। ନିଆଁ ଲିଭାଇବା ସମୟରେ ଖାଇବା ମଧ୍ୟ ଏଣେ ତେଣେ ପଡ଼ି ରହିଥିଲା। ଅଗ୍ନିକାଣ୍ଡରୁ ୧୦ଜଣ ବ୍ୟକ୍ତି ଏହିଭଳି ଭାବେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ନିଆଁର ପ୍ରକୋପ ଏତେ ଥିଲା ଯେ ଏହାକୁ ସହଜରେ ଲିଭାଇବା କଷ୍ଟକର ହୋଇଥିଲା। ଦୋକାନ ଉପରେ ପଡ଼ିଥିବା ଜରିପାଲ ତରଳିବାରୁ ନିଆଁ ଲିଭାଇବାକୁ ପାଖକୁ କେହି ଯାଇପାରି ନ ଥିଲେ। ଫଳରେ ସହଜରେ ନିଆଁ ବ୍ୟାପି ଯାଇଥିଲା। ଖବର ପାଇଁ ୧୬ଟି ଦମକଳ ଗାଡି ସହ ୧୪୦ ଜଣ ଅଗ୍ନିଶମ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ୩୦ ମିନିଟ୍‌ରେ ନିଆଁ ଆୟତ୍ତ ହୋଇଥିଲା। ଦମକଳ ଗାଡି ସେଠାରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡର କୌଣସି କାରଣ ସମ୍ପର୍କରେ ଜଣାପଡ଼ି ନ ଥିଲେ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ମହାଜନ ସଂଘର ମିଟିଂ ଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଛି। ଏନେଇ ହୃଷୀକେଶ ଓଝା କହିଛନ୍ତି ଯେ, ମାର୍କେଟରେ ହେଉଥିବା କିଛି ବେନିୟମ କାର୍ଯ୍ୟକୁ ସେ ବିରୋଧ କରୁଥିଲେ। ଯେଉଁଥି ପାଇଁ ତାଙ୍କର ବିରୋଧୀ ଗୋଷ୍ଠୀ ଜାଣିଶୁଣି ନିଆଁ ଲଗାଇ ଦେଇଥିବା ସେ କହିଛନ୍ତି।

■ ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ମାମଲା

# ସିବିଆଇ ତଦନ୍ତରେ ହସ୍ତକ୍ଷେପକୁ ଅଗ୍ରାହ୍ୟ କଲେ ହାଇକୋର୍ଟ

କଟକ,୨୨।୧୦(ସମିସ): ବହୁଚର୍ଚ୍ଚିତ ବ୍ରିଜ ଆଣ୍ଡ ରୁଫ କର୍ପୋରେସନ ଇଣ୍ଡିଆ ଲିମିଟେଡ ଲାଞ୍ଚ କାରବାର ମାମଲାରେ ସିବିଆଇ ପକ୍ଷରୁ କରାଯାଇଥିବା ଏତଲା ରଦ୍ଦ ପାଇଁ ଦାୟର ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ସିବିଆଇ ତଦନ୍ତ ଜାରି ରହିଥିବା ବେଳେ ଏହାର ଫଳାଫଳକୁ ଅପେକ୍ଷା ନକରି ଏଥିରେ ପ୍ରାକ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଛନ୍ତି। ଆଦିତ୍ୟ ଦେବ ଇନଫ୍ରାଟେକ ପ୍ରାଇଭେଟ ଲିମିଟେଡ ଓ ଏହାର ପରିଚାଳନା ନିର୍ଦ୍ଦେଶକ ଦେବଦତ୍ତ ମହାପାତ୍ରଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଆବେଦନକାରୀ ଚାହିଁଲେ ତଦନ୍ତ ସମାପ୍ତ ହେବା ଓ ଚାର୍ଜସିଟ ଦାଖଲ ପରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି କହିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି ବ୍ରିଜ ଆଣ୍ଡ ରୁଫ କର୍ପୋରେସନ ଲିମିଟେଡର ଗ୍ରୁପ ଜେନେରାଲ ମ୍ୟାନେଜର ଥିବା ଚଞ୍ଚଳ ମୁଖାର୍ଜୀଙ୍କୁ ବେଆଇନ କାର୍ଯ୍ୟାଦେଶ ପାଇଁ ୧୦ଲକ୍ଷ ଟଙ୍କା ଲାଞ୍ଚ ପ୍ରଦାନ ମାମଲାରେ ଶ୍ରୀ ମୁଖାର୍ଜୀଙ୍କ ସମେତ ଆବେଦନକାରୀ ଦେବଦତ୍ତ ଓ ଅନ୍ୟ ଜଣେ ସନ୍ତୋଷ ମହାରଣାଙ୍କୁ ସିବିଆଇ ଗିରଫ କରିଥିଲା। ସିବିଆଇର ଏତଲା ରଦ୍ଦ ପାଇଁ ଆବେଦନକାରୀ ଓ ତାଙ୍କ କମ୍ପାନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ କ୍ଷମତା ହ୍ରାସ ପ୍ରସଙ୍ଗ

# ଜିଲ୍ଲା ପରିଷଦ ବୈଠକରେ କେହି ବି ଯୋଗଦେଲେନି

ବାରିପଦା, ୨୨।୧୦(ସମିସ): ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମୟୂରଭଞ୍ଜ ଜିଲ୍ଲାପରିଷଦର ୯ମ ବୈଠକରେ ଜିଲ୍ଲାର ୨୬ ଜଣ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ଯୋଗଦେଇ ନାହାନ୍ତି। ରାଜ୍ୟ ସରକାର ନିକଟରେ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ କ୍ଷମତା ହ୍ରାସ (୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ତଳକୁ ପ୍ରକଳ୍ପ କାର୍ଯ୍ୟରେ ଅନୁମୋଦନ ନ ରଖିବା) ନିଷ୍ପତ୍ତି ପରେ ଏହା ଥିଲା ଜିଲ୍ଲାପରିଷଦର ପ୍ରଥମ ବୈଠକ। ଏଣୁ ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ ଜଣାଇ ଜିଲ୍ଲା ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ସଂଘର ଆହ୍ୱାନକ୍ରମେ କେହି ବି ବୈଠକରେ ଯୋଗ ଦେଇନାହାନ୍ତି ବୋଲି ସଭାନେତ୍ରୀ ତୁଳସୀ ସିକ୍ରା ହାଁସଦା ଓ ସମ୍ପାଦକ ସୁଧନ୍ୟା ନାଏକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଓ ଉଦଳା ବ୍ଲକ ବ୍ୟତୀତ ୨୪ଟି ବ୍ଲକରେ ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। ତେବେ ଆଜିର ପ୍ରତିବାଦରେ ଉଦଳା ଓ ଠାକୁରମୁଣ୍ଡା ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା ମଧ୍ୟ ବୈଠକରେ ଯୋଗ ନ ଦେବା ରାଜନୈତିକ ମହଲରେ ଚର୍ଚ୍ଚା ହୋଇଛି।

# ଲାପ୍‌ଟପ୍ ପାଇବାକୁ ଆବେଦନ ପାଇଁ ଖୋଲିଲା ପୋର୍ଟାଲ୍

ଭୁବନେଶ୍ୱର, ୨୨।୧୦(ସମିସ): ଲାପ୍‌ଟପ୍ ପାଇବାକୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଆବେଦନ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଉ ଏକ ସୁଯୋଗ ଦିଆଯାଇଛି। ଏଥିପାଇଁ ଷ୍ଟେଟ୍ ସ୍କୋଲାର୍‌ସିପ୍ ପୋର୍ଟାଲ୍‌କୁ ପୁଣିଥରେ ଖୋଲାଯାଇଛି। ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଠାରୁ ନଭେମ୍ବର ୬ ପର୍ଯ୍ୟନ୍ତ ପୋର୍ଟାଲ୍ ଖୋଲା ରହିବ। କେବଳ ଉପଶାସ୍ତ୍ରୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନାରେ ଲାପ୍‌ଟପ୍ ପାଇଁ ଆବେଦନ କରିପାରିବେ। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଯୋଗ୍ୟ ଛାତ୍ରଛାତ୍ରୀମାନେ www.scholarship.odisha.gov.in ୱେବସାଇଟ୍‌ରେ ଆବେଦନ କରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବାବଦ ଅର୍ଥ ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ଆକାଉଣ୍ଟକୁ ପଠାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେରଳ ହେଲିପ୍ୟାଡ୍‌ରେ...

ଧକ୍କା ଦେଇ ଗାତରୁ ବାହର କରିଥିଲେ। ପାଗ ଖରାପ ଥିବାରୁ ଠିକ୍ ରୂପେ ହେଲିପ୍ୟାଡ ତିଆରି ହୋଇପାରି ନଥିଲା ବୋଲି କୁହାଯାଉଛି। ଏହି ଘଟଣା ପରେ ରାଷ୍ଟ୍ରପତି ସଡ଼କ ମାର୍ଗରେ ଯାଇ ସବରିମାଳା ମନ୍ଦିର ଦର୍ଶନ କରିଥିଲେ। ସେ ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଭଗବାନ ଆୟପ୍ପାଙ୍କ ଦର୍ଶନ କରିଥିଲେ।। ପୂର୍ବରୁ ୧୯୭୦ରେ ଭିଭି ଗିରି ଏହି ମନ୍ଦିର ଆସି ଆୟପ୍ପାଙ୍କ ଦର୍ଶନ କରିଥିଲେ।

### ବେଙ୍ଗାଲୁରୁରେ ଲିଭ୍-ଇନ୍...

ସନ୍ଦେହ କରୁଛି। ଏହି ଘଟଣାର ତଦନ୍ତ କରିବା ସହ ପୁଲିସ ଏକ ମାମଲା ରୁଜୁ କରିଛି ଓ ଦୁଇଜଣଙ୍କ ମୃତଦେହାକୁ ବ୍ୟବଚ୍ଛେଦ ପାଇଁ ପଠାଇଦିଆଯାଇଛି। ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ତଦନ୍ତ କରିବ...

ତେଣୁ ଏହି ମାମଲାକୁ କୌଣସି କେନ୍ଦ୍ରୀୟ ସଂସ୍ଥା ବା ହାଇକୋର୍ଟ ଜଜ୍‌ଙ୍କ ତତ୍ତ୍ୱାବଧାନରେ ତଦନ୍ତ କରିବାକୁ ଦାବି ହୋଇ ଆସୁଥିଲା।

ଏଣୁ ସିବିଆଇ ତଦନ୍ତ ପରେ ପଞ୍ଚସଫ୍ଟର ନିଯୁକ୍ତି ସମ୍ପର୍କରେ ଓପିଆର୍‌ବି ଅବଗତ ଥିଲା କି ନାହିଁ ତାହା ଏବେ ସ୍ପଷ୍ଟ ହେବ ବୋଲି ଚର୍ଚ୍ଚା ହେଉଛି। କାରଣ ବ୍ୟବସ୍ଥା ଅନୁଯାୟୀ ଆଇଟିଆଇ ଲିମିଟେଡ୍‌ଠାରୁ ମାତ୍ର ଗୋଟିଏ ସଂସ୍ଥା ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ନେଇପାରିବ। ହେଲେ ଏହା ୩ ଟି ସଂସ୍ଥାରେ ପହଞ୍ଚିଥିବାରୁ ଟେଣ୍ଡର ସର୍ତ୍ତାବଳୀ ଓ ସରକାରୀ ନିୟମର ମଧ୍ୟ ଉଲ୍ଲଂଘନ ହୋଇଥିବା ପରିଲକ୍ଷିତ ହୋଇଛି।

ଏହି ଘଟଣାକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଗାନ୍ଧୀମାର୍ଗ ସମେତ ଅନେକ ସ୍ଥାନରେ ଚାକିରି ଆଶାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କାରଣ ପ୍ରାଥମିକ ଅଭିଯୋଗ ଅନୁଯାୟୀ ଏସ୍‌ଆଇ ଚାକିରି ପାଇଁ ପ୍ରତି ଆଶାୟୀଙ୍କଠାରୁ ୨୫ ଲକ୍ଷ ଟଙ୍କାର ଡିଲ୍ କରାଯାଇଥିଲା। ପ୍ରଥମେ ୧୫ ଲକ୍ଷ ଟଙ୍କା ଦିଆଯିବା ସହ ଚାକିରି ମିଳିବା ପରେ ଆଉ ୧୦ ଲକ୍ଷ ଟଙ୍କାର ଡିଲ୍ କରାଯାଇଥିଲା। ଏବେ ସୁଦ୍ଧା ଟଙ୍କା ଦେଇଥିବା ଶତାଧିକ ଆଶାୟୀ ଗିରଫ ହୋଇ ସାରିଥିଲେ ମଧ୍ୟ ତଥାକଥିତ ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ ହୋଇନାହିଁ। ଏହାସହିତ ଅନ୍ୟମାନଙ୍କ ସମ୍ପୃକ୍ତି ମଧ୍ୟ ଏହି ତଦନ୍ତ ପରେ ସ୍ପଷ୍ଟ ହେବାର ସମ୍ଭାବନା ରହିଛି। ମୋଟ୍ ୯୩୩ ପଦରୁ ୩୦୦ ପଦବୀ ବିକ୍ରି ପାଇଁ ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରେ ଜଣାପଡ଼ିଛି। ତେଣୁ ରାଜ୍ୟର ଏହି ହାଇପ୍ରୋଫାଇଲ୍ କେଲେଙ୍କାରୀ ଘଟଣାରେ ସିବିଆଇ ତଦନ୍ତ କରିବା ଦ୍ୱାରା ଅନେକ ବଡ଼ମୁଣ୍ଡଙ୍କ ସମ୍ପୃକ୍ତି ସାମନାକୁ ଆସିବାର ସମ୍ଭାବନା ସୃଷ୍ଟି ହୋଇଛି।

### ଦାନା ବାନ୍ଧୁଛି ଆଉ...

ହେବାର ସମ୍ଭାବନା ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ କିଛି ସ୍ଥାନରେ ବଜ୍ରପାତ ହେବାର ମଧ୍ୟ ସମ୍ଭାବନା ରହିଛି। ତେଣୁ ପାଣିପାଗ ବିଭାଗର ପରାମର୍ଶକୁ ଅନୁପାଳନ କରିବା ପାଇଁ ଡଃ ପାଢ଼ୀ ଚାଷୀମାନଙ୍କୁ ଅନୁରୋଧ କରିଛନ୍ତି। ସମ୍ଭାବ୍ୟ ବର୍ଷା ସ୍ଥିତିକୁ ନଜରରେ ରଖି ଧାନ କେଣ୍ଡାର ୮୫% ପାଚି ଯାଇଥିଲେ, ତାକୁ କାଟି ବେଙ୍ଗଳା କରିବା ବା ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଅମଳଯୁକ୍ତ ହୋଇଥିବା ମକା, ଚିନାବାଦାମ୍, ମୁଗ, ବିରିକୁ ଓପାଡ଼ି ଆଣିବା ସହିତ ପନିପରିବା ନର୍ସରୀରୁ ଜଳ ନିଷ୍କାସନ କରିବା ପାଇଁ ପରାମର୍ଶ ଦିଆଯାଇଛି। ପାଣି ଛାଡ଼ିଲା ପରେ ରୋଗପୋକ ଲାଗିବାର ଆଶଙ୍କା ଥିବାରୁ ତା'ର ମୁକାବିଲା କରିବାକୁ ମଧ୍ୟ ବିଭିନ୍ନ ପଦକ୍ଷେପ ନେବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ୧୫୫୩୩୩ ନମ୍ବରରେ ବା ନିକଟସ୍ଥ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ବା କୃଷି ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି। ସମ୍ଭାବ୍ୟ ଲଘୁଚାପ ବର୍ଷା ଓ ଫସଲ ସୁରକ୍ଷା ପାଇଁ ବୁଧବାର ବିଭାଗୀୟ ସଚିବ ଡଃ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ଆଇଏମ୍‌ଡି ନିର୍ଦ୍ଦେଶିକା ମନୋରମା ମହାନ୍ତି, ଓୟୁଏଟି ଡିନ୍ ଡ. ପ୍ରସନ୍ନଜିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୨୨ଦିନ ହେଲା...

ସଂସ୍ଥା ଏହାର ୧୪୦୦ କର୍ମଚାରୀଙ୍କୁ ଛୁଟିରେ ପଠାଇଛି। ଶକ୍ତି ସଚିବ କ୍ରିସ୍ ରାଇଟ୍ କହିଛନ୍ତି ଯେ ଏହା ପୂର୍ବରୁ କେବେ ଘଟିନାହିଁ ଏବଂ ଏହଭଳି ପରିସ୍ଥିତି ପରମାଣୁ ଅସ୍ତ୍ରଶସ୍ତ୍ରର ସୁରକ୍ଷାକୁ ପ୍ରଭାବିତ କରିପାରେ। ଏଠାରେ ସୂଚନାଯୋଗ୍ୟ ଯେ, ଅକ୍ଟୋବର ୨୦ରେ ଆମେରିକା ସଂସଦର ଉଚ୍ଚ ସଦନ ସିନେଟ୍ ପାଣ୍ଠି ବିଲ୍ ଉପରେ ୧୧ ଥର ପାଇଁ ଭୋଟ୍ ହୋଇଥିଲା, କିନ୍ତୁ ସେଥିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବକୁ ପୁଣି ଥରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଆମେରିକାର ଆର୍ଥିକବର୍ଷ ଅକ୍ଟୋବର ପହିଲାରୁ ଆରମ୍ଭ ହୋଇଥାଏ। ଏହି ସମୟ ମଧ୍ୟରେ,ସରକାର ନିର୍ଣ୍ଣୟ କରନ୍ତି ଯେ ସେନା, ସ୍ୱାସ୍ଥ୍ୟସେବା କିମ୍ବା ଶିକ୍ଷା ଭଳି କେଉଁଠାରେ ନିବେଶ କରିବେ। ଯଦି ଏହି ତାରିଖ ସୁଦ୍ଧା ନୂତନ ବଜେଟ୍ ପାସ୍ ନ ହୁଏ, ତେବେ ସରକାରୀ କାର୍ଯ୍ୟ ବନ୍ଦ ହୋଇଯାଏ। ଏହାକୁ ସଟ୍‌ଡାଉନ୍ କୁହାଯାଏ। ଆମେରିକାର ଦୁଇ ପ୍ରମୁଖ ଦଳ ଡେମୋକ୍ରାଟ ଏବଂ ରିପବ୍ଲିକାନ ମଧ୍ୟରେ ଓବାମା ସ୍ୱାସ୍ଥ୍ୟସେବା ସବ୍‌ସିଡି କାର୍ଯ୍ୟକ୍ରମକୁ ନେଇ ମତଭେଦରେ ରହିଛି। ଡେମୋକ୍ରାଟ୍ ସଦସ୍ୟମାନେ ସ୍ୱାସ୍ଥ୍ୟସେବା ସ୍ୱସିଡି ବୃଦ୍ଧି କରିବାକୁ ଚାହୁଁଥିଲେ। ରିପବ୍ଲିକାନମାନେ ଭୟ କରୁଛନ୍ତି ଯେ ସବ୍‌ସିଡି ବୃଦ୍ଧି କରିବା ଦ୍ୱାରା ଅଧିକ ସରକାରୀ ଖର୍ଚ୍ଚ ଆବଶ୍ୟକ ହେବ, ଯାହା ଅନ୍ୟାନ୍ୟ ସରକାରୀ କାର୍ଯ୍ୟକୁ ପ୍ରଭାବିତ କରିବ। ଆମେରିକା ସଟ୍‌ଡାଉନ୍ର ପ୍ରଭାବ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ଉପରେ ସବୁଠାରୁ ଅଧିକ ପଡୁଛି। ଅକ୍ଟୋବର ପହିଲାରୁ ଆରମ୍ଭ ହୋଇଥିବା ସଟ୍ ଡାଉନ୍ ସତ୍ତ୍ୱେ ଟ୍ରାଫିକ୍ କଣ୍ଟ୍ରୋଲର କର୍ମଚାରୀମାନେ ସେମାନଙ୍କ କାମ ଜାରି ରଖିଛନ୍ତି। ଦରମା ବନ୍ଦ ହେବା ଯୋଗୁଁ ହଜାର ହଜାର କର୍ମଚାରୀ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବାକୁ ସଂଘର୍ଷ କରୁଛନ୍ତି। ପରିସ୍ଥିତି ଏତେ ଭୟଙ୍କର ଯେ କଣ୍ଟ୍ରୋଲର କାର୍ଯ୍ୟାଳୟର ଅନେକ କର୍ମଚାରୀ ସେମାନଙ୍କର ନିୟମିତ ସିଫ୍ଟ ପରେ ଦ୍ୱିତୀୟ ଚାକିରି କରିବାକୁ ବାଧ୍ୟ ହେଉଛନ୍ତି। ସେମାନେ ଉବେର ଚଳାଉଛନ୍ତି, ଫୁଡ୍ ଡେଲିଭରୀ କରୁଛନ୍ତି କିମ୍ବା ରେଷ୍ଟୋରାଁରେ କାମ କରି ଜୀବିକା ନିର୍ବାହ କରୁଛନ୍ତି। ଏପରିକି କେବଳ ରବିବାର ୬୮୦୦ରୁ ଅଧିକ ବିମାନ ବିଳମ୍ବ ହୋଇଥିଲା ଏବଂ ୧୧୭ଟିର ବାତିଲ ହୋଇଥିଲା। ଏଥିରେ ୨୩ ହଜାର ବିମାନର ଉଡ଼ାଣ ବିଳମ୍ବ କେବଳ କର୍ମଚାରୀ ଅଭାବ ଯୋଗୁଁ ହୋଇଥିଲା।

### ଦୁଇ ୱାର୍ଡେନ...

ପାଇଁ ଝାଡ଼ଖଣ୍ଡ ସମେତ ଜିଲ୍ଲା ଏବଂ ରାଜ୍ୟର ବିଭିନ୍ନ ଥାନାକୁ ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ଫେରାର କଏଦୀକୁ ଧରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଆଜି ଅପରାହ୍ନରେ ଜେଲ ବିଭାଗ ଡିଜି ସୁଶାନ୍ତ କୁମାର ନାଥ ଜେଲରେ କାର୍ଯ୍ୟରତ ଦୁଇ ୱାର୍ଡେନ ବନମାଳୀ ବେହେରା ଏବଂ ବିକାଶ ବେହେରାଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ଉଭୟଙ୍କୁ ନିଲମ୍ବିତ କରିଛନ୍ତି।

### ଭାସିଗଲେ ୩ ନାବାଳକ...

ହୋଇଥିଲା। ନଦୀରେ ଦମକଳ ବାହିନୀର କର୍ମଚାରୀମାନେ ନିଖୋଜ ଅମନ୍ ଜିତ ମଲ୍ଲିକଙ୍କ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ସ୍ଥାନୀୟ କୃଷ୍ଣାନନ୍ଦପୁର ପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

### ନିଶାଣରେ ବିଜେଡି...

କର୍ପୋରେଟର ଅମରେଶ ଜେନାଙ୍କୁ ଏକ ମାମଲାରେ ଗିରଫ କରି ଜେଲ ପଠାଇ ଦିଆଗଲା। ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ବ୍ୟବସାୟିକ ବିବାଦକୁ ନେଇ ବିଜେଡିର ଜଣେ ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କୁ ଗିରଫ କରାଗଲା ଓ ସେ ଏବେ ବି ଜେଲ୍‌ରେ ଅଛନ୍ତି। ଅନୁରୂପ ଭାବରେ ବିଜେଡିର ଅନ୍ୟଜଣେ ନେତା ସୁବ୍ରତ ଛାଟୋଇ ମଧ୍ୟ ଆକ୍ରୋଶର ଶିକାର ହେଲେ। ପୁଲିସ ଏସ୍‌ଆଇ ପରୀକ୍ଷାରେ ଜାଲିଆତି ଅଭିଯୋଗରେ ଧରା ପଡ଼ିଥିବା ଛାତ୍ରମାନେ ଅନେକ କୋଚିଂ ସେଣ୍ଟରରେ ତାଲିମ ନେଇଥିଲେ ହେଁ କେବଳ ବିଜେଡି ସହ ସମ୍ପୃକ୍ତ ଥିବା ଯୋଗୁଁ ସୁବ୍ରତଙ୍କ କୋଚିଂ ସେଣ୍ଟରରେ ଚଢ଼ଉ କରାଗଲା। ଏହା ପରେ ଏବେ ବିଜେଡିର ଗଞ୍ଜାମ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଳି ପଡ଼ି। ରାଜନୈତିକ ଆକ୍ରୋଶ ଯୋଗୁଁ ତାଙ୍କୁ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଯୋଡ଼ି ଗିରଫ କରାଯାଇଥିବା ଅଭିଯୋଗ ହୋଇଛି।

### ପୁଲିସ କାନ୍ଧରେ...

ନିୟନ୍ତ୍ରଣ ନାହିଁ। ଶାସନ ବ୍ୟବସ୍ଥାରେ ଶୃଙ୍ଖଳା ନାହିଁ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ଓ ବୋଡର୍‌ରେ ଦଳୀୟ ନେତାଙ୍କ ଥଇଥାନ ବିଳମ୍ବକୁ ନେଇ ଦଳୀୟ କନ୍ଦଳ ଭୟଙ୍କର ରୂପ ଧାରଣ କରିଛି। ବିକାଶମୂଳକ କାର୍ଯ୍ୟ ପୁରାପୁରି ବନ୍ଦ ହୋଇଯାଇଛି। ନିର୍ବାଚନୀ ପ୍ରତିଶ୍ରୁତି ପୂରଣ, ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ସରକାର ଅଡ଼ଳରେ ପଡ଼ିଛନ୍ତି। ଯାହାକୁ ନେଇ ସାଧାରଣରେ ରୋଷ ସୃଷ୍ଟି ହୋଇଛି। ଏହି ସମୟରେ ବ୍ୟବସ୍ଥାଗତ ଅପାରଗତାକୁ ଢାଙ୍କିବା ପାଇଁ ଶାସକ ଦଳ ପାଖରେ ଆଉ କିଛି ବାଟ ନାହିଁ। ତେଣୁ ପୁଲିସ କାନ୍ଧରେ ବନ୍ଧୁକ ରଖି ବିରୋଧୀଙ୍କୁ ନିଶାଣ କରିଛି ଶାସକ ବିଜେପି।

ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣାରେ ସରକାର ଅଡ଼ଳରେ ପଡ଼ିଥିବା ସମୟରେ ଏଥିରୁ ନଜର ହଟାଇବା ପାଇଁ ଭୁବନେଶ୍ୱରରେ ଜଣେ ପ୍ରଭାବଶାଳୀ କର୍ପୋରେଟରଙ୍କୁ ଗିରଫ କରି ହଟଚମଟ କରାଯିବାକୁ ଉଦ୍ୟମ କରାଗଲା। ରଥଯାତ୍ରା ବିଭ୍ରାଟ ଓ ଦଳାଚକଟାରେ ଦୁଇଜଣଙ୍କ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ସମୟରେ ବିଏମ୍‌ସିରେ ଜଣେ ଅତିରିକ୍ତ କମିଶନରଙ୍କୁ ଘୋଷାରି ଘୋଷାରି ମାଡ଼ ଘଟଣା ରଥଯାତ୍ରା ପ୍ରସଙ୍ଗକୁ ଗୌଣ କରିବାକୁ ଉଦ୍ୟମ କରାଗଲା। ପୁଲିସ ଏସ୍‌ଆଇ ଚାକିରି ବେପାର ଘଟଣାକୁ ନେଇ ସାରା ରାଜ୍ୟ କମ୍ପିଲା, ଏହି ଘଟଣାରେ ଏଯାଏ ୧୨୦ ଜଣଙ୍କୁ ଗିରଫ କରାଗଲା। ସରକାରଙ୍କ ବିଶ୍ୱସନୀୟତାକୁ ନେଇ ଯେତେବେଳେ ପ୍ରଶ୍ନବାଚୀ ସୃଷ୍ଟି ହେଲା, ସେହି ସମୟରେ କଟକରେ ଭସାଣୀ ସମୟରେ ସାମ୍ପ୍ରଦାୟିକ ବିଦ୍ୱେଷ ଘଟଣା ଦିଗକୁ ଗଣମାଧ୍ୟମର ଦିଗ ମୋଡ଼ି ଦିଆଗଲା। ଏବେ ନୂଆପଡ଼ା ଉପନିର୍ବାଚନ ସମୟରେ ପୁଲିସ କାନ୍ଧରେ ପୁଣିଥରେ ବନ୍ଧୁକ ରଖି ବିରୋଧୀଙ୍କୁ ନିଶାଣ କରିଛି ଶାସକ ବିଜେପି। ପୀତବାସ ପଣ୍ଡା ହତ୍ୟା ଘଟଣାରେ ସଂପୃକ୍ତ ଥିବା ଦର୍ଶାଇ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ପୁଲିସ ଗିରଫ କରିଛି। ଘଟଣାର ନିରପେକ୍ଷ ତଦନ୍ତ ପରିବର୍ତ୍ତେ ତରବରିଆ ଭାବରେ ରାତି ଅଧରେ ବିକ୍ରମଙ୍କୁ ଘରୁ ଉଠାଇ ନେଇ ସକାଳୁ ତାଙ୍କୁ ଅଭିଯୁକ୍ତ ଦର୍ଶାଇ ପୁଲିସ କୋର୍ଟ ଚାଲାଣ କରିଛି। ଗିରଫଦାରୀ ସମ୍ପର୍କରେ ସୂଚନା ଦେବା ସମୟରେ ବ୍ରହ୍ମପୁର ଏସ୍‌ପିଙ୍କ ଶାରୀରିକ ଭାଷା ପୀତବାସ ହତ୍ୟା ଘଟଣାରେ ବିକ୍ରମଙ୍କ ସମ୍ପୃକ୍ତି କେବଳ ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ପ୍ରମାଣିତ କରିଛି।

### ୧୨ ଗିରଫ; ୨ ମୁଖ୍ୟ...

ତଦନ୍ତ ଜାରି ରହିଥିବା ବେଳେ ଆଗକୁ ଆହୁରି କିଛି କର୍ପୋରେଟରଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି ଏସ୍‌ପି କହିଛନ୍ତି। ସମସ୍ତଙ୍କ ବିରୁଦ୍ଧରେ ୧୦୩(୧)/୬୧(୨)(କ)/୩(୫) ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୨୫(୧) (କ)/୨୫(୬)/୨୭(୧) ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଛି।

ହତ୍ୟାକାଣ୍ଡର କାରଣ ସଂପର୍କରେ ଗଣମାଧ୍ୟମକୁ ସୂଚନା ନେଇ ଜିଲ୍ଲା ଏସ୍‌ପି କହିଛନ୍ତି ଯେ ଅକ୍ଟୋବର ୬ ରାତି ପ୍ରାୟ ୧୦ଟାରେ ପୀତବାସଙ୍କୁ ୨ ଅଜଣା ଆତତାୟୀ ବୈକୁଣ୍ଠନଗର ଠାରେ ଗୁଳି କରିଥିଲେ। ୬ଟି ସ୍ୱତନ୍ତ୍ର ପୁଲିସ ଟିମ ଜରିଆରେ ଘଟଣାର ତଦନ୍ତ କରାଯାଇଥିଲା। ସେପ୍ଟେମ୍ବର ୧୦ରୁ ୧୪ ପର୍ଯ୍ୟନ୍ତ ୪ଜଣ ଯୁବକ ଶିଶୁପାଳ କୁମାର ପାଶୱାନ(୨୫), କୁନ୍ଦନ କୁମାର(୨୨), ହିଞ୍ଜିଳି ଥାନା ଅନ୍ତର୍ଗତ ପଥରପୁଞ୍ଜି ଗ୍ରାମର ବିପିନ ସ୍ୱାଇଁ(୩୫) ଓ ବାଦଗଡ଼ର ସୀମାଞ୍ଚଳ ନାୟକ(୩୦) ପୀତବାସ ପଣ୍ଡାଙ୍କ ଗତିବିଧି ଉପରେ ନଜର ରଖି ରେକି କରିଥିଲେ। ଉମା ଶଙ୍କର ବିଶୋୟୀଙ୍କ ନିର୍ଦ୍ଦେଶ କ୍ରମେ ଯୋଗୀ ରାଉତ ଉପରୋକ୍ତ ୪ ଯୁବକଙ୍କୁ ଆଣିଥିଲେ। ସେମାନେ ସମସ୍ତେ କର୍ପୋରେଟର ମଳୟ ବିଶୋୟୀଙ୍କ କହିବା ପ୍ରକାରେ ଅଳକାପୁରୀ ଠାରେ ଶୂନ୍ୟ ଦାସଙ୍କ ଘରେ ଭଡ଼ାରେ ରହିଥିଲେ। ଉପରୋକ୍ତ ୪ଜଣ ଯୁବକଙ୍କର ହସ୍ପିଟାଲରେ କିଛି କାମ ଥିବା ଦର୍ଶାଇ ମଳୟ ବିଶୋୟୀ ଶୂନ୍ୟ ଦାସଙ୍କୁ ତାଙ୍କ ଘରେ କିଛିଦିନ ଆଶ୍ରୟ ଦେବାକୁ ଅନୁରୋଧ କରିଥିଲେ। ସେପ୍ଟେମ୍ବର ୧୦ରୁ ୧୪ ପର୍ଯ୍ୟନ୍ତ ସେମାନେ ସେଠାରେ ରହିବା ବେଳେ ଉମା ଓ ଯୋଗୀ ସେମାନଙ୍କୁ ସାକ୍ଷାତ କରିଥିଲେ। ରହିବା ପାଇଁ ଘର ସମେତ ଖାଦ୍ୟ, ବସ୍ତ୍ର ଓ ବୁଲିବାକୁ ବାଇକ୍ ଯୋଗାଇ ଦେଇଥିଲେ। ୧୨ ତାରିଖରେ ଯୋଗୀ ସହିତ ଅନ୍ୟ ୪ଜଣ ରେକି କରିବା ସହିତ ପୀତବାସଙ୍କ ଚାମ୍ବର ଓ ସେ ନିୟମିତ ଯାତାୟାତ କରୁଥିବା ରାସ୍ତା ସହିତ ପୀତବାସଙ୍କୁ ମଧ୍ୟ ଯୋଗୀ ଚିହ୍ନାଇଥିଲେ। ଉମା ବିଶୋୟୀ ଦୁଇଟି ବନ୍ଧୁକ ସହିତ ପୀତବାସଙ୍କୁ ହତ୍ୟା ପାଇଁ ୧୦ଲକ୍ଷ ଟଙ୍କା ଦେଇଥିଲେ। ୧୪ ତାରିଖରେ ପୀତବାସଙ୍କୁ ହତ୍ୟା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ତେବେ ଶିଶୁପାଳ କୁମାର ପାଶୱାନର ଗର୍ଭବତୀ ସ୍ତ୍ରୀଙ୍କର ଦେହ ଖରାପ ହେବାରୁ ବିହାରୀ ଯୁବକମାନେ କାମ ନ କରି ବିହାର ଫେରିଯାଇଥିଲେ। ପରେ ମଳୟ ବିଶୋୟୀଙ୍କ କହିବା ପ୍ରକାରେ ଉମା ବିଶୋୟୀ ଓ ଯୋଗୀ ରାଉତ ପୁନଃ ଯୋଜନା କରି ନିଜ ଗ୍ରାମ ବଣ୍ଟପଲ୍ଲୀର ୨ଜଣ ଯୁବକ କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନଙ୍କୁ ହତ୍ୟାକାଣ୍ଡ ଘଟାଇବା ପାଇଁ ରାଜି କରାଇଥିଲେ। କୁରୁପତି ବଣ୍ଟପଲ୍ଲୀରୁ ଓ ବସ୍ ଯୋଗେ ଚିଣ୍ଟୁ ବେଙ୍ଗାଲୁରୁରୁ ବ୍ରହ୍ମପୁର ଆସିଥିଲେ। ଯୋଗୀ ରାଉତ ଓ ଉମା ବିଶୋୟୀଙ୍କ ଜରିଆରେ ପ୍ରଶାନ୍ତ ଆଣ୍ଡ କୋ ନାମକ ଏକ ବ୍ୟାଚଲର୍ ରୁମରେ ସେପ୍ଟେମ୍ବର ୨୯ ରୁ ରହିଥିଲେ। ପୁଣି ଯୋଗୀ ସହିତ କୁରୁପତି ଓ ଚିଣ୍ଟୁ ପୀତବାସଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଘଟଣା ଦିନ ଅର୍ଥାତ୍ ଅକ୍ଟୋବର ୬ରେ ଯୋଗୀ ଉଭୟ କୁରୁପତି ଓ ଚିଣ୍ଟୁଙ୍କୁ ଅଳକାପୁରୀ ନେଇ ସେଠାରେ ସେମାନଙ୍କୁ ଫେକ୍ ନମ୍ବର ବିଶିଷ୍ଟ ଏକ ବାଇକ୍, ନୂଆ ସାର୍ଟ ପ୍ୟାଣ୍ଟ ସହିତ ଦୁଇଟି ବନ୍ଧୁକ ଯୋଗାଇଥିଲେ। ଚିଣ୍ଟୁ ବାଇକ୍ ଚଲାଇଥିବା ବେଳେ କୁରୁପତି ପଛରେ ବସିଥିଲା ଏବଂ ବୈକୁଣ୍ଠନଗର ଛକରେ ପୀତବାସଙ୍କ ଆସିବାକୁ ଅପେକ୍ଷା କରିଥିଲେ। ପୀତବାସ ସେଠାରେ ପହଁଞ୍ଚିବା କ୍ଷଣି କୁରୁପତି ଗାଡ଼ିରୁ ଓହ୍ଲାଇ ପୀତବାସଙ୍କୁ ନମସ୍କାର କହି ଅଟକାଇ ଅବିଳମ୍ବେ ଗୁଳି ଚଳାଇଥିଲା। ଗୁଳିକାଣ୍ଡ ଭିଆଇବା ପରେ ସେମାନେ ଲୋଚାପଡ଼ା ଦେଇ ଶୀତଳାପଲ୍ଲୀ ଗ୍ରାମ ନିକଟରେ ପହଁଞ୍ଚିଥିଲେ। ସେଠାରେ ନିଜର ବସ୍ତ୍ର ବଦଳାଇବା ସହିତ ବନ୍ଧୁକକୁ ମାଟି ତଳେ ଲୁଚାଇ ଦେଇଥିଲେ। ତଦନ୍ତ ବେଳେ ସମସ୍ତ ସାମଗ୍ରୀକୁ ପୁଲିସ ଜବତ କରିଛି। ସେହିଭଳି ତଦନ୍ତ ଓ ଅପରାଧୀଙ୍କୁ ଜେରା ସମୟରେ ଗୁଳିକାଣ୍ଡ ଘଟଣାରେ ମଳୟ ବିଶୋୟୀ, ମଦନ ଦଳେଇ, ଉମା ବିଶୋୟୀ ଓ ପିଣ୍ଟୁ ଦାଶଙ୍କର ସିଧାସଳଖ ସମ୍ପୃକ୍ତି ଥିବା ଜଣାପଡିଥିଲା। ହତ୍ୟାକାଣ୍ଡ ପୂର୍ବରୁ ଓ ପରେ ସେମାନଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପରୁ ଏହା ସ୍ପଷ୍ଟ ହୋଇଥିବା ପୁଲିସ କହିଛି। ଗୁଳିକାଣ୍ଡ ପରେ କୁରୁପତି ଓ ଚିଣ୍ଟୁ ବାଇକ୍ ଯୋଗେ ୧୬ନଂ. ଜାତୀୟ ରାଜପଥକୁ ଯାଇ ଚାନ୍ଦପୁର ଛକରେ ଥିବା ଏକ ଚା' ଦୋକାନ ନିକଟରେ ବାଇକ୍‌କୁ ଛାଡ଼ି ବସ୍‌ରେ ଭୁବନେଶ୍ୱର ଚାଲି ଯାଇଥିଲେ। ଉଭୟେ ସେଠାରୁ ପୁରୀ ଯାଇ ଏକ ଲଜ୍‌ରେ ରହିଥିଲେ। ପୁରୀରୁ କୁରୁପତି ଜୟପୁର ଯାଇ ସେଠାରେ ସୁନୀଲ ହୋତା ନାମକ ଜଣେ ବ୍ୟକ୍ତିଙ୍କ ଫାର୍ମ ହାଉସରେ ଉଭୟ ଉମା ଓ କୁରୁପତି ଆଶ୍ରୟ ନେଇଥିଲେ। ଉଭୟେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଜାଣି ସୁଦ୍ଧା ସୁନୀଲ ସେମାନଙ୍କୁ ୪ଦିନ ପର୍ଯ୍ୟନ୍ତ ଆଶ୍ରୟ ଦେଇଥିଲେ। କୁରୁପତି ଓ ଉମାଙ୍କ ରହଣୀ ମଧ୍ୟରେ ମଳୟ ବିଶୋୟୀ ଓ ମଦନ ଦଳେଇ ବାରମ୍ବାର ସୁନୀଲଙ୍କ ସହିତ କଥା ହୋଇ ସେମାନଙ୍କ ଭଲମନ୍ଦ ବୁଝୁଥିଲେ। ସୁନୀଲ ହୋତା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଛାତ୍ର ଜୀବନରୁ ଜଣେ ବନ୍ଧୁ। ବିକ୍ରମ ଓ ପିଣ୍ଟୁ ସେମାନଙ୍କର ରାଜନୈତିକ, ଆର୍ଥିକ ଓ ବ୍ୟକ୍ତିଗତ କ୍ଷତିକୁ ନେଇ ପୀତବାସଙ୍କୁ କୁଆଡେ ଟାର୍ଗେଟ କରିଥିଲେ ଏବଂ ପୀତବାସଙ୍କୁ ରାସ୍ତାରୁ ହଟାଇଦବାକୁ ଷଡ଼ଯନ୍ତ୍ର କରିଥିଲେ ବୋଲି ଏସ୍‌ପି କହିଛନ୍ତି।

ସେହିପରି ପୂର୍ବତନ ମେୟର ପିଣ୍ଟୁଙ୍କର ପୀତବାସ ପଣ୍ଡାଙ୍କ ସହିତ ବ୍ୟକ୍ତିଗତ ଶତ୍ରୁତା ଥିଲା। ପିଣ୍ଟୁଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଶାନ୍ତି ମିଶ୍ର ହତ୍ୟାକାଣ୍ଡ ଘଟଣାର ୧୩ଜଣ ଅଭିଯୁକ୍ତଙ୍କ ପାଇଁ ପୀତବାସ ମାମଲା ଲଢୁଥିଲେ। ସେଥିମଧ୍ୟରୁ ଅନ୍ୟତମ ଅଭିଯୁକ୍ତ ମୌଜ ମିଶ୍ର ଫେରାର ହୋଇ ପିଣ୍ଟୁଙ୍କ ଉପରକୁ ଗୁଳି ଓ ବୋମାମାଡ଼ କରିଥିଲା। ଏଥିରେ ପୀତବାସଙ୍କ ହାତ ଥିବା ପିଣ୍ଟୁ ଅଭିଯୋଗ କରିଥିଲେ। ଏପରିକି ପୀତବାସଙ୍କ ଯୋଗୁଁ ଗତ ସାଧାରଣ ନିର୍ବାଚନରେ ପିଣ୍ଟୁଙ୍କୁ ବିଜେପିରୁ ଟିକଟ ମିଳିପାରି ନ ଥିଲା ବୋଲି କହୁଥିଲେ, ଯାହା ପୀତବାସଙ୍କ ପ୍ରତି ତାଙ୍କର ଥିବା ଶତ୍ରୁତାକୁ ଅଧିକ କରିଥିଲା ବୋଲି ଏସ୍‌ପି କହିଛନ୍ତି।


C-1298

☎- 06645-356292
FAX-06645-250236
Email- municipalitybelpahar@gmail.com

**OFFICE OF THE MUNICIPAL COUNCIL, BELPAHAR.**

"e" PROCUREMENT NOTICE

BID REFERENCE NO. EO/BPHM/03/25-26
BID IDENTIFICATION NO. 2025_ORULB_119779
TENDER CALL NOTICE NO.1855 DT. 18.10.2025.

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Name of the Work | : | Individual Civil Construction works. |
| No of Works | : | 03 Nos. |
| Bid Value | : | As per DTCN |
| Period of Completion | : | As per DTCN |
| Date & Time of availability of the bid documents in the portal | : | From dt. 20.10.2025 at 10.00 A.M. to dt. 31.10.2025 up to 5.00 P.M. |
| Bids received online shall be opened on | : | 11.00 A.M. onwards on dt. 01.11.2025 |
| Name & address of the officer inviting Bid | : | Executive Officer, Belpahar Municipality. |

Further the details can be seen from the procurement portal: www.tendersorissa.gov.in. If any addendum/ corrigendum/ cancellation of tender shall be published in the above website only.

OIPR-13050/11/0022/2526

Executive Officer,
Belpahar Municipality



**AFFIDAVIT**

By virtue of an affidavit sworn before The Executive Magistrate, Sohela vide no. 01 dated 22/10/2025, I, Chaturananda Pradhan @ Padhan, S/o- Late Subash Chandra Pradhan, R/o Vill.- Dhusarbahal, Po./Ps.- Sohela, Dist.- Bargarh state that, I want to change my son's wrongly mentioned name in his aadhaar card i.e **Prayush Kumar Padhan, S/o- Chaturananda Pradhan** to **Prayas Padhan, S/o- Chaturananda Padhan**.

**ହଜିଛି**

ମୁଁ, **ସ୍ମୃତି ସାରିକା (୩୧),** ସ୍ୱାମୀ: କୁମାରଜିତ୍ ବାନାର୍ଜୀ, ପୁରଣ ପ୍ରଧାନ, ପଞ୍ଚାୟତ ରୋଡ, ବାଳକାଟି, ବାଲିଅନ୍ତା, ଖୋର୍ଦ୍ଧା, ଏତଦ୍‌ଦ୍ୱାରା ଘୋଷଣା କରୁଅଛି କି, ମୋର ଏକ ବିକ୍ରୟ ଦଲିଲ୍ ଯାହାର ନଂ.: ୧୧୦୯୧୩୦୦୧୮୮ ଏବଂ ପଟ୍ଟା ଯାହାର ଖାତା ନଂ.: ୪୫୮/୧୨ ଏବଂ ୪୫୮/୧୧ ବାଳକାଟି-ବାଲିଅନ୍ତା ରାସ୍ତାରେ ତା.୦୩.୧୧.୨୦୨୪ରିଖରେ କେଉଁଠାରେ ହଜିଯାଇଛି। ଅନେକ ଚେଷ୍ଟା ସତ୍ତ୍ୱେ ମଧ୍ୟ ଏହା ମିଳି ପାରି ନାହିଁ, ଯଦି କେହି ଏହାକୁ ପାଆନ୍ତି, ତେବେ ମୋ.୮୮୮୪୯୯୧୯୪୨ରେ ମୋତେ ଜଣାଇବାକୁ ଅନୁରୋଧ।

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit sworn before the Executive Magistrate, Athgarh, dated- 17 10.2025 I Susanta Kumar Sahoo of village/ Po- Karikol Ps- Athagarh , Dist- Cuttack declare that I have changed the name of my minor Son name from Son Prakash Sahoo to Som Prakash Sahoo. wrongly omited my name in his aadhar card and I declare that my name Susanta Kumar Sahoo mentioned in the aadhar card of my son .Henceforth, he shall be known as Som Prakash Sahoo S/O Susanta Kumar Sahoo for all purposes.

**AFFIDAVIT**

I, Miss. Bidusi Biprava Jena, D/O Sri Umesh Chandra Jena, resident of Village- Daruha (Bhograi), Dist.:Balasore, Odisha declare that my correct name is BIDUSI BIPRAVA JENA. In my foreign medical degree issued by the Urgench Branch of Tashkent Medical Academy, Uzbekistan, my name has been incorrectly printed as "JENA BIPRAVA BIDUSI" instead of "BIDUSI BIPRAVA JENA." Both names refer to one and the same person - myself. Vide Affidavit No. 11099 dated 22/10/2025, sworn before the Executive Magistrate, Balasore.

**AFFIDAVIT**

By virtue of an affidavit sworn before Executive Magistrate, Khordha, No.- 2484, Dated 12.09.2025, I, Itishree Priyadarsini, Address : At- Beruhan, Po.- Kalyanapur, Ps.-Khordha Sadar, Dist.- Khordha, Odisha, Pin-752056, declared that, I have changed my name from **Itishree Priya Darshini Sethi** to **Itishree Priyadarsini**, Henceforth. I shall be known as **Itishree Priyadarsini** for all purposes.

**AFFIDAVIT**

I, Sankar Meher, aged about 46 years, S/o- Hari Meher, resident of Champapur, Champamal, Po- Biramaharajpur, Ps- Biramaharajpur, Dist- Sonapur, Odisha, Pin- 767018 declare by this affidavit No. 2149, dtd- 21/10/2025, that now onwards I shall be known as **SHANKAR MEHER** for all future purposes.

**AFFIDAVIT**


I, Pradeep Panda , S/o- Sridhar Panda, resident of Flat No. C-106, C Block, Utkal Vatika, Canal Road, Jharpada, Bhubaneswar, Khurda, PIN- 751006, Odisha declared by this affidavit No- 575, dtd- 22/10/2025 that now onwards I shall be known as **PRADEEP KUMAR PANDA** for all future purposes.

**AFFIDAVIT**

I, Debashis Mohanty, S/o- Gobinda Chandra Mohanty, resident of At- Balipatana, Po- Balipatana, Dist- Kendrapara PIN-754215, Odisha declared by this affidavit No-864, dtd- 22/10/2025 that now onwards I shall be known as **DEBASISH MOHANTY** for all future purposes

### ଉପଖଣ୍ଡ ଡାକ୍ତରଖାନା ଆଶୁ ଚିକିତ୍ସା ବିଭାଗ କୋଠା ନିମ୍ନମାନର

# ଚଟାଣ ଟାଇଲ୍ସ ଉଠି ଗାତ ହେଲାଣି



ଚମ୍ପୁଆ, ୨୨।୧୦(ସମିସ): ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଆଶୁ ବହିର୍ବିଭାଗରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଚଟାଣରେ ପଡିଥିବା ଟାଇଲସ୍‌ଗୁଡିକ ଭାଙ୍ଗି ଉଠିଗଲାଣି। ଯାହାଫଳରେ ଏଠାକୁ ଆସୁଥିବା ରୋଗୀମାନେ ଅନେକ ସମୟରେ ଝୁଣ୍ଟି ହୋଇ ଖଣ୍ଡିଆ ଖାବରା ମଧ୍ୟ ହେଉଛନ୍ତି। ବିଜେଡି ସରକାରଙ୍କ ସମୟରେ ଆମ ଡାକ୍ତରଖାନା ଯୋଜନାରେ ଏଠାରେ ନୂତନ ବହିର୍ବିଭାଗ, ଟିକେଟ ଓ ଔଷଧ କାଉଣ୍ଟର ଭଳି ଅନେକ କାର୍ଯ୍ୟ କରାଯାଇଥିଲା। ସେହି ସମୟରେ ଆଶୁ ଚିକିତ୍ସା ବିଭାଗର ଚଟାଣ ମାର୍ବଲ କାମ ଚମ୍ପୁଆ ପିଡବ୍ଲୁଡି ବିଭାଗ କରିଥିଲା। ନିର୍ମାଣ ୨ ବର୍ଷ ଭିତରେ ଚଟାଣରେ ପଡିଥିବା ଟାଇଲ୍ସଗୁଡିକ ସ୍ଥାନେ ସ୍ଥାନେ ଭାଙ୍ଗି ଉଠି ଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥ ପାଣିରେ ପଡୁଥିବା ଅଭିଯୋଗ ହେଉଥିଲା ବେଳେ ଏନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର କାମ କରି ଅର୍ଥ ହଡପ କରାଯାଉଥିବା ନେଇ ଅଭିଯୋଗ ହେଉଛି। ଜଣେ ଏସଡିଓ କେତେଜଣ ସୀମିତ ଠିକାଦାରଙ୍କ ହାତବାରିସି ସାଜିଥିବା ନେଇ ଆଲୋଚନା ହେଉଛି। ଏନେଇ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡ ଉମାକାନ୍ତ ସାହୁ କହିଛନ୍ତି, ଏସଡିଓ ମାରାଣ୍ଡି ବାବୁଙ୍କୁ ଏ ବାବଦରେ ଅନେକ ଥର କହିଲିଣି କିନ୍ତୁ ସେ ଶୁଣୁନାହାନ୍ତି। ଆପଣ କହି କରି ଚେଷ୍ଟା କରନ୍ତୁ ବୋଲି କହିଥିଲେ। ଅପରପକ୍ଷରେ, ସମ୍ପୃକ୍ତ ସହକାରୀ ଯନ୍ତ୍ରୀଙ୍କ ସହ ଏ ବାବଦରେ ଯୋଗାଯୋଗ ହୋଇପାରୁ ନାହିଁ।

ଉଲ୍ଲେଖଯୋଗ୍ୟ କି, ଡାକ୍ତରଙ୍କ ସରକାରୀ କ୍ୱାର୍ଟରର ଛାତ ଗ୍ରିଡିଂ କଲାପରେ ମଧ୍ୟ ଛାତରୁ ପାଣି ଗଳି ଘରର ବିଦ୍ୟୁତ ଉପକରଣଗୁଡିକ ସର୍ଟ ହେଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏନେଇ ମାରାଣ୍ଡି ବାବୁଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଫଳ ଶୂନ। ଅନ୍ୟ କଣ୍ଟ୍ରାକ୍ଟରଙ୍କୁ କାମ ଦେବାକୁ କହିଲେ ମନା କରୁଛନ୍ତି। ତାଙ୍କ କଣ୍ଟ୍ରାକ୍ଟର ପୀରତିକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଏସବୁର ବିଧିବଦ୍ଧ ତଦନ୍ତ କରାଗଲେ ଅନେକ ତଥ୍ୟ ସାମ୍ନାକୁ ଆସିପାରନ୍ତା ବୋଲି ଚର୍ଚ୍ଚା ହେଉଛି।

# ନଦୀକୂଳିଆ ଗାଁକୁ ବ୍ୟାପିଲା ବାଲି ସତ୍ୟାଗ୍ରହ



ଆନନ୍ଦପୁର, ୨୨।୧୦ (ସମିସ): ଆନନ୍ଦପୁର ଉପଖଣ୍ଡର ଅନ୍ୟତମ ଜୀବନଧାରା ରେମାଳ ନଦୀର ଗତିପଥ ପରିବର୍ତ୍ତନ ହେଉଛି। ଏହାକୁ ନେଇ ପରିବେଶବିତ୍ ମହଲରେ ଚିନ୍ତା ପ୍ରକାଶ ପାଇଛି। ବିନା ପରିବେଶ ମଞ୍ଜୁରୀରେ ଖନନ କରିବା ଦ୍ୱାରା ଏହାର ଗତିପଥ ପରିବର୍ତ୍ତନ ହେଉଥିବାର ଅନୁମାନ ହୋଇଛି। ଏହାର ପ୍ରଭାବ ସିଧାସଳଖ ନଦୀକୂଳିଆ ଗାଁ ଉପରେ ପଡିବ ବୋଲି ଯଜ୍ଞପ୍ରସାଦ ସାହୁ ଅଭିଯୋଗ କରି ନିଆରା ଢଙ୍ଗରେ ଏହାର ପ୍ରତିବାଦ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ବାଲି ସତ୍ୟାଗ୍ରହ ଗାଁ ଗାଁକୁ ବ୍ୟାପିଲାଣି। ଘଷିପୁରା ତହସିଲ ଅଧୀନ କାଠପାଳ ଘାଟଠାରେ ରେମାଳ ନଦୀରେ ଆଜି ସତ୍ୟାଗ୍ରହ ଆରମ୍ଭ ହୋଇଛି।

### ରେମାଳ ନଦୀର ସୁରକ୍ଷା ପାଇଁ ବାଲିରେ ବସିଲେ

ଦୁର୍ନୀତିମୁକ୍ତ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆଜି ସକାଳୁ ଯୁବକମାନେ ନଦୀ ବାଲିରେ ନିଜ ଶରୀରକୁ ଅଧା ପୋତି ବାଲି ଲୁଟ୍ ବିରୋଧରେ ବିକ୍ଷୋଦଗାର୍ କରିଥିଲେ। ଯୁବ ପରିବେଶବିତ୍ ନୀଳାଚଳ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସତ୍ୟାଗ୍ରହରେ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ନଦୀର ସୁରକ୍ଷା ସଂପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ଦରଡିପାଳ, କାଠପାଳ, କଂସ, କେନ୍ଦୁଆ ଓ କେଶଦୁରାପାଳ ଆଦି ସ୍ଥାନରୁ ବେଆଇନ ଭାବେ ବାଲି ଲୁଟ୍ ହେଉଛି। ତେବେ ପ୍ରଶାସନ କୌଣସି ପଦକ୍ଷେପ ନନେବା ପରିବେଶବିତଙ୍କୁ ବିସ୍ମିତ କରିଛି। ଆଜିର ସତ୍ୟାଗ୍ରହରେ ସତ୍ୟବ୍ରତ ଜେନା ବକ୍ତବ୍ୟ ରଖିଥିଲେ। ବାବନ ଜେନା, ବେଣୁଧର ଜେନା, ଲୋଚନ ନାହାକ, ସାଧୁ ଜେନା, ପାଣ୍ଡବ ଜେନା, ରାଜେନ୍ଦ୍ର ରାଉତ, ନିତ୍ୟାନନ୍ଦ ଜେନା, ଶଙ୍କର୍ଷଣ ଜେନା, ଭଗବାନ ଜେନା, ମାଧବାନନ୍ଦ ଜେନା, ନିଶିକାନ୍ତ ଜେନା, ହଟକେଶ୍ୱର ଜେନା, ଚିନ୍ତାମଣି ଜେନା, ସୁରେନ୍ଦ୍ର ଜେନା, ଟୁଙ୍ଗରି ଜେନା, ରଘୁନାଥ ଜେନା, କାର୍ତ୍ତିକ ଜେନା, ହାଡିବନ୍ଧୁ ଜେନା, ମଧୁ ଜେନା, ଅଭିମନ୍ୟୁ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ମଦ ପିଇବାକୁ ବାରଣ କରିବାରୁ ବାପ ଘରେ ଝିଅର ଆତ୍ମହତ୍ୟା

ତୁରୁମୁଙ୍ଗା, ୨୨।୧୦(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ଫାଣ୍ଡି ଦାମାହୁଦା ପଞ୍ଚାୟତ ବଡ଼ପଶି ଗାଁରେ ମଙ୍ଗଳବାର ରାତିରେ ଘଟିଛି ଅଭାବନୀୟ ଘଟଣା। ମଦ ନିଶାରେ ଝିଅ ଚୁର ହୋଇ ଘରେ ପାଟିତୁଣ୍ଡ କରିବାରୁ ମା' ଆକଟ କରିଥିଲେ। ଏଥିରେ ଝିଅ ଉତକ୍ଷିପ୍ତ ହୋଇ ଘରେ ଥିବା କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ ରେଣୁ ଜେରାଇ (୨୨)। ସେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଗୁହାଳଚଟୁଆ ଗ୍ରାମରେ ଦାରା ସିଂ ସିର୍କାଙ୍କୁ ବିବାହ କରିଥିଲେ। ୧୦ ମାସର ଶିଶୁକନ୍ୟା ସହ ଏକ ବର୍ଷ ହେବ ମା ସୁକୁମାରି ଜେରାଇଙ୍କ ଘରେ ରହିଆସୁଥିଲେ। ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ମାଜିଷ୍ଟ୍ରେଟ ସାହାରପଡା ଅତିରିକ୍ତ ତହସିଲଦାର ଚରଣ ନାଏକଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରିବା ପରେ ପାଟଣା ମେଡ଼ିକାଲରେ ବ୍ୟବଚ୍ଛେଦ ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପୁଲିସ ପକ୍ଷରୁ ସାଇବର ଅପରାଧ ସଚେତନତା



ବେଲବାହାଳି, ୨୨।୧୦(ସମିସ): ଦିନକୁ ଦିନ ବଢୁଛି ସାଇବର ଠକେଇ। ଏହାର ଶିକାର ହେଉଛନ୍ତି ସାଧାରଣ ଜନତା। ସାଇବର ଠକେଇ ସମ୍ବନ୍ଧରେ ଜନସଚେତନତା ନିମନ୍ତେ ପୁଲିସ ଆରମ୍ଭ କରିଛି ସାଇବର ସୁରକ୍ଷା ଅଭିଯାନ। ରାମଚନ୍ଦ୍ରପୁର ପୁଲିସ ଗାଁ ଗାଁରେ ଏଲଇଡି ଗାଡ଼ି ମାଧ୍ୟମରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛି। ସାଇଁକୁଳ ପରେ ପୁରୁଣାବାନ୍ଧଗୋଡା ପଞ୍ଚାୟତ ନାନୀକାବାହାଳି ବସ୍ତିରେ ବିଭିନ୍ନ ସଚେତନ ବାର୍ତ୍ତାର ଭିଡିଓକୁ ପ୍ରଦର୍ଶିତ କରି ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ବର୍ତ୍ତମାନ ସମୟରେ ପ୍ରତ୍ୟେକ ଲୋକ ମୋବାଇଲ ବ୍ୟବହାର କରୁଥିବାରୁ ସାଇବର ଅପରାଧୀମାନେ ନିରୀହ ଲୋକଙ୍କୁ ଠକିବାରେ ସଫଳ ହୋଇଛନ୍ତି। ଏହାଦ୍ୱାରା ନିମିଷକ ମଧ୍ୟରେ ବ୍ୟାଙ୍କ୍ ଏକାଉଣ୍ଟ୍‌ରୁ ଲକ୍ଷାଧିକ ଟଙ୍କା ହଡ଼ପ ହୋଇଯାଉଛି। ସଚେତନତା ଦ୍ୱାରା ସାଇବର ଠକେଇ କିଛି ମାତ୍ରାରେ କମ୍ ହୋଇ ପାରିବ ବୋଲି ଥାନାଧିକାରୀ ମନୋଜ ସ୍ୱାଇଁ ପ୍ରକାଶ କରିଛନ୍ତି। ପୁଲିସ୍‌ର ଏପରି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ନଦୀପଠାରୁ ବେଆଇନ୍ ମାଟି ଉଠାଣ

# ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତା ଅବରୋଧ



ବେଲବାହାଳି,୨୨।୧୦(ସମିସ): ଆନନ୍ଦପୁର ତହସିଲ ଅଧୀନ ହରିଡ଼ାପାଲ ପଞ୍ଚାୟତ ଅନ୍ତର୍ଗତ ଟୋଲଙ୍କପଡା ଗ୍ରାମରେ ନିର୍ମାଣ କରାଯାଉଥିବା ରାସ୍ତାକାମ ପାଇଁ ବେଆଇନ୍ ଭାବେ କୁସେଇ ନଦୀ ପଠାରୁ ଜେସିବି ମେସିନ୍ ଲଗାଇ ଏକାଧିକ ଟ୍ରାକ୍ଟର ସାହାଯ୍ୟରେ ମାଟି ଖୋଳି ନିଆଯାଉଛି। ତେବେ, ଏହାକୁ ବେଆଇନ ଦର୍ଶାଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ଗ୍ରାମବାସୀ ଏହାର ପ୍ରତିବାଦ ସ୍ୱରୂପ ବେଲବାହାଳିଠାରୁ ହରିଡ଼ାପାଳକୁ ସଂଯୋଗ କରୁଥିବା ରାସ୍ତାଟିକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀ ଓ ମାଟି ଉଠାଉଥିବା ଲୋକଙ୍କ ମଧ୍ୟରେ ଏକପ୍ରକାର ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଆନନ୍ଦପୁର ଅତିରିକ୍ତ ତହସିଲଦାର ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବାସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅତିରିକ୍ତ ତହସିଲଦାର ମାଟି ଉଠାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଠିକାଦାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଲା ପରେ ଗ୍ରାମବାସୀ ପ୍ରତିବାଦରୁ ଓହରି ଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବେଲବାହାଳିଠାରୁ ହରିଡ଼ାପାଳ ପର୍ଯ୍ୟନ୍ତ ରାସ୍ତାକାମ ଚାଲିଥିବାବେଳେ ଠିକାଦାର ପକ୍ଷରୁ କିଛି ଲୋକ ଲଗାଇ ବେଆଇନ୍ ଭାବେ ମେସିନ୍‌ରେ ଗାଁ ନିକଟ କୁଶେଇ ନଦୀ ପଠାରୁ ମାଟି ଖୋଳିନେଇ ରାସ୍ତାକାମରେ ବ୍ୟବହାର କରାଯାଉଛି। ମାଟି ଖୋଳାଯାଇଥିବା ସ୍ଥାନଟିକୁ ଗାଁଲୋକେ ଶ୍ମଶାନ ଭାବେ ବ୍ୟବହାର କରିଥାନ୍ତି। ଗ୍ରାମବାସୀଙ୍କ ଏହି ଗୋରୁଗାଈ ମଧ୍ୟ ଏହି ସ୍ଥାନରେ ଚରିଥାନ୍ତି। ମାଟି ଖୋଳିବା ପରେ ନଦୀ ସୁରକ୍ଷାବନ୍ଧ ଦୁର୍ବଳ ହୋଇ ଆଗକୁ ବନ୍ୟା ସମୟରେ ଗାଁ ପ୍ରତି ବିପଦ ରହିଥିବା ଆଶଙ୍କା କରି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ବନ୍ୟା ପ୍ରବଣ ଅଞ୍ଚଳ ଭାବେ ବେଶ୍ ଜଣାଶୁଣା ଏହି ଅଞ୍ଚଳରେ ବର୍ଷା ଦିନେ କୁଶେଇ ନଦୀ ଆଡ଼ିବନ୍ଧ ଦେଇ ଏହି ରାସ୍ତାରେ ଘାଇ ହୋଇ ଅନେକ କ୍ଷୟକ୍ଷତି କରିଥାଏ। ଏହାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାସ୍ତାର ପ୍ରଶସ୍ତୀକରଣ ପାଇଁ ୨ କୋଟି ୪୦ ଲକ୍ଷ ବ୍ୟୟ ଅଟକଳରେ ଟେଣ୍ଡର ମାଧ୍ୟମରେ ରାସ୍ତାକାମ ଆରମ୍ଭ ହୋଇଛି। ନଦୀବନ୍ଧ କଡ଼ରୁ ମାଟି ଖୋଳିବା ଫଳରେ ଗୋଟିଏ ବନ୍ୟା ଆସିଲେ ରାସ୍ତା ଧୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି।



# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ତୁରୁମୁଙ୍ଗା, ୨୨।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଗାଲଫୁଲା ଗ୍ରାମରେ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗାଲଫୁଲା ଗ୍ରାମର ଅମୀନ ନାଏକ (୫୯)। ସେ ବୁଧବାର ୧୦ଟା ସମୟରେ ଗାଁ ପାଖରେ ଥିବା ଉକ୍ତ ପୋଖରୀକୁ ଗାଧୋଇବାକୁ ଯାଇଥିବା ସମୟରେ ଗୋଡ଼ ଖସିଯିବାରୁ ପୋଖରୀ ଭିତରେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ପାଟଣା ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ଓ ପାଟଣା ଥାନା ଏସଆଇ ଲକ୍ଷ୍ମଣ ମାଝୀ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ୩୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ବେଲବାହାଳି,୨୨।୧୦(ସମିସ): ଘସିପୁରା ବ୍ଲକ ଖଲଣା ପଞ୍ଚାୟତ ଆଗର୍ଦ୍ଦାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ଟ୍ରଷ୍ଟି ପୂର୍ଣ୍ଣମାସୀ ମହାରଣାଙ୍କ ଅଧ୍ୟକ୍ଷତାରେ ପ୍ରଧାନଆଚାର୍ଯ୍ୟା ପ୍ରେମଲତା ସାହୁ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚରଣ ପରିଡ଼ା ଯୋଗ ଦେଇଥିଲେ। ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକ ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚରଣ ପରିଡ଼ା ମୂଲ୍ୟାଙ୍କନ କରିଥିଲେ। ଅନୁଷ୍ଠାନର ସମସ୍ତ ଶିଶୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିଶୁ ମନ୍ଦିରର ସହକାରୀ ପ୍ରଧାନ ଆଚାର୍ଯ୍ୟା ମିଲାନୀସ୍ମିତା ନାୟକ, ଆଚାର୍ଯ୍ୟା ସସ୍ମିତା ପରିଡ଼ା, ସୃତିଶ୍ରୀ ରାଉତ, ଅନିତା ଓଝା, ପୁଷ୍ପାଞ୍ଜଳି ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ଆଚାର୍ଯ୍ୟ ଦୁଷ୍ମନ୍ତ ପାଗଡ, ସେବିକା ଲୀଳାବତୀ ସାହୁଙ୍କ ସମେତ ଅବିଭାବକ, ଅବିଭାବିକା ସହଯୋଗ କରିଥିଲେ।

# ବାନ୍ଦନା ପରବ୍ ଭେଟ୍‌ଘାଟ୍-୨୦୨୫

ଚମ୍ପୁଆ,୨୨।୧୦(ସମିସ)

କୁଡୁମି ସମ୍ପ୍ରଦାୟର ପ୍ରମୁଖ ପର୍ବ ଭାବରେ ବାନ୍ଦନା ପର୍ବ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଚମ୍ପୁଆସ୍ଥିତ ଜଡିପଦା ଗ୍ରାମରେ ସ୍ୱପ୍ନପୁରୀ ଯୁବକ ସଂଘ ଦ୍ୱାରା ବାନ୍ଦନା ପରବ ଭେଟଘାଟ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଝାଡଖଣ୍ଡ ସରାଇକେଲା ଅଞ୍ଚଳର ସନ୍ତୋଷ ମାହାତ ଝୁମର ଗୃପ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବାଦ୍ୟ ଓ କୁଡୁମାଲି ସଙ୍ଗୀତର ମୂର୍ଚ୍ଛନାରେ ଏହି ବାନ୍ଦନା ପରବ ଭେଟଘାଟ ୨୦୨୫ ଶେଷ ହୋଇଛି। କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରାୟ ୩ ହଜାର ଦର୍ଶକ ଝୁମର କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

ପ୍ରକାଶ ଥାଉ କି, କୃଷିଭିତ୍ତିକ ଏହି ପର୍ବ ସାମ୍ପ୍ରଦାୟିକ ତଥା ପାରମ୍ପରିକ ସଦଭାବନାର ସନ୍ଦେଶ ପ୍ରଦାନ କରୁଥିବା ବେଳେ କୁଡୁମି ସମ୍ପ୍ରଦାୟର ଆବାଳବୃଦ୍ଧବନିତା ୩ ଦିନ ଧରି ଏହି ପର୍ବକୁ ଭକ୍ତି ସହକାରରେ ପାଳନ କରିଥାନ୍ତି। ଏହି ପର୍ବରେ ବଳଦକୁ ପ୍ରାଥମିକତା ଦିଆଯାଉଛି। ପ୍ରଥମ ଦିନରେ ଗୋଠାଣି ପୂଜା ଓ ଅଣ୍ଡା ମଡା ସହିତ ଧିଙ୍ଗମାନି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଗ୍ରାମର ଦେହୁରୀ ଗୋରୁ ଗୋଠରେ ପୂଜାର୍ଚ୍ଚନା କରିବା ପରେ ଦେବସ୍ୱରୂପ ଅଣ୍ଡା



ପ୍ରାରମ୍ଭରେ ମୁଖ୍ୟଅତିଥି ବାବେ ଅଗ୍ନିଚରଣ ମହାନ୍ତ, ସମ୍ମାନିତ ଅତିଥି ଭାବେ ବିରଞ୍ଚି ନାରାୟଣ ମହାନ୍ତ ଓ ବହୁ ଅତିଥି ଏଥିରେ ଯୋଗଦେଇଥିଲେ। ଚଳିତ ବର୍ଷ ରଜ କୁଇନ ହୋଇଥିବା ଜଡିପଦା ଗ୍ରାମର ସ୍ୱର୍ଣ୍ଣପ୍ରଭା ମହାନ୍ତକାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ। କମିଟି ପକ୍ଷରୁ ଉପସ୍ଥିତ ଅତିଥି ଅଧିକାରୀଙ୍କୁ ପ୍ରଭୁ ଜଗନ୍ନାଥଙ୍କ ଫଟୋକୃତି ପ୍ରଦାନ କରାଯାଇଥିଲା। ଚୁଡାମଣି ମହାନ୍ତ, ରାଜେଶ ମହାନ୍ତ, ନରୋତ୍ତମ ମହାନ୍ତ, ରସିକଲାଲ ମହାନ୍ତ, ପାଣ୍ଡୁ ମହାନ୍ତ ପ୍ରମୁଖ ସଦସ୍ୟମାନେ ମଡା କାର୍ଯ୍ୟକ୍ରମରେ ଯେଉଁ ବଳଦ ଅଣ୍ଡା ମାଡିଥାଏ ସେହି ବଳଦର ମାଲିକ ଉକ୍ତ ବର୍ଷର ଭାଗ୍ୟବାନ ମଣିଷ ଭାବେ ଗଣାଯାଇଥାଏ। ଅନ୍ୟପକ୍ଷରେ, ଏହି ଦିନ ମହିଳାମାନେ ଗୁହାଳରେ ଅଖଣ୍ଡ ଦୀପ ଲଗାଇ ଜାଗର ପାଳିଥାନ୍ତି। ଶେଷ ତଥା ଅନ୍ତିମ ଦିନରେ ଗୁହାଳରେ ପୂଜା କରାଯାଇ ବୁଢୀବନ୍ଦନା କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ମ୍ପ୍ରଦାୟର ଯୁବକ ସଂଘ ଦ୍ୱାରା ପାରମ୍ପରିକ ଓ ସାଂସ୍କୃତିକ ସହଯୋଗପୂର୍ଣ୍ଣ ବାତାବରଣ ନିମନ୍ତେ ବାନ୍ଦନା ପରବ ଭେଟଘାଟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

### କାଳୀପୂଜା ପାଇଁ ଉତ୍ସବମୁଖର ଯୋଡ଼ା ସହର

# ସ୍ୱର୍ଗଦ୍ୱାର ପଡ଼ିଆରେ ମା'ଶ୍ୟାମାକାଳୀଙ୍କ ଆକର୍ଷଣୀୟ ସାଜସଜ୍ଜା

ଯୋଡ଼ା, ୨୨।୧୦(ସମିସ)

ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ପରେ ଯୋଡ଼ାରେ ଏବେ କାଳୀପୂଜା ନିମନ୍ତେ ସହର ଉତ୍ସବ ମୁଖର ହୋଇ ଉଠିଛି। ପବିତ୍ର ଦୀପାବଳିରୁ ମା'କାଳୀଙ୍କ ମୃଣ୍ମୟ ମୂର୍ତ୍ତିର ପୂଜାର୍ଚ୍ଚନା ଭକ୍ତିମୟ ପରିବେଶରେ ଆରମ୍ଭ ହୋଇଛି। ଯୋଡ଼ା ବନେଇକଳା ସାର୍ବଜନୀନ କାଳୀପୂଜା କମିଟି ପକ୍ଷରୁ ଦ୍ୱିତୀୟ ବର୍ଷ ପାଇଁ ଶାସ୍ତ୍ରୀନଗର ସ୍ୱର୍ଗଦ୍ୱାର ଖେଳ ପଡିଆରେ ମା'କାଳୀପୂଜା ଅନୁଷ୍ଠିତ ହେଉଛି। ଯୋଡ଼ା ବନେଇକଳା ଶାସ୍ତ୍ରୀନଗର ସ୍ୱର୍ଗଦ୍ୱାର ପଡ଼ିଆରେ କମିଟି ପକ୍ଷରୁ ଶ୍ୟାମା କାଳୀଙ୍କ ମୃଣ୍ମୟ ମୂର୍ତ୍ତି, ତୋରଣ କରାଯାଇଥିବା ବେଳେ ତ୍ରିନାଥ ମନ୍ଦିରଠାରୁ ଟଲକ ହଟିଂ, ବନେଇକଳା ଛକ ନିକଟରୁ ପୂଜା ପଡିଆ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ରଙ୍ଗବେରଙ୍ଗର ଆଲୋକମାଳା ଓ ଉଜ୍ଜ୍ୱଳ ତୋରଣ ରାତ୍ରିକାଳୀନ ଅନ୍ଧାରକୁ ସମ୍ପୂର୍ଣ୍ଣ ଆଲୋକିତ କରିରଖିଛି। ସୋମବାର ଭକ୍ତଙ୍କ ଦ୍ୱାରା କଳସ ଯାତ୍ରା, ଘଟସ୍ଥାପନ, ଅଧିବାସ ଅନୁଷ୍ଠିତ ହୋଇଥିବା ବେଳେ ରାତ୍ର ସମୟରେ ଚକ୍ଷୁଦାନ, ସ୍ନାନ, ଷୋଡଶ ଉପଚାର, ପୂଜା ମନ୍ତ୍ର ବହନ, ଆରତି, ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସୂର୍ଯ୍ୟପୂଜା, ପଞ୍ଚାଙ୍ଗ, ଠାକୁରାଣୀ ସ୍ନାନ, ଷୋଡଶ ଉପଚାର ପୂଜା, ଚଣ୍ଡୀ





ହବନ, ବିଲ୍ୱପତ୍ର ସମର୍ପଣ, ସର୍ବସମୂହ ପଣାହାଣ୍ଡି, ଆରତି ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପୂର୍ଣ୍ଣାହୁତି ହେବ ବୋଲି କମିଟିର ବରିଷ୍ଠ ଉପଦେଷ୍ଟା ଗୋପାଳଚନ୍ଦ୍ର ସାହୁ, ବିମଳ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି। ଯୋଡା ଓ ଏହାର ଆଖପାଖ ଅଞ୍ଚଳରେ ଶତାଧିକ ଭକ୍ତ ମା'ଙ୍କ ଆଶିଷ ଲାଭ କରିବା ସହ ପ୍ରସାଦ ସେବନ କରିଛନ୍ତି। ୫ ଦିନ ବ୍ୟାପି ପାଳନ ହେଉଥିବା ଏହି ପୂଜା ଓ ୯ ଦିନ ବ୍ୟାପି ମେଳା ଅବସରରେ ଭଜନ ସମାରୋହ ଓ ରଙ୍ଗାରଙ୍ଗ ମେଲୋଡି, ଅପେରା, ପାଲା, ମିନାବଜାର, ଦୋଳି ପ୍ରଭୃତି ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଖୁବ ଯାକଜକମରେ ମେଳା ଓ ପୂଜା କାର୍ଯ୍ୟକ୍ରମ ଚାଲିଛି। ପୂଜାକୁ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ଲଟେରୀ ମାଧ୍ୟମରେ ବିଜେତାଙ୍କୁ ପୁରସ୍କୃତ କରାଯାଉଛି। ପ୍ରଥମ ପୁରସ୍କାର ସ୍କୁଟି, ଦ୍ୱିତୀୟ ପୁରସ୍କାର ରେଫ୍ରିଜେରେଟର, ତୃତୀୟ ପୁରସ୍କାର ୱାସିଙ୍ଗ ମେସିନ ସହ ୧୦ଟି ସ୍ୱାନ୍ତନାମୂଳକ ପୁରସ୍କାର ରହିଛି। ଅପେରା ଗ୍ରାଣ୍ଡ ମହଲ ଦ୍ୱିତୀୟ ଦିନରେ ଜୋରଦାର ଗହଳି ଦେଖିବାକୁ ମିଳିଛି।

ଠିକ୍ ସେହିପରି ଯୋଡା ବସ୍‌ଷ୍ଟାଣ୍ଡଠାରେ ସର୍ବପୁରାତନ କାଳୀପୂଜା ୫୧ ବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜା କମିଟି ପକ୍ଷରୁ କାଳୀ ପୂଜା ଖୁବ୍ ଜାକଜକମରେ ପାଳନ ହେଉଛି। କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା ରହିଥିବା ବେଳେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଯୋଡ଼ା ସହରର ସବୁଠାରୁ ପୁରୁଣା ପୂଜା ଅନୁଷ୍ଠାନ ହୋଇଥିବାରୁ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଯୋଡାସ୍ଥିତ ରଣାଶାଳ ଘାଟିଠାରେ ଥିବା କାଳୀ ମନ୍ଦିରରେ ମଧ୍ୟ ପୂଜା ଚାଲିଛି। ଦୈନିକ ପ୍ରସାଦ ସେବନ, ଭଜନ କାର୍ଯ୍ୟକ୍ରମ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯୋଡ଼ା ସହରରେ କାଳୀ ପୂଜା ଖୁବ ଧୁମଧାମରେ ପାଳନ ହେଉଛି।

# ବାର୍‌ହା ମାଂସ ବିକ୍ରିରେ ଚଢ଼ଉ; ଜଣେ ଗିରଫ



ଡୁରୁମୁଙ୍ଗା, ୨୨।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତୋଣ୍ଡ ବିଟ୍ ରୋହଣିଦୁମା ଗ୍ରାମର ହରିଶ୍ଚନ୍ଦ୍ର ମହାନ୍ତ (୭୧)ଙ୍କୁ ବାରହା ମାଂସ ବିକ୍ରି କରୁଥିବା ଅଭିଯୋଗରେ ପାଟଣା ବନ ବିଭାଗ ଚଢ଼ଉ କରି ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ବନ୍ୟପ୍ରାଣୀ ଆକ୍ଟ ୧୯୭୨ ଧାରା ଅନୁସାରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ହରିଶ୍ଚନ୍ଦ୍ର ବାରହା ମାଂସକୁ ୩୦୦ ଟଙ୍କା କେଜି ହିସାବରେ ବିକ୍ରି କରିଥିବା ନେଇ ଖବର ପାଇ ବନପାଳ ନିରଞ୍ଜନ ସେଠୀ ସହକାରୀ ବନପାଳ ଦେବଜାନି ମହାନ୍ତଙ୍କ ସମେତ ବନ କର୍ମଚାରୀ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୧ କେଜି ୫୯୦ ଗ୍ରାମ ମାଂସ ଜବତ କରାଯାଇ ଭୁବନେଶ୍ୱର ଓୟୁଏଟିକୁ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ଏସିଏଫ୍ ଡ ସୁଦୀପ୍ତ ପଣ୍ଡା ସୂଚନା ଦେଇଛନ୍ତି।

## ଧାଉଁଡ଼ିଆ ଜଙ୍ଗଲରୁ ତାର ଚୋରି

କୁଆମରା,୨୨।୧୦(ସମିସ): ଉଦଳା ରେଞ୍ଜ ଅନ୍ତର୍ଗତ ଧାଉଁଡିଆ ସଂରକ୍ଷିତ ଜଙ୍ଗଲରେ ଚଳିତ ବର୍ଷ ଚାରା ରୋପଣ କରିଥିଲା ବନ ବିଭାଗ। ତେବେ ଚାରାକୁ ସୁରକ୍ଷିତ ରଖିବା ପାଇଁ ତାରବାଡ ଦିଆଯାଇଥିଲା। ହେଲେ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ୨୦୮ ଫୁଟ ଲମ୍ବର ତାରକୁ ଚୋରି କରି ନେଇଥିବାର ବନରକ୍ଷୀ ମାଧବ ଚନ୍ଦ୍ର ସିଂ କୁଆମରା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଜାରି ରଖିଥିବା କହିଛନ୍ତି।

## ୨ ଦେଶୀ ବନ୍ଧୁକ ଓ ଗୁଳି ଜବତ



ବୈଶିଙ୍ଗା, ୨୨।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ କଳମା-ଗୋବିନ୍ଦରାୟପୁର ରାସ୍ତାରେ ମହେଶପୁର ଉପକଣ୍ଠ ବାଉଁଶ ପୋଖରୀ ନିକଟରେ ଥିବା ଜଙ୍ଗଲିଆ ସ୍ଥାନରେ କିଛି ଦୁର୍ବୃତ୍ତ କୌଣସି ଏକ ବଡ଼ ଅଘଟଣ ଘଟାଇବା ଯୋଜନା କରୁଥିବାବେଳେ ପୁଲିସ ମାଡି ବସିଲା। ବେତନଟୀ ଏସଡିପିଓ ମିନତୀ ବିଶ୍ୱାଲଙ୍କ ତତ୍ତ୍ୱାବଧାନରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଏକ ଟିମ ନେଇ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ଉ କରିଥିଲେ; ହେଲେ କୌଶଳକ୍ରମେ ୨ ଜଣ ଚମ୍ପଟ ମାରିଥିଲେ। ପରେ ପୁଲିସ ଘଟଣାସ୍ଥଳରୁ ୨ଟି ଦେଶୀ ବନ୍ଧୁକ ଓ ୨ଟି ଜୀବନ୍ତ ଗୁଳି ଜବତ କରିଥିଲା। ପୁଲିସ ଫେରାର ଅଭିଯୁକ୍ତକୁ ଧରିବାକୁ ଉଦ୍ୟମ ଚଳାଇଛି।

## ସମ୍ପର୍କ ପରିବାର ପକ୍ଷରୁ ଦୀପାବଳି ପାଳିତ

ବାରିପଦା, ୨୨।୧୦(ସମିସ): ପବିତ୍ର ଦୀପାବଳି ଉପଲକ୍ଷେ ବାରିପଦା ସମ୍ପର୍କ ଛକଠାରେ 'ସମ୍ପର୍କ' ପରିବାର ପକ୍ଷରୁ ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି। ପରିବାରର ସମ୍ପାଦକ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଅଭିଜିତ ମହାନ୍ତି, ଦୀପକ କୁମାର ନାୟକ, ଶାରଦା ପ୍ରସାଦ ବାରିକ, ସୌଭାଗ୍ୟ ମହାପାତ୍ର, ସୟେଦ ସିରାଜୁଦ୍ଦିନ, ଶୁଭେନ୍ଦୁ ପଟ୍ଟନାୟକ, ହରେକୃଷ୍ଣ ଦାସ, ଜୟ ବୋଷ ପ୍ରମୁଖ ଉପସ୍ଥିତ ରହି ଆଲୋକର ପର୍ବ ଦୀପାବଳିରେ ସମାଜର ମଙ୍ଗଳ କାମନା କରିଥିଲେ। ଏହି ଅବସରରେ ସମ୍ପର୍କ ଛକକୁ ରଙ୍ଗୋଲିରେ ସୁସଜ୍ଜିତ କରିବା ସହ ଶହସ୍ରାଧିକ ମାଟି ଦୀପ ପ୍ରଜ୍ୱଳନ କରାଯାଇ ସୁରକ୍ଷିତ ଦୀପାବଳି ପାଳନ ପାଇଁ ଆହ୍ୱାନ ଦିଆଯାଇଥିଲା। ସମ୍ପର୍କ ପରିବାରର ବହୁ ସଦସ୍ୟ ଏବଂ କଲେଜ ଛାତ୍ରୀ ଏଥିରେ ସହଯୋଗ କରିଥିଲେ।

## କୁଚେଇବୁଢୀ କାଳୀ ମଣ୍ଡପରେ ସଙ୍ଗୀତ କାର୍ଯ୍ୟକ୍ରମ



ରାଇରଙ୍ଗପୁର,୨୨।୧୦(ସମିସ): କାଳୀପୂଜା ଅବସରରେ ରାଇରଙ୍ଗପୁର ପୌରପରିଷଦ ଅନ୍ତର୍ଗତ ଅନାମିକା କମିଟି ତରଫରୁ କୁଚେଇବୁଢୀ କାଳୀ ମଣ୍ଡପରେ ମା 'ଶ୍ୟାମାକାଳୀଙ୍କ ପୂଜା ସମାରୋହରେ ପାଳିତ ହୋଇଛି। କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ଏଥିରେ ଶରତ ଦାସ, ଛୁଟୁପଦ ମୋଦକ, ମନୁ ଚୌଧୁରୀ, ଛୁଟୁପଦ ମୋଦକ, ଦୁଷ୍ମନ୍ତ ଦାସ, ସୁଜିତ ପଟ୍ଟନାୟକ, ବାନି ପଣ୍ଡା, ଦିଲ୍ଲୀପ ମହାନ୍ତି, କିଶୋର ମଲ୍ଲିକ, କୁନୁ ଭାଇ, ରାଜୁ ମହାନ୍ତ, ମଙ୍ଗଳ ମୋଦକ, ରାଜୁ ମୋଦକ ପ୍ରମୁଖ ସହାୟତା କରିଥିଲେ। ସନ୍ଧ୍ୟାରେ "ସାଜ ଔର ଆୱାଜ' ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧ୍ୟାପକ ବିଜୟ ରାମଙ୍କ ସଂଯୋଜନାରେ ଏହି ସଙ୍ଗୀତ ଧମାକାରେ କଣ୍ଠଶିଳ୍ପୀ ପ୍ରକାଶ ପାତ୍ର, ପ୍ରିୟବ୍ରତ ଦାସ, ବବିତା କୋଇଲିୟାର, ପଙ୍କଜ ମହାନ୍ତ, ଅଭିବସ୍ମିତା ଦାଶ, ଓମପ୍ରକାଶ ରାମ ଗୀତ ପରିବେଷଣ କରିଥିଲେ। ବାଦ୍ୟ ଯନ୍ତ୍ରରେ ଗୁରୁ ସୁବାସ ପାତ୍ରଙ୍କ ନିର୍ଦ୍ଦେଶନାରେ ପ୍ରଶାନ୍ତ ପରୀକ୍ଷା, ବିମଳ ମହାନ୍ତି, ସତ୍ୟରଞ୍ଜନ ରାମ, ସ୍ୱରୂପ, ତପନ ଓ ସୌରଭ ପଟ୍ଟନାୟକ ସହଯୋଗ କରିଥିଲେ।

### ଏମପିସି ସ୍ୱୟଂଶାସିତ କଲେଜରେ ପରୀକ୍ଷା ଫଳ ବିଳମ୍ବ

# ଆମରଣ ଅନଶନ ପରେ ପ୍ରକାଶ କଲେ କର୍ତ୍ତୃପକ୍ଷ

ବାରିପଦା, ୨୨।୧୦(ସମିସ)



ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମପିସି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା ଫଳ ପ୍ରକାଶ ବିଳମ୍ବ ଯୋଗୁଁ ଛାତ୍ରଛାତ୍ରୀ ଆମରଣ ଅନଶନରେ ବସିଥିଲେ। ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରଣ ବିଭାଗର ଦାୟିତ୍ୱହୀନତାକୁ ବିରୋଧ କରି ଛାତ୍ରଛାତ୍ରୀ ଆନ୍ଦୋଳନ କରିଥିଲେ। ତେବେ କଲେଜ କର୍ତ୍ତୃପକ୍ଷ ପରୀକ୍ଷା ଫଳ ପ୍ରକାଶ କରିବା ପରେ ପରୀକ୍ଷାର୍ଥୀମାନେ ଅନଶନରୁ ଓହରିଥିଲେ। ଘଟଣାରୁ ପ୍ରକାଶ ଯେ, ଏପ୍ରିଲ ମାସରୁ ଏଜୁକେସନ, ଆନ୍ଥ୍ରପୋଲଜି, ଏମବିଏ ଓ ସାଇକଲୋଜି ଭଳି ୪ଟି ବିଭାଗର ସ୍ନାତକୋତ୍ତର ପରୀକ୍ଷା ହୋଇଥିଲା। କିନ୍ତୁ ୬ ମାସ ବିତିଯାଇଥିଲେ ମଧ୍ୟ ଫଳାଫଳ ପ୍ରକାଶ ନ ହେବାରୁ ଛାତ୍ରଛାତ୍ରୀ ହତାଶ ହୋଇପଡିଥିଲେ। ଏହା ଯୋଗୁଁ ସେମାନେ ଉଚ୍ଚଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ରହିଥିବା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଭଳି ଘଟଣା ଘଟିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ଘଟଣା ସମ୍ପର୍କରେ କଲେଜ ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରା କହନ୍ତି, ଛାତ୍ରଛାତ୍ରୀଙ୍କ ଦାବି ଯଥାର୍ଥ। କିଛି ବୈଷୟିକ ଅସୁବିଧା ଯୋଗୁଁ ଫଳାଫଳ ପ୍ରକାଶରେ ବିଳମ୍ବ ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ପରୀକ୍ଷା ଫଳ ତୁରନ୍ତ ପ୍ରକାଶ କରାଯାଇଛି। ଅନ୍ୟପଟେ ପରୀକ୍ଷା ପ୍ରକାଶ ନହେବା ପର୍ଯ୍ୟନ୍ତ ଅନଶନ ଜାରି ରଖିବେ ବୋଲି ଆନ୍ଦୋଳନ ରତ ପରୀକ୍ଷାର୍ଥୀ ପ୍ରକାଶ କରିଥିଲେ। ପରୀକ୍ଷା ନିୟନ୍ତ୍ରଣ ବିଭାଗର କାର୍ଯ୍ୟକଳାପ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ସେମାନଙ୍କ ଉପରେ ନିୟନ୍ତ୍ରଣ ନରହିବା ଫଳରେ ଫଳ ପ୍ରକାଶ ବିଳମ୍ବ ନେଇ ଅନେକ ପ୍ରଶ୍ନ ଉଠୁଛି। ତେବେ ଛାତ୍ର ଆନ୍ଦୋଳନ ରୂପ ନେବା ପରେ ଫଳ ପ୍ରକାଶ ପାଇଁ କର୍ତ୍ତୃପକ୍ଷ ବାଧ୍ୟ ହୋଇଥିଲେ।

## ଯୋଗେନ୍ଦ୍ରନାଥ ସାହୁଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ


କେନ୍ଦୁଝର, ୨୨।୧୦(ସମିସ): ଅସୁସ୍ଥ ଥିବା କେନ୍ଦୁଝର ଜିଲ୍ଲା ଆର୍‌ଏସ୍‌ଏସ୍ ପୂର୍ବତନ ସଂଘ ଚାଳକ ଯୋଗେନ୍ଦ୍ରନାଥ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଦର ବ୍ଲକ ପଦ୍ମପୁର ଗ୍ରାମର ତାଙ୍କ ବାସଭବନରେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସେ କିଛିଦିନ ହେବ ନିମୋନିଆ, ହୃଦରୋଗ ଆଦିର ଶିକାର ହୋଇ ଅସୁସ୍ଥ ହୋଇ ପଡ଼ିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଗାଁ ରାଇକଳା ଅଭିମୁଖେ ଯାଉଥିବାବେଳେ ଶ୍ରୀ ସାହୁଙ୍କୁ ଭେଟିଥିଲେ। ପଦ୍ମପୁର ଅଞ୍ଚଳର ଲୋକମାନଙ୍କର ସମସ୍ୟା ଉପରେ ପ୍ରଶାସନଙ୍କୁ ଅବଗତ କରିଥିଲେ। ରାଇସୁଆଁ ମଣ୍ଡଳ ସଭାପତି ସମିର ସାହୁ, ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ଉପସପତି ଗୋପୀନାଥ ରାମ, ପୂର୍ବତନ ନଗର ମଣ୍ଡଳ ସଭାପତି ବିଶ୍ୱଜିତ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ଆଇନ ପରାମର୍ଶଦାତା ବିରଜା ମିଶ୍ର, ପଦ୍ମପୁର ଲକ୍ଷ୍ମୀପୂଜା କମିଟି ସଭାପତି ବିଜୟ ସାହୁ, ଅଧ୍ୟାପକ ରାମଶଙ୍କର ସାହୁ, ସିଆରସିସି ଜନ୍ମେଜୟ ସାହୁ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଖଣି ଅଞ୍ଚଳରେ ପୃଥକ ଦୁର୍ଘଟଣା; ଚାରି ମୃତ

ବଡ଼ବିଲ, ୨୨।୧୦(ସମିସ): କେନ୍ଦୁଝର ଜିଲ୍ଲାର ଖଣିଜ ବହୁଳ ବଡ଼ବିଲ ଥାନାଞ୍ଚଳରେ ଦୁର୍ଘଟଣା ଘଟି ୪ ଜଣଙ୍କ ଗୋଟିଏ ଦିନରେ ମୃତ୍ୟୁ ଘଟିଛି। ବିର୍ଶାମୁଣ୍ଡା ଛକ ନିକଟରେ ଏକ ଟ୍ରକ ସହ ପଲସର ମଟର ସାଇକଲ ଧକ୍କାରେ ମଙ୍ଗଳବାର ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସେହି ସନ୍ଧ୍ୟାରେ ବିଆରପିଏଲ ଫାଟକ ନିକଟରେ ଏକ ଟ୍ରକ ଓ ମଟର ସାଇକଲ ମଧ୍ୟରେ ଧକ୍କା ହେଇ ଦୁଇ ଜଣ ଗୁରୁତର ହେଇଥିଲେ। ବୁଧବାର କେନ୍ଦୁଝରସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେହିପରି ରାତି ପ୍ରାୟ ନ'ଟା ବେଳେ ସେରେଣ୍ଡା ଲାବେଲା ଢ଼ାବା ସମ୍ମୁଖରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ବଡ଼ବିଲ ପଟୁ ଆସୁଥିବା ଏକ ସ୍କୁଟି ଆରୋହୀ ଧକ୍କା ଦେବାରୁ ତାଙ୍କର ଘଟଣାସ୍ଥଳ ରେ ମୃତ୍ୟୁ ହୋଇଛି। ରାସ୍ତାକଡ଼ରେ ବେଆଇନ ଭାବେ ଛିଡା ହେଉଥିବା ଟ୍ରକ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟି ଅନେକ ସମୟରେ ଧନଜୀବନ ହାନି ହେଉଥିବା ଯୋଗୁଁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କାଳୀପୂଜାରେ ବ୍ରହ୍ମାକୁମାରୀ ସଂସ୍ଥାର କାର୍ଯ୍ୟକ୍ରମ



ଆନନ୍ଦପୁର, ୨୨।୧୦ (ସମିସ): ଆନନ୍ଦପୁର ଓ଼ ଘସିପୁରାରେ ମା' କାଳୀଙ୍କ ପୂଜା ଯାକଜମକରେ ଚାଲିଛି। ଘସିପୁରା ବସଷ୍ଟାଣ୍ଡଠାରେ କାଳୀପୂଜା କମିଟି ତରଫରୁ ମା'ଙ୍କ ପୂଜା ମଣ୍ଡପ ଆକର୍ଷଣୀୟ ହୋଇଛି। ଏହି ଅବସରରେ ଆନନ୍ଦପୁର ପ୍ରଜାପତି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା। ପୂଜା କମିଟିର ସଭାପତି ହରେକୃଷ୍ଣ ସାହୁ ସମ୍ପାଦକ ସୁରେଶ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ବିଶିଷ୍ଟ ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ ଆଧ୍ୟାତ୍ମିକ ମଣ୍ଡପକୁ ଉଦଘାଟନ କରିଥିଲେ। ପୂଜାକମିଟି ଉପଦେଷ୍ଟା ଅର୍ଜୁନି ଚରଣ ମହାନ୍ତି ଉପସଭାପତି ବାବୁଲି ପେରେଇ ପ୍ରମୋଦ ଦାସ କ୍ଷେତ୍ରବାସୀ ସାହୁ ରବୀନ୍ଦ୍ର ସେଠୀ ପରି ସାହୁ କ୍ଷୀରୋଦ କୁମାର କର ପ୍ରତାପ ସାହୁ କୁନାଦାଶ ପ୍ରମୁଖ ସହଯୋଗ କରୁଛନ୍ତି। ସେହିପରି ଫକୀରପୁର, ଶାଳବଣୀ, ରାମଚନ୍ଦ୍ରପୁର, ବେଲ ବାହାଳୀ ପ୍ରମୁଖ ଅଞ୍ଚଳରେ ଦୀର୍ଘ ୭ଦିନ ଧରି ଏହି ପୂଜା କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

**ନିଶାସକ୍ତ ଯୁବକଙ୍କ ଗୁଣ୍ଡାରାଜ;**

## ଖଣ୍ଡାରେ ଆକ୍ରମଣ ଉଦ୍ୟମ

ବାରିପଦା, ୨୨।୧୦(ସମିସ): ବାରିପଦା ସହରର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଦୀପାବଳିରେ ନିଶାସକ୍ତ ଯୁବକମାନେ ଢ଼ାବା ମାଲିକକୁ ବନ୍ଧୁକ ମୁନରେ ଆକ୍ରମଣ କରିଥିବା ବେଳେ ରାସ୍ତାରେ ଖଣ୍ଡା ଧରି ଆକ୍ରମଣ ଉଦ୍ୟମ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଷ୍ଟେସନ ବଜାର ଅଞ୍ଚଳରେ ଘଟଣା ଘଟିଛି। ଷ୍ଟେସନ ବଜାର ସ୍ଥିତ ସର୍କିଟ ହାଉସ ନିକଟରେ ଥିବା ମଦ ଦୋକାନ ସମ୍ମୁଖରେ ଖଣ୍ଡା ଧରି ଆକ୍ରମଣ ଉଦ୍ୟମ କରିଥିଲେ। କୌଣସି କାରଣ ପାଇଁ ନିଶାସକ୍ତ ଯୁବକ ଜଣକ ଗୁଣ୍ଡାରାଜ ଭିଆଇଥିଲେ। ରାସ୍ତାରେ ସର୍ବସମ୍ମୁଖରେ ଖଣ୍ଡା ଧରି ଆକ୍ରମଣ କରିବାକୁ ଦୌଡାଉଥିବା ବେଳେ ସ୍ଥାନୀୟ ଲୋକମାନେ ଆୟତ୍ତ କରିଥିଲେ। ବାରିପଦା ଟାଉନ ଥାନା ପୁଲିସକୁ ଖବର ଦେବାରୁ ତୁରନ୍ତ ଆସି ନିଶାସକ୍ତ ଯୁବକକୁ ଗିରଫ କରି ନେଇଛନ୍ତି। ତାଙ୍କର ପରିଚୟ ମିଳିନଥିବା ବେଳେ ପୁଲିସ ତଦନ୍ତ ଜାରି ରହିଛି।

## ଅମାନିଆ ଗାଡ଼ିଚାଳକଙ୍କଠାରୁ ୧.୩୪ ଲକ୍ଷ ଜରିମାନା ଆଦାୟ

ବୈଶିଙ୍ଗା,୨୨।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁରସ୍ଥିତ ଟୋଲ ପ୍ଲାଜା ନିକଟରେ ମୟୂରଭଞ୍ଜ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଏବଂ ବୈଶିଙ୍ଗା ପୁଲିସ ପକ୍ଷରୁ ଯାଞ୍ଚ କରାଯାଇ ଟ୍ରାଫିକ ନିୟମ ଉଲଙ୍ଘନ କରିଥିବା ୧୫ଟି ଗାଡିକୁ ୧ଲକ୍ଷ ୩୪ହଜାର ଟଙ୍କାର ଚାଲାଣ କଟାଯାଇଛି। ସୂଚନା ମୁତାବକ, ଅମାନିଆ ଗାଡିଚାଳକଙ୍କୁ ସାବାଡ କରିବା ସହିତ ଟ୍ରାଫିକ ନିୟମର କିଭଳି କଡାକଡି ଅନୁପାଳନ କରିବେ ସେନେଇ ରାଜ୍ୟବ୍ୟାପୀ ଚେକିଂକୁ କଡାକଡି କରାଯାଇଛି। ଟ୍ରାଫିକ ନିୟମର ଉଲଙ୍ଘନ ପାଇଁ ଦୈନିକ ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ବ୍ୟାପକ ଧନଜୀବନର ହାନି ଘଟୁଥିବା ବେଳେ ବର୍ତ୍ତମାନ ଏହି ସମସ୍ୟା ଉଦ୍‌ବେଗଜନକସ୍ଥିତିରେ ପହଞ୍ଚିଛି। ଏଭଳି ସମସ୍ୟାର ସମାଧାନ ପାଇଁ ଟ୍ରାଫିକ ନିୟମ ଉଲଙ୍ଘନକାରୀଙ୍କ ବିରୋଧରେ ଜରିମାନା ସହିତ ଦୃଢ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ ପଦ୍ମନାଭପୁର ଟୋଲ ନିକଟରେ ବୈଶିଙ୍ଗା ପୁଲିସ ଏବଂ ପରିବହନ ବିଭାଗ ଯାଞ୍ଚ କରାଯାଇଥିଲା। ପରିବହନ ବିଭାଗ ପକ୍ଷରୁ କନିଷ୍ଠ ଏମଭିଆଇମ ରାଜେନ୍ଦ୍ର ମାଝୀ ନିଜର କର୍ମଚାରୀଙ୍କ ସହିତ ବୈଶିଙ୍ଗା ପୁଲିସ କର୍ମଚାରି ଉପସ୍ଥିତ ଥିଲେ। ହେଲମେଟ ନ ପିନ୍ଧି ବାଇକରେ ଯାଉଥିବା, ମଦପିଇ ଗାଡି ଚଳାଉଥିବା, ମାଲପରିବହନ ପାଇଁ ଉଦ୍ଦିଷ୍ଟ ଗାଡିରେ ଲୋକଙ୍କୁ ବସାଇ ପରିବହନ କରିବା ଭଳି ବିଭିନ୍ନ ପ୍ରକାର ଟ୍ରାଫିକ ନିୟମର ଉଲଙ୍ଘନ କରିଥିବା ୧୫ଟି ଯାନବାହନକୁ ୧ଲକ୍ଷ ୩୪ହଜାର ଟଙ୍କା ଜରିମାନା କରାଯାଇଥିବା କନିଷ୍ଠ ଏମଭିଆଇ ରାଜେନ୍ଦ୍ର ମାଝୀ ସୂଚନା ଦେଇଛନ୍ତି।



## ଆଲୋକିତହେଲା ଶୈଲଙ୍ଗର ଦୁର୍ଘଟଣାପ୍ରବଣ ଅଞ୍ଚଳ



ଆନନ୍ଦପୁର, ୨୨।୧୦ (ସମିସ): ଆନନ୍ଦପୁର ପୌରାଞ୍ଚଳର ଶେଷସୀମା ୧୬ନମ୍ବର ୱାର୍ଡ ଶୈଲଙ୍ଗ ଅଞ୍ଚଳରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଷ୍ଟ୍ରିଟଲାଇଟ ଲାଗିବା ଫଳରେ ଏହି ଅଞ୍ଚଳ ରାସ୍ତା ଆଲୋକିତ ହୋଇଛି।ଘସିପୁରା ବ୍ଲକର ୫ପଞ୍ଚାୟତର ଜନସାଧାରଣ ଅନ୍ଧାରରେ ଯାତାୟାତ କରୁଥିଲେ। ବହୁସମୟରେ ଦୁର୍ଘଟଣା ହୋଇ ଧନଜୀବନ ହାନି ହେଉଥିବାରୁ କାଉନସିଲର ଲିନାରାଣୀ ସାହୁ, ସମାଜସେବୀ ପ୍ରମୋଦ କୁମାର ସାହୁ ପୌରପରିଷଦ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ଉଦ୍ୟମରେ ଏହି ଅଞ୍ଚଳକୁ ଆଲୋକିତ କରାଯାଇଛି। ୨୦ ନମ୍ବର ଜାତୀୟ ରାଜପଥ ନିକଟରେ ଅତିକ୍ରମ କରୁଥିବା ଏହି ରାସ୍ତା ଆଲୋକିତ ହେବାରୁ ବନ୍ୟଜନ୍ତୁ ଭୟ ମଧ୍ୟ ଦୂର ହୋଇଥିବା ଖାଲିଆମେଣ୍ଟ, ଭଣ୍ଡାରିଡିହା, ଓସ୍ତପୁରା, ଭୋଳନୂଆଗାଁ ମିରିଗିମୁଣ୍ଡି, ପଦନପୁର, ଶାମୁକାନାଣ୍ଡିର ଜନସାଧାରଣ ପ୍ରକାଶ କରିଛନ୍ତି।

## ଡିଡି ଏମ୍‌ସିଏଚ୍‌ରେ ଅଲଟ୍ରାସାଉଣ୍ଡ ସେବା ଆରମ୍ଭ



କେନ୍ଦୁଝର, ୨୨।୧୦ (ସମିସ): ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସପିଟାଲରେ ଅଲଟ୍ରାସାଉଣ୍ଡ ସେବା ଆଜିଠାରୁ ଆରମ୍ଭ ହୋଇଛି। ଅଧୀକ୍ଷକ ପ୍ରଫେସର ମହେନ୍ଦ୍ର ନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଅଲଟ୍ରାସାଉଣ୍ଡ ପାଇଁ ରୋଗୀଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଥିଲା। ସେଠାରେ ରୋଗୀମାନେ ଅଲଟ୍ରାସାଉଣ୍ଡ କରିବା ପରେ ରିପୋର୍ଟ ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସପିଟାଲରେ ଡାକ୍ତରଙ୍କୁ ଦେଖାଉଥିଲେ। ଅତ୍ୟାଧୁନିକ ଜ୍ଞାନକୌଶଳରେ ୪-ଡି ଟେକ୍ନୋଲୋଜିର ଅଲଟ୍ରାସାଉଣ୍ଡ ମେସିନ ଦ୍ୱାରା ରୋଗୀମାନେ ଉନ୍ନତମାନର ସେବା ଖୁବ୍ କମ ସମୟରେ ପାଇପାରିବେ ବୋଲି ରଶ୍ମିରଞ୍ଜନ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ଡାକ୍ତର ସନ୍ତୋଷ ପଣ୍ଡା ପ୍ରକାଶ କରିଛନ୍ତି। ପ୍ରଥମ ଦିନରେ ୪୦ ଜଣ ରୋଗୀଙ୍କ ରଶ୍ମିରଞ୍ଜନ ପରୀକ୍ଷା ରିପୋର୍ଟ ପ୍ରଦାନ କରାଯାଇଥିଲା। ସର୍ଜରୀ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ରମାକାନ୍ତ ମହାନ୍ତି, ଆଖି ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ସନ୍ତୋଷ ସେଠୀ, ହସ୍ପିଟାଲ ମ୍ୟାନେଜର ରାଜା ପ୍ରଧାନ, ଚୈତାଳୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ବାରିପଦା, ୨୨।୧୦(ସମିସ)



ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବାରିପଦାସ୍ଥିତ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମୀନାରାଣୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ମଞ୍ଚାସୀନ ରହି ନାଟକର ଉପାଦାୟତା ଉପରେ ଆଲୋକପାତ କରିଥିଲେ। ଏଥିରେ ଜିଲ୍ଲାରୁ ୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସେଗୁଡିକ ହେଲା ତୁଳସୀଚଉରା କଲୋନୀ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ, ଓଏଭି କୁଆଳିଆ,ଉଦଳା, ଓଏଭି, ମାଟିଆଗଡ଼, ଯଶୀପୁର, ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କମଳାନେହେରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ। ପ୍ରତିଯୋଗିତାର ବିଚାରକ ଭାବେ ନାଟ୍ୟକାର ଅନ୍ନଦା ଶଙ୍କର ଦାସ, ଅଭିନେତା ଜ୍ଞାନରଞ୍ଜନ ପଣ୍ଡା ଓ ପ୍ରକାଶଚନ୍ଦ୍ର ଦାସ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦା, ମହାରାଜା କୃଷ୍ଣଚନ୍ଦ୍ର ବିଦ୍ୟାଳୟ, ବାରିପଦା, ଓଏଭି, କୁଆଳିଆ, ଉଦଳା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇ ଅତିଥିଙ୍କ ନିକଟରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ନୟନ ଗିରି, ବସନ୍ତ ଦତ୍ତ, ମନୋଜ ପରିଡା, ମନୋଜ ପରିଡା, ସଂଜୀବ ଦଳେଇ, ଶିକ୍ଷୟିତ୍ରୀ ପ୍ରାର୍ଥନା ମିଶ୍ର। ସୂଚନାଯୋଗ୍ୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ବିଦ୍ୟାଳୟ ଆସନ୍ତା ୨୪ ତାରିଖରେ ମୟୂରଭଞ୍ଜ, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର ଆଦି ଜିଲ୍ଲାକୁ ନେଇ ବାରିପଦାରେ ଅନୁଷ୍ଠିତ ହେବାକୁ ଥିବା ଜୋନସ୍ତରରେ ଅଂଶ ଗ୍ରହଣ କରିବେ।

## କେଶଦୁରାପାଳ କ୍ୟାରମ୍ ପ୍ରତିଯୋଗିତାରେ ଜ୍ୟୋତିର୍ମୟ ଯୋଡ଼ି ଚାମ୍ପିଅନ



ଆନନ୍ଦପୁର, ୨୨।୧୦ (ସମିସ): ଘସିପୁରା ବ୍ଲକ କେଶଦୁରାପାଳଠାରେ ଆୟୋଜିତ ଗ୍ରାମାଞ୍ଚଳ କ୍ୟାରମ ଟୁର୍ନାମେଣ୍ଟରେ ଘସିପୁରାର ଜ୍ୟୋତିର୍ମୟ ଦାଶ ଯୋଡି ଚାମ୍ପିଅନ ହୋଇଛନ୍ତି। ସନସାଇନ କ୍ଲବ ଆନୁକୂଲ୍ୟରେ ୨୪ତମ ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଶାଳପଡାର ଅମୂଲ୍ୟ ମିଶ୍ର ଯୋଡି ଘସିପୁରାର ଦାମଦୋର ସାହୁ ଯୋଡିକୁ ୩ ଗେମ ବିଶିଷ୍ଟ ମ୍ୟାଚରେ ୨-୧ସେଟରେ ପରାସ୍ତ କରିଥିଲେ। କ୍ଲବ୍ ସଭାପତି ଚାମ୍ପିଅନ ଦଳଙ୍କୁ ପୁରସ୍କାର ରାଶି ସହ ସମ୍ବର୍ଦ୍ଧିତ କରିଥଲେ। ସଦସ୍ୟ ରାଧେଶ୍ୟାମ ପଣ୍ଡା ନରି ଓଝା ବିଶୁ ମହାରଣା ରମେଶ ପଣ୍ଡା ପ୍ରମୋଦ ଓଝା ଗଣେଶ ମହାରଣା ବାପି ପ୍ରଭୃତି ସହଯୋଗ କରିଥିଲେ। କ୍ୟାରମ୍ ଏକାଡେମୀ ପକ୍ଷରୁ ବରିଷ୍ଠ ଖେଳାଳି କ୍ରୀଡ଼ାବିତ୍ ଦୁଇ ପଟ୍ଟନାୟକ କ୍ୟାରମ୍ ଏକାଡେମୀ ସଦସ୍ୟ ଶ୍ରୀକୁମାର ମିଶ୍ର ସୁନୀଲ କୁମାର ସ୍ୱାଇଁ ଦାମୋଦର ସାହୁ, ସରୋଜ ସାହୁଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଖେଳାଳି ଚିନ୍ତାମଣି ସାହୁ ଶରତ ଚନ୍ଦ୍ର ସାହୁ ଅନ୍ତର୍ଯ୍ୟାମୀ ବିଶ୍ୱାଳ ସନ୍ତୋଷ ଜେନା ପଦ୍ମନାଭ ମିଶ୍ର ରାଜେନ୍ଦ୍ର ବେହେରା ଯୋଡିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ହ୍ୱାଇଟ୍ ହାଉସ୍‌ରେ ଦୀପାବଳି ପାଳିଲେ ଟ୍ରମ୍ପ

ୱାସିଂଟନ, ୨୨।୧୦(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଦୀପବଳି ପାଳନ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ଦୀପାବଳି ସମାରୋହରେ ସେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ହିନ୍ଦୁ ସମ୍ପ୍ରଦାୟର ଲୋକ ଓ ନିଜ ପ୍ରଶାସନର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଦୀପ ପ୍ରଜ୍ୱଳନ କରିଥିଲେ। ଏଥିସହ ସେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି ବୋଲି କହିଛନ୍ତି। ସେ ଭାରତରେ ରହୁଥିବା ନାଗରିକ ଓ ଭାରତୀୟ-ଆମେରିକୀୟଙ୍କ ସହ ଦୀପାବଳୀ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ହ୍ୱାଇଟ୍ ହାଉସ୍‌ରେ ଅନୁଷ୍ଠିତ ଦୀପାବଳି ସମାରୋହରେ ଏଫ୍‌ବିଆଇ ନିର୍ଦ୍ଦେଶକ କାଶ ପଟେଲ, ରାଷ୍ଟ୍ରୀୟ ସୁରକ୍ଷା ନିର୍ଦ୍ଦେଶକ ତୁଳସୀ ଗବାର୍ଡ, ଆମେରିକାର ନିଯୋଜିତ ଭାରତୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋରଙ୍କ ସମେତ ଏକାଧିକ ଜଣାଶୁଣା ବ୍ୟକ୍ତି ଯୋଗ ଦେଇଥିଲେ। ଦୀପାବଳିରେ ଅନ୍ଧକାର ଉପରେ ଆଲୋକର, ଅଜ୍ଞାନ ଉପରେ ଜ୍ଞାନର ଓ ଖରାପ ଉପରେ ଭଲ ବିଜୟର ପ୍ରତୀକ ବୋଲି ଟ୍ରମ୍ପ ନିଜ ଶୁଭେଚ୍ଛା ବାର୍ତ୍ତାରେ କହିଥିଲେ। ଏହି ଅବସରରେ ସେ ମୋଦୀଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ସେ ମୁଖ୍ୟତଃ ବ୍ୟବସାୟ ଓ ବାଣିଜ୍ୟ ସଂକ୍ରାନ୍ତରେ ଚର୍ଚ୍ଚା କରିଛନ୍ତି। ସେ ମୋଦୀଙ୍କ ଜଣେ ମହାନ ବ୍ୟକ୍ତି ଓ ମହାନ ବନ୍ଧୁ ବୋଲି କହିବାକୁ ପଛାଇ ନଥିଲେ। ମୋଦୀଙ୍କ ସହ ମୋର ଆଲୋଚନା ବେଶ୍ ଭଲ ଥିଲା ବୋଲି ଟ୍ରମ୍ପ କହିଥିଲେ।



ମୋଦୀଙ୍କୁ ଫୋନରେ ଜଣାଇଲେ ଶୁଭେଚ୍ଛା

# ଏସ୍-୪୦୦ ପାଇଁ କ୍ଷେପଣାସ୍ତ୍ର କିଣିବ ଭାରତ

ରୁଷିଆ ସହ ୧୦ ହଜାର କୋଟି ଟଙ୍କାର ନୂଆ ଚୁକ୍ତି



ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ପାଇଁ ଭାରତ ୧୦, ୦୦୦ କୋଟି ଟଙ୍କାର ମିସାଇଲ କିଣିବ। ଏଥିପାଇଁ ଭାରତ ରୁଷିଆ ସହ ନୂଆ ଚୁକ୍ତି କରିବ ବୋଲି ବିଭିନ୍ନ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ଏହି ଚୁକ୍ତି ପାଇଁ ମଞ୍ଜୁରି ପ୍ରଦାନ କରିବ। ଗୁରୁବାର ଆୟୋଜନ ହେବାକୁ ଥିବା ଡିଫେନ୍ସ ଆକ୍ୟୁଜିସନ ବୈଠକରେ ମନ୍ତ୍ରଣାଳୟ ଏହି ମଞ୍ଜୁରି ପ୍ରଦାନ କରିବ ବୋଲି କୁହାଯାଇଛି। ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂରରେ ଭାରତ ଏସ୍-୪୦୦ ଡିଫେନ୍ସ ମିସାଇଲ ସିଷ୍ଟମ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଏହା ଦ୍ୱାରା ପାକିସ୍ତାନର ୬ରୁ ୫ଟି ଫାଇଟର ଜେଟ୍ ଓ ୩୦୦ କିମି ଦୂରରୁ ଏକ ସ୍ୱାଏ ପ୍ଲେନ୍‌କୁ ମାରି ଖସାଇ ଦିଆଯାଇଥିଲା। ଭାରତର ଏୟାର ଡିଫେନ୍ସ ରଣନୀତିରେ ଏସ୍-୪୦୦ ଗେମ୍ ଚେଞ୍ଜର ଭାବେ ଉଭା ହୋଇଛି ବୋଲି ଭାରତୀୟ ବାୟୁସେନା ତରଫରୁ କୁହାଯାଇଛି। ଆଗାମୀ ଡିସେମ୍ବରରେ ଭାରତ ନୂଆ ଏସ୍-୪୦୦ ସିଷ୍ଟମ କ୍ରୟ କରିପାରେ। ୫ଟି ସିଷ୍ଟମ ପାଇଁ ଚୁକ୍ତି ହୋଇଥିବା ବେଳେ ଭାରତ ଏପର୍ଯ୍ୟନ୍ତ ୩ଟି ହାସଲ କରିଛି। ରୁଷିଆ- ୟୁକ୍ରେନ ଯୁଦ୍ଧ ପାଇଁ ଚତୁର୍ଥ ସିଷ୍ଟମ ଭାରତକୁ ମିଳିପାରିନାହିଁ। ୨୦୧୮ ଅକ୍ଟୋବରରେ ଭାରତ ୫ ବିଲିଅନ ଡଲାର ବିନିମୟରେ ଏହି ଚୁକ୍ତି କରିଥିଲା। ଭାରତ ଏବେ ଏସ୍-୫୦୦ ସିଷ୍ଟମ କ୍ରୟ କରିବା ଲକ୍ଷ୍ୟରେ ରହିଛି। ଏସ୍-୪୪୦ ଓ ଏସ୍ -୫୦୦ ଅତ୍ୟାଧୁନିକ ମିସାଇଲ ସିଷ୍ଟମ ଭାବେ ପରିଗଣିତ ହେଉଛି।

# ବିହାର ନିର୍ବାଚନରେ ବାହୁବଳୀଙ୍କ ରାଜ୍

ପାଟନା, ୨୨।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବିଜୟୀ ହେବା ପାଇଁ ସବୁ ଦଳ ପ୍ରୟାସ କରୁଛନ୍ତି। ପୂର୍ବ ଭଳି ଏହି ନିର୍ବାଚନରେ ମଧ୍ୟ ଜାତି ରାଜନୀତି ଏବଂ ପରିବାରବାଦର ପ୍ରଭାବ ବେଶୀ ରହିଛି। କିନ୍ତୁ ବାହୁବଳୀ ନେତା ସର୍ବାଧିକ ଚର୍ଚ୍ଚାରେ ରହିଛନ୍ତି। ବିରୋଧୀ ଇଣ୍ଡିଆ ମେଣ୍ଟ ହେଉକି କ୍ଷମତାସୀନ ଏନ୍‌ଡିଏ ସମସ୍ତେ ବାହୁବଳୀ ପ୍ରାର୍ଥୀଙ୍କୁ ଟିକଟ ଦେଇଛନ୍ତି। କେଉଁଠି ବାହୁବଳୀ ନିଜେ ନିର୍ବାଚନ ଲଢୁଛନ୍ତି ତ ଆଉ କେଉଁଠି ନିଜ ଘନିଷ୍ଠଙ୍କୁ ଛିଡ଼ା କରାଇଛନ୍ତି। ଏମାନଙ୍କ ମଧ୍ୟରେ ଆରଜେଡିର ୯ ଜଣ, ଜେଡିୟୁର ୭ ଜଣ, ବିଜେପିର ୪ ଜଣ ଏବଂ ଏଲଜେପିଆରର ୨ ଜଣ ସାମିଲ ଅଛନ୍ତି। ଏହି ସବୁ ଆସନରେ କେବଳ ରାଜନୈତିକ ଦଳଙ୍କ ମଧ୍ୟରେ ମୁକାବିଲା ହେଉନାହିଁ, ବରଂ ଏହା କର୍ତ୍ତୃତ୍ୱ ଏବଂ ପରିବାରବାଦର ଲଢ଼େଇ ପାଲଟି ଯାଇଛି। ମୋକାମରେ ଜେଡିୟୁ ଅନନ୍ତ ସିଂହଙ୍କୁ ପ୍ରାର୍ଥି କରିଛି। ତେବେ ଆରଜେଡି ସୁରଜଭାନ ସିଂହଙ୍କ ପତ୍ନୀ ବୀଣା ଦେବୀଙ୍କୁ ଟିକଟ ଦେଇଛି। ଅନନ୍ତ କୁମାର ଏଠାରୁ କ୍ରମାଗତ ୫ ଥର ଜିତିଛନ୍ତି। ସେହିପରି ଆଉ ଜଣେ ବାହୁବଳୀ ତଥା ରାଜପୁତ ନେତା ଆନନ୍ଦ ମୋହନଙ୍କ ପୁଅ ଚେତନ ଆନନ୍ଦ ଜେଡିୟୁରୁ ନବୀନଗର ଆସନରେ ଲଢୁଛନ୍ତି। ଗୋପାଳଗଞ୍ଜର ଜିଲ୍ଲାପାଳ ଜି କୃଷ୍ଣେୟାଙ୍କ ହତ୍ୟା ମାମଲାରେ ଆନନ୍ଦ ମୋହନଙ୍କୁ ୧୫ ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ସରକାର ତାଙ୍କୁ ଅନୁକମ୍ପା ଦେଖାଇ ଜେଲ୍‌ରୁ ମୁକୁଳାଇ ଥିଲେ। ଜେଲ୍‌ରୁ ବାହାରିବା ପରେ ସେ ପୁଣିଥରେ ରାଜନୀତିରେ ସକ୍ରିୟ ହୋଇଯାଇଥିଲେ। ୨୦୨୦ରେ ତାଙ୍କ ପୁଅ ନିର୍ବାଚନ ଲଢି ଏଠାରୁ ବିଜୟୀ ହୋଇଥିଲେ।



ଏହା ବ୍ୟତୀତ ସାରଣର ଏକମାରୁ ବାହୁବଳୀ ମନୋରଞ୍ଜନ ସିଂହ ଓରଫ ଧୂମଲ ସିଂହ (ଆରଜେଡି), ତରାରୀରୁ ସୁନୀଲ ପାଣ୍ଡେଙ୍କ ପୁଅ ପ୍ରଶାନ୍ତ (ବିଜେପି), ବ୍ରହ୍ମପୁରରୁ ସୁନୀଲ ପାଣ୍ଡେଙ୍କ ଭାଇ ହୁଲାସ ପାଣ୍ଡେ (ଏଲଜେପିଆର), ବାରସିଲଗଞ୍ଜରୁ ଅଶୋକ ମହତୋଙ୍କ ସ୍ତ୍ରୀ ଅନିତା କୁମାରୀ (ଆରଜେଡି) ଏବଂ ଅଖିଳେଶ ସିଂହଙ୍କ ପତ୍ନୀ ଅରୁଣା ଦେବୀ (ବିଜେପି) ପ୍ରମୁଖ ନିର୍ବାଚନ ଲଢୁଛନ୍ତି।

## ଆସନ ବିବାଦ: ଲାଲୁ-ତେଜସ୍ୱୀଙ୍କୁ ଭେଟିଲେ ଗେହଲଟ୍

ପାଟନା, ୨୨।୧୦ (ଏଜେନ୍ସି): ବିହାର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇ ସାରିଲାଣି। ମାତ୍ର ଏ ପର୍ଯ୍ୟନ୍ତ ବିରୋଧୀଙ୍କ ମହାମେଣ୍ଟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ। ଏହାକୁ ନେଇ ଜୋରଦାର ଟଣାଓଟରା ଲାଗିଛି। ଦୁଇ ପ୍ରମୁଖ ଦଳ ଆରଜେଡି ଏବଂ କଂଗ୍ରେସ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ଆସନ ବଣ୍ଟନ ଏବଂ ମିଳିତ ଘୋଷଣାନାମା ଉପରେ ସହମତି ପ୍ରକାଶ ପାଇପାରୁ ନାହିଁ। ଏପରି ସ୍ଥଳେ କଂଗ୍ରେସ ହାଇକମାଣ୍ଡଙ୍କ ପାଇଁ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସଙ୍କଟମୋଚନ ସାଜିଛନ୍ତି। ଆରଜେଡି ସହ ଆଲୋଚନା କରିବା ବିବାଦ ସମାଧାନ କରିବା ନିମନ୍ତେ ତାଙ୍କୁ କୁହାଯାଇଛି। ଏଥିପାଇଁ ବୁଧବାର ସକାଳେ ଗେହଲଟ ପାଟନାରେ ପହଞ୍ଚିଛନ୍ତି। ସେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କ ପୁଅ ତେଜସ୍ୱୀଙ୍କ ସହ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ଏଠାରେ ତିନି ନେତାଙ୍କ ମଧ୍ୟରେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଏଠାରୁ ବାହାରିବା ପରେ ଗେହଲଟ କହିଥିଲେ ଯେ ଲାଲୁ ଏବଂ ତେଜସ୍ୱୀଙ୍କ ସହ ଭଲ ଆଲୋଚନା ହୋଇଛି। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀ କରାଯିବ। ଏଥିରେ ସବୁ କିଛି ସ୍ପଷ୍ଟ କରିଦିଆଯିବ।

ଗେହଲଟ କହିଥିଲେ ଯେ ଆମେ ଏନ୍‌ଡିଏ ବିରୋଧରେ ମଜବୁତର ସହ ନିର୍ବାଚନ ଲଢ଼ିବୁ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ତେଜସ୍ୱୀ ଏକାଠି ନିର୍ବାଚନ ଅଭିଯାନ ଆରମ୍ଭ କରିବେ। ବିହାରରେ ମୋଟ ୨୪୩ ଆସନ ରହିଛି। ଏଥିରୁ ୫-୭ ଆସନରେ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲା ହୋଇପାରେ। ଏକାଠି ମିଶି ପ୍ରଚାର କରିବୁ ଏବଂ ନିର୍ବାଚନ ଜିତିବୁ। ରିପୋର୍ଟ ଅନୁଯାୟୀ କଂଗ୍ରେସ ନେତା କେସି ବେଣୁଗୋପାଳ ମଧ୍ୟ ତେଜସ୍ୱୀଙ୍କ ସହ ଆଲୋଚନା କରିଥିଲେ। ଏହା ପୂର୍ବରୁ ତେଜସ୍ୱୀ ସକାଳେ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏଥିରେ ସେ ମହାମେଣ୍ଟଙ୍କୁ ନେଇ କିଛି କହି ନ ଥିଲେ। କିନ୍ତୁ କୌଣସି ବିବାଦ ନ ଥିବା ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ମେଣ୍ଟ ଉପରେ ଗୁରୁବାର ଆଲୋଚନା କରାଯିବ। ୧୨ ଆସନରେ ମହାମେଣ୍ଟରେ ସାମିଲ ଦଳ ପରସ୍ପର ବିରୋଧରେ ନିର୍ବାଚନ ଲଢୁଛନ୍ତି। ଏହା ବ୍ୟତୀତ ତେଜସ୍ୱୀ ନିର୍ବାଚନୀ ଘୋଷଣା ମଧ୍ୟ କହିଥିଲେ। କ୍ଷମତାକୁ ଆସିଲେ 'ସିଏମ ଜୀବିକା ଦିଦି'ଙ୍କୁ ସରକାରୀ ମାନ୍ୟତା ମିଳିବ। ଏମାନଙ୍କ ଦରମା ୧୦ ହଜାରରୁ ବଢ଼ାଇ ୩୦ ହଜାର କରାଯିବ। ସବୁ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯିବ। ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦିଆଯିବ। ଅନ୍ୟପକ୍ଷରେ ବିହାର ମୋହନିଆ ଆସନର ଆରଜେଡି ପ୍ରାର୍ଥୀ ଶ୍ୱେତା ସୁମନଙ୍କ ନାମାଙ୍କନ ରଦ୍ଦ ହୋଇଯାଇଛି। ଉତ୍ତର ପ୍ରଦେଶର ମୂଳ ବାସିନ୍ଦା ହୋଇଥିବାରୁ ଏପରି ହୋଇଛି।

ଆସନ୍ତା ୬ ତାରିଖରେ ବିହାରର ୧୨୧ ଆସନରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏଥିରେ ୧୩୧୪ ପ୍ରାର୍ଥୀ ନିଜ ଭାଗ୍ୟ ପରୀକ୍ଷା କରିବାକୁ ନିର୍ବାଚନୀ ମୈଦାନକୁ ଓହ୍ଲାଇଛନ୍ତି। ଏହି ସବୁ ଆସନରେ କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ମେଣ୍ଟ ମଧ୍ୟରେ ପ୍ରତ୍ୟକ୍ଷ ମୁକାବିଲା ହେବ। ଏହି ପର୍ଯ୍ୟାୟରେ ୧୮ ଜିଲ୍ଲାରେ ମତଦାନ ହେବ। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ଏଥିପାଇଁ ୧୬୯୦ ପ୍ରାର୍ଥି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୧୩୫ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇ ଯାଇଥିଲା। ଏହି ପର୍ଯ୍ୟାୟର ପ୍ରମୁଖ ପ୍ରାର୍ଥିଙ୍କ ମଧ୍ୟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ବିଜୟ କୁମାର ସିହ୍ନା, ବିରୋଧୀ

## ଲକ୍ଷ୍ନୌରେ ବୃଦ୍ଧଙ୍କୁ ଅମାନବୀୟ ଅତ୍ୟାଚାର ଦେଇ ପରିସ୍ରା ପିଆଇଲେ

ଲକ୍ଷ୍ନୌ, ୨୨।୧୦(ଏଜେନ୍ସି): ଲକ୍ଷ୍ନୌ ନିକଟସ୍ଥ କାକୋରି ଟାଉନରେ ଜଣେ ୬୫ ବର୍ଷୀୟ ଦଳୀତ ବ୍ୟକ୍ତିଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଶୀତଳ ମାତା ମନ୍ଦିରରେ ଏହି ଘଟଣା ଘଟିଛି। ଏହି ଦଳିତ ବ୍ୟକ୍ତି ହେଉଛନ୍ତି ହଟା ହଜରତ ସାହେବରେ ରହୁଥିବା ରାମପାଲ। ସେ ଶ୍ୱାସ ରୋଗରେ ପତୀତ। ସୋମବାର ସେ ଶୀତଳ ମାତା ମନ୍ଦିରରେ ବିଶ୍ରାମ ନେଉଥିଲେ। କିନ୍ତୁ ଅସୁସ୍ଥତା କାରଣରୁ ସେ ମନ୍ଦିର ପରିସରରେ ନିୟନ୍ତ୍ରଣ ହରାଇ ପରିଶ୍ରା କରିଦେଇଥିଲେ। ଏଥିରେ ଅସନ୍ତୋଷ ଜାହିର କରି ସ୍ୱାମୀକାନ୍ତ ଉରଫ ପମ୍ମୁ ନାମକ ଜଣେ ସ୍ଥାନୀୟ ନିବାସୀ ରାମପାଲଙ୍କୁ ଗାଳି ଦେଇଥିଲେ ଓ ସେ ମନ୍ଦିରକୁ ଅପବିତ୍ର କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ସେ ରାମପାଲଙ୍କୁ ତାଙ୍କ ପରିଶ୍ରା ଚାଟିବାକୁ କହିବା ସହ ମନ୍ଦିର ପରସରକୁ ପାଣିରେ ଧୋଇବାକୁ କହିଥିଲେ। ଏଥିକି ବେଳେ ସେ ରାମପାଲଙ୍କୁ ଜାତିଆଣା ଆକ୍ଷେପ କରିବା ସହ ମାଡପିଟ୍ ବି କରିଥିଲେ। ଏହାପରେ ରାମପାଲ କାକୋରି ଥାନାରେ ପହଞ୍ଚି ଲିଖିତ ଆକାରରେ ଅଭିଯୋଗ କରି ନ୍ୟାୟ ଦେବାକୁ ଦାବି କରିଥିଲେ। ଏହାପରେ ପୁଲିସ ଅଭିଯୁକ୍ତ ସ୍ୱାମୀକାନ୍ତଙ୍କୁ ଗିରଫ କରି ପଚରାଉଚରା କରୁଛି। ଘଟଣାର ଗୁରୁତ୍ୱକୁ ଉପଲବ୍ଧୀ କରି ପୁଲିସ ବିଭିନ୍ନ ଧାରା ଲାଗୁ କରିବା ସହ ମାମାଲା ରୁଜୁ କରିଛି ବୋଲି ସ୍ଥାନୀୟ ଏସ୍‌ପି ସକିଲ ଅହମ୍ମଦ କହିଛନ୍ତି।

## ଡାକ୍ତରଙ୍କୁ ଦୁଷ୍କର୍ମ ଧମକ ଦେଇ ୩ ଗିରଫ

କୋଲକାତା, ୨୨।୧୦(ଏଜେନ୍ସି): ପଶ୍ଚିମବଙ୍ଗର ଉଲୁବେରିଆରେ ଜଣେ ମହିଳା ଡାକ୍ତରଙ୍କୁ ଅସଦାଚରଣ କରିବା ସହ ଦୁଷ୍କର୍ମ କରିବାକୁ ଧମକ ଦେବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ଟ୍ରେନି ଡାକ୍ତରାଣୀଙ୍କୁ ଦୁଷ୍କର୍ମ କରିବା ପରେ ହତ୍ୟା କରିବାର ଏକ ବର୍ଷ ପରେ ଏହି ଘଟଣା ସାମ୍ନାକୁ ଆସିଛି। ହାଓଡା ଜିଲ୍ଲାର ଉଲୁବେରିଆସ୍ଥିତ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଗତ ସୋମବାର ଏହି ଘଟଣା ଘଟିଛି। ଅଭିଯୁକ୍ତମାନଙ୍କ ଜଣେ ସମ୍ପର୍କୀୟ ଏହି ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। କିନ୍ତୁ ମହିଳା ଡାକ୍ତରଙ୍କ ସହ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା ଓ ଅଭିଯୁକ୍ତମାନେ ତାଙ୍କୁ ଅସଦାଚରଣ କରିଥିଲେ ଓ ଦୁଷ୍କର୍ମ କରିବାର ଧମକ ଦେଇଥିଲେ। ଫଳରେ ଡାକ୍ତର ପୁଲିସ୍‌ରେ ଅଭିଯୋଗ କରିବା ପରେ ୩ଜଣଙ୍କୁ ଗିରଫ କରାଯାଇଛି। ଏବେ ହସ୍ପିଟାଲରେ ଡାକ୍ତରଙ୍କ ସୁରକ୍ଷା ନେଇ ଡାକ୍ତର ସଂଘ ଚିନ୍ତାବ୍ୟକ୍ତ କରିଛି।

## ପତ୍ନୀ, ଦୁଇପୁଅଙ୍କୁ ମାରି ଆତ୍ମହତ୍ୟା କଲେ ଋଣଗ୍ରସ୍ତ ବ୍ୟକ୍ତି

ଚେନ୍ନଇ, ୨୨।୧୦(ଏଜେନ୍ସି): ଚେନ୍ନାଇରେ ଏକ ବିଚଳିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ୪୫ ବର୍ଷୀୟ ଜଣେ ବ୍ୟକ୍ତି ନିଜ ପତ୍ନୀ ଓ ଦୁଇ ପୁଅଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା କରିଛନ୍ତି। ପତ୍ନୀଙ୍କ ବୟସ ୩୫ ହୋଇଥିବା ବେଳେ ଦୁଇ ପୁଅଙ୍କ ବୟସ ୧୪ ଓ ୧୧। ନିଜ ତଣ୍ଟି କାଟି ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ କହିଛି। ବ୍ୟକ୍ତି ଓ ତାଙ୍କ ପରିବାର ପୂର୍ବରୁ ଇଞ୍ଜାମବାକାମ୍‌ରେ ରହୁଥିଲେ। ଋଣଗ୍ରସ୍ତ ହେବା କାରଣରୁ ସେ ଏହି କେଠୋର ନିଷ୍ପତ୍ତି ନେଇଥିଲେ ବୋଲି ପ୍ରଥମିକ ତଦନ୍ତରୁ ଜଣା ପଡ଼ିଛି। ଏ ନେଇ ସୁସାଇଡ୍ ନୋଟ ମଧ୍ୟ ଜବତ କରାଯାଇଛି। ଏଥିରେ ସେ ବହୁତ ଋଣଗ୍ରସ୍ତ ହୋଇଥିବା ଉଲ୍ଲେଖ କରିଛନ୍ତି। ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ପତ୍ନୀ ଓ ପିଲାଙ୍କ ମୁହଁ ଉପରେ ପ୍ଲାଷ୍ଟିକ କଭର ଥିଲା। ସଂଘର୍ଷର କୌଣସି ଚିହ୍ନବର୍ଣ୍ଣ ନଥିଲା।

## ୨୩ ବର୍ଷ ପରେ ମହିଳାଙ୍କୁ ମିଳିଲା ନ୍ୟାୟ

ନୂଆଦିଲ୍ଲୀ, ୨୨।୧୦ (ଏଜେନ୍ସି): ଭାରତୀୟ ନ୍ୟାୟ ବ୍ୟବସ୍ଥାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଦୀର୍ଘ ୨୩ ବର୍ଷର ଆଇନଗତ ଲଢ଼େଇ ପରେ ସୁପ୍ରିମକୋର୍ଟ ବିହାରର ଜଣେ ମହିଳାଙ୍କୁ ନ୍ୟାୟ ଦେଇଛନ୍ତି। ୨୦୦୨ରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସ୍ୱାମୀଙ୍କ ମୃତ୍ୟୁ ପାଇଁ ସ୍ତ୍ରୀ ସାୟନୋକ୍ତା ଦେବୀଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରିବାକୁ କୋର୍ଟ ଭାରତୀୟ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୨ରେ ପ୍ରବଳ ଭିଡ଼ ଯୋଗୁଁ ବଖତିୟାରପୁର ରେଳ ଷ୍ଟେସନରୁ ଖସି ପଡ଼ି ପ୍ରାଣ ହରାଇଥିଲେ। ପରେ ସ୍ୱାମୀଙ୍କ ମୃତ୍ୟୁ ଜନିତ କ୍ଷତିପୂରଣ ଦାବି କରିବାରୁ ରେଳବାଇ, ନିମ୍ନ କୋର୍ଟ ଏବଂ ହାଇକୋର୍ଟ ତାଙ୍କ ଦାବିକୁ ଖାରଜ କରିଦେଇଥିଲେ। ତାଙ୍କ ସ୍ୱାମୀ ମାନସିକ ରୋଗୀ ଥିବା କହିଥିଲେ। କିନ୍ତୁ ସୁପ୍ରିମକୋର୍ଟ ମହିଳାଙ୍କ ସପକ୍ଷରେ ରାୟ ଦେଇ ସୁଧ ବାଦ୍ ୬ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

## ତାମିଲନାଡୁରେ ପ୍ରବଳ ବର୍ଷା; ୫ ଜିଲ୍ଲାରେ ସ୍କୁଲ୍ ବନ୍ଦ



ଚେନ୍ନଇ, ୨୨।୧୦(ଏଜେନ୍ସି): ଦକ୍ଷିଣ ଭାରତରେ କୋଟୋଟି ରାଜ୍ୟରେ ଉତ୍ତର- ପୂର୍ବ ମୌସୁମୀ ସକ୍ରିୟ ହୋଇଛି। ଫଳରେ ଗତ ଦୁଇଦିନ ମଧ୍ୟରେ ପ୍ରବଳ ବର୍ଷା ହୋଇଛି। ତାମିଲନାଡୁର ତିରୁଭାଲୁର, ଚେନ୍ନାଇ, କାଞ୍ଚିପୁରମ, ଚେଙ୍ଗାଲପାଟୁ ଭଳି ଡେଲ୍‌ଟା ଜିଲ୍ଲାଗୁଡିକରେ ଗତ ମଙ୍ଗଳବାରଠାରୁ ପ୍ରବଳ ବର୍ଷା ଜାରି ରହିଛି। ବଙ୍ଗୋପ ସାଗରରେ ଲଘୁଚାପ ଘନିଭୂତ ହେବା ଫଳରେ ଆଗାମୀ ଦିନରେ ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଜାରି କରାଯାଇଛି। ଚେନ୍ନାଇଠାରୁ ଏହି ଘୂର୍ଣ୍ଣିବାତ୍ୟା ଏବେ ୪୦୦କିମି ଦୂରରେ ରହିଛି। ତାମିଲନାଡୁରେ ବୁଧବାର ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଦିଆଯାଇଛି। ତାମିଲନାଡୁର ୫ଟି ଜିଲ୍ଲାରେ ସ୍କୁଲଗୁଡିକ ବନ୍ଦ କରିଦିଆଯାଇଛି। ଖାସ୍‌କରି ରାଜଧାନୀ ଚେନ୍ନାଇର ସବୁ ସ୍କୁଲ୍‌କୁ ବନ୍ଦ କରିଦିଆଯାଇଛି। ଚେନ୍ନାଇରେ ଅଗାମୀ ୪ ଦିନ ପାଇଁ ବର୍ଷା ହେବ ବୋଲି ଚେତାବନୀ ଜାରି କରାଯାଇଛି। କୁଡାଲୋର, ଭିଲୁପୁରମ, ରାନୀପେଟ୍ ଓ ଥୁଟୁକୁଡି ଜିଲ୍ଲାରେ ସ୍କୁଲ, କଲେଜଗୁଡିକୁ ବନ୍ଦ କରିଦିଆଯାଇଛି। ତାମିଲନାଡୁର କୁଡାଲୋର ଜିଲ୍ଲାରେ କାନ୍ଥ ଭୁଶୁଡିବା କାରଣରୁ ଜଣେ ମା ଓ ତାଙ୍କ ଝିଅ ମୃତ୍ୟୁବରଣ କରିଛନ୍ତି। ପ୍ରଶାସନକୁ ସତର୍କ ରହିବାକୁ ତାମିଲନାଡୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଓ ପବନ ବହିବା କାରଣରୁ ଚେନ୍ନାଇ ମେରିନା ବିଚ୍‌ରେ ସମୁଦ୍ରରୁ ବଡ଼ବଡ଼ ଲହଡି କୂଳ ଧକ୍କା ଦେଉଛି। ମତ୍ସ୍ୟଜିବୀ ଓ ସମୁଦ୍ରକୂଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ତାମିଲନାଡୁକୁ ବାଦ୍ ଦେଲେ କେରଳ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ପୁଡୁଚେରୀ ଓ କରାଇକାଲରେ ସ୍କୁଲ ଓ କଲେଜଗୁଡିକୁ ବନ୍ଦ କରିଦିଆଯାଇଛି। ସେହିପରି ଆନ୍ଧ୍ରପ୍ରଦେଶର ନେଲ୍ଲୋର ଜିଲ୍ଲାରେ ମଧ୍ୟ ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି। ଏହି ଜିଲ୍ଲାରେ ମଧ୍ୟ ସ୍କୁଲଗୁଡିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୧ରୁ ୨୧ ତାରିଖ ମଧ୍ୟରେ ତାମିଲନାଡୁ, ପୁଡୁଚେରୀ ଓ କରାଇକାଲରେ ୧୬୦ ମିଲିମିଟର ବର୍ଷା ହୋଇଛି। ପ୍ରତିବର୍ଷ ହେଉଥିବା ସାଧାରଣ ବର୍ଷା ଠାରୁ ଏହା ୫୯ ପ୍ରତିଶତ ଅଧିକ ବୋଲି ସ୍ଥାନୀୟ ପାଣିପାଗ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

## କାବୁଲରେ ପୁଣି ଖୋଲିଲା ଭାରତୀୟ ଦୂତାବାସ

ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲ୍‌ରେ ଭାରତ ତା'ର ଦୂତାବାସ ପୁଣି ଖୋଲିଛି। ସେଠାରେ ଥିବା ଟେକନିକାଲ ମିଶନକୁ ଭାରତ ଦୂତାବାସର ମର୍ଯ୍ୟାଦା ପ୍ରଦାନ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଏହାଦ୍ୱାରା ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ସମ୍ପର୍କ ଦୃଢ଼ ହେବ ଓ ଆଫଗାନିସ୍ତାନରେ ଚାଲିଥିବା ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏହିକ୍ରମରେ ଆଫଗାନିସ୍ତାନରେ ମାନବୀୟ ସହାୟତା, ବିଭିନ୍ନ ଭିତ୍ତିଭୂମୀ ନିର୍ମାଣରେ ଭାରତ ପୁଣି ଥରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ। ଜଣେ ବିରଷ୍ଠ କୁଟନୀତିଜ୍ଞ ଭାରତର ଏହି ଦୂତାବାସର ନେତୃତ୍ୱ ନେବେ। ତାଙ୍କୁ ଚାର୍ଜ ଡି ଆଫେୟାର୍ସ ଭାବେ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଅକ୍ଟୋବର ୧୦ରେ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କ ଆଲୋଚନା କରିବା ପରେ ଏ ନେଇ ଘୋଷଣା କରିଥିଲେ। ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ପୁଣିଥରେ ରାଜନୈତିକ ତଥା କୁଟନୈତିକ ସମ୍ପର୍କର ପୁଣିଥରେ ଆରମ୍ଭ ହେବା ସ୍ପଷ୍ଟ ହୋଇଛି। ୨୦୨୨ରୁ କାବୁଲରେ ଭାରତ ଟେକନିକାଲ ମିଶନ ଚାଲୁ କରିଥିଲା। କିନ୍ତୁ ଦୂତାବାସ ଖୋଲିବା ପରେ ଦୁଇଦେଶ ଏବେ ଏକ ନୂଆ ଯୁଗରେ ପ୍ରବେଶ କରିବାକୁ ଯାଉଛନ୍ତି। ଫଳରେ ଭାରତ ତାଲିବାନକୁ ମାନ୍ୟତା ଦେବାର ସମ୍ଭାବନା ବୃଦ୍ଧି ପାଇଛି। ପାକିସ୍ତାନ ବିରୋଧରେ କିଛିଦିନ ତଳେ ହୋଇଥିବା ସଂଘର୍ଷରେ ଭାରତର ଭୂମିକା ନାହିଁ ବୋଲି ତାଲିବାନ ପୁଣି ଥରେ କହିଛି। ଆଫଗାନ୍ ପ୍ରତିରକ୍ଷା ମନ୍ତ୍ରୀ ମଲାୱି ମହମ୍ମଦ ୟାକୁବ ମୁଜାହିଦ୍ ଏ ନେଇ ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ବିରୋଧରେ ଭାରତ ତାଲିବାନ ମାଧ୍ୟମରେ ପ୍ରଚ୍ଛଦ ଯୁଦ୍ଧ ଚଳାଉଥବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଓ ଅମୂଳକ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ପାକିସ୍ତାନ ଏ ନେଇ ଭାରତ ବିରୋଧରେ ଅଭିଯୋଗ କରିଥିଲା।

## ଆଇସ୍‌ଲାଣ୍ଡରେ ପ୍ରଥମଥର ପାଇଁ ଦେଖାଦେଲା ମଶା



ଲଣ୍ଡନ, ୨୨।୧୦(ଏଜେନ୍ସି): ୟୁରୋପ ଓ ଗ୍ରୀନଲାଣ୍ଡ ମଧ୍ୟରେ ଅବସ୍ଥିତ ଦୀପ ଦେଶ ଆଇସଲାଣ୍ଡ ଏଥର ଏକ ଭିନ୍ନ କାରଣରୁ ଚର୍ଚ୍ଚା ସୃଷ୍ଟି କରିଛି। ବରଫ ଅଚ୍ଛାଦିତ ଏହି ଦେଶରେ ଇତିହାସରେ ପ୍ରଥମଥର ପାଇଁ ମଶା ଦେଖିବାକୁ ମିଳିଛି। ଏହି ଦେଶରେ ରେକର୍ଡ ଉତ୍ତାପ ବୃଦ୍ଧିକାରଣରୁ ଏହି ସ୍ଥିତି ଆସି ପହଞ୍ଚିଛି। ବିଶ୍ୱରେ କେବଳ ଦୁଇଟି ସ୍ଥାନ ଆଇସଲାଣ୍ଡ ଓ ଆଣ୍ଟାର୍ଟିକାରେ ପୂର୍ବରୁ ମଶା ଦେଖିବାକୁ ମିଳି ନଥାଏ। କିନ୍ତୁ ଏବେ କଥା ଅଲଗା ହୋଇଛି। ଆଇସ୍‌ଲାଣ୍ଡ ରାଜଧାନୀ ରେକ୍‌ଜାଭିକ୍‌ଠାରୁ ୨୦ ମାଇଲ ଉତ୍ତରରେ ଥିବା ବରଫାବୃତ ଉପତ୍ୟାକା କଜୋସରେ ମଶା ଦେଖିବାକୁ ମିଳିଛି। କୀଟ ତଥା ଜନ୍ତୁ ପ୍ରେମୀ ବିଜର୍ଣ୍ଣ ହଜାଲଟାସନ ଗତ ସପ୍ତାହରେ କେତୋଟି ରାତିରେ ମାଶଙ୍କୁ ଦେଖିବାକୁ ପାଇଥିଲେ। କୀଟପତଙ୍ଗଙ୍କୁ ଦେଖିବା ପାଇଁ ସେ ମଦରେ ଭିଜିଥିବା ଦଉଡ଼ି ବ୍ୟବହାର କରୁଥିବା ବେଳେ ସେ ମଶା ଦେଖିବାକୁ ପାଇଥିଲେ। ସେ ଏହି କ୍ରମରେ ଦୁଇଟି ମାଇ ଓ ପୁରୁଷ ମଶା ଦେଖିଥିଲେ। ପରେ ସେ ଏହା କୁଲିସେଟା ଆନୁଲାଟା ବୋଲି ଜାଣିବାକୁ ପାଇଥିଲେ। ଏହ ପ୍ରଜାତି ଶୀତ ତଥା ଅତିଶୀତ ପରିବେଶରେ ସଫଳତାର ସହ ବଞ୍ଚିପାରବାର କ୍ଷମତା ରଖିଥାନ୍ତି। ଉତ୍ତର ଗୋଲାର୍ଦ୍ଧ ନିକଟରେ ଥିବାରୁ ଆଇସ୍‌ଲାଣ୍ଡ ବର୍ଷସାରା ବରଫ ଦ୍ୱାର ଆଚ୍ଛାଦିତ ରହିଥାଏ।

## ଭାରତ ବିଶ୍ୱର ୯ମ ସର୍ବବୃହତ ଜଙ୍ଗଲ କ୍ଷେତ୍ର ବିଶିଷ୍ଟ ଦେଶ

ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ପର୍ଯ୍ୟାବରଣ ତଥା ପରିବେଶ ଦୃଷ୍ଟିକୋଣରୁ ଭାରତ ପାଇଁ ଏକ ଖୁସି ଖବର ଆସି ପହଞ୍ଚିଛି। ସର୍ବବୃହତ୍ ଜଙ୍ଗଲ କ୍ଷେତ୍ର ବିଶିଷ୍ଟ ଦେଶ ଭାବେ ଭାରତ ବିଶ୍ୱର ୯ମ ସ୍ଥାନକୁ ଉଠିଛି। ଏହିକ୍ରମରେ ଭାରତ ୧୦ମରୁ ଗୋଟିଏ ସ୍ଥାନ ଉପରକୁ ଉଠି ୯ମ ସ୍ଥାନରେ ରହିଛି। କେବଳ ସେତିକ ନୁହଁ ବାର୍ଷିକ ଜଙ୍ଗଲ ବୃଦ୍ଧିରେ ଭାରତ ପୂର୍ବପରି ନିଜର ତୃତୀୟ ସ୍ଥାନ ବଜାୟ ରଖିଛି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ) ଦ୍ୱାର ପ୍ରକାଶିତ ହୋଇଥିବା ସଦ୍ୟତମ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତରେ ବ୍ୟାପକ ଭାବେ ଚାଲୁଥିବା ବୃକ୍ଷରୋପଣ ଓ ସାମୁଦାୟିକ ଜଙ୍ଗଲ ସୁରକ୍ଷା ପ୍ରକ୍ରିୟା କାରଣରୁ ଭାରତକୁ ଏହି ସଫଳତା ମିଳିଛି ବୋଲି ପରିବେଶ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏହା ଭାରତ ପାଇଁ ଏକ ବଡ଼ ଉପଲବ୍ଧୀ ବୋଲି କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। 'ଏକ ପେଡ୍ ମା କେ ନାମ' ଭଳି ଅଭିଯାନ ଓ ରାଜ୍ୟଗୁଡିକ ଦ୍ୱାରା ଚାଲିଥିବା ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଯୋଗୁଁ ଏହି ସଫଳତା ମିଳିଛି ବୋଲି ସେ କହିଛନ୍ତି। ବିଶ୍ୱରେ ଏବେ ୪.୧୪ ବିଲିଅନ ହେକ୍ଟର ଅଞ୍ଚଳରେ ଜଙ୍ଗଲ ରହିଛି ଓ ଏହା ପୃଥିବୀର ୩୨ ପ୍ରତିଶତ ଅଞ୍ଚଳରେ ରହିଛି।

## ଦୀପାବଳିର ଦୁଇଦିନ ପରେ ବି ପ୍ରଦୂଷଣ ବଳୟରେ ଦିଲ୍ଲୀ

ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ଦୀପାବଳିକୁ ଦୁଇଦିନ ବିତି ଯାଇଥିଲେ ମଧ୍ୟ ଦିଲ୍ଲୀର ପ୍ରଦୂଷଣ ମାତ୍ରା କମ୍ ହୋଇନାହିଁ। ଦିପାବଳୀର ଗୋଟିଏ ଦିନ ପରେ ମଧ୍ୟ ବାଣ ଫୁଟାଇବା ଓ ଆତସବାଜୀ କାରଣରୁ ଏପରି ହୋଇଛି। ଦିଲ୍ଲୀ ବାୟୁ ପୂର୍ବଭଳି ବିଶାକ୍ତ ମନେ ହେଉଛି। ବୁଧବାର ଦୀଲ୍ଲର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୩୪୨ ରହିଛି ଓ ଏହା ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି କୁହାଯାଇଛି। ଗତ ୫ ବର୍ଷରେ ଦୀପାବଳି ପରର ସକାଳେ ସବୁଠାରୁ ପ୍ରଦୂଷିତ ବୋଲି ସେଣ୍ଟ୍ରାଲ ପଲୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) ଦେଇଥିବା ତଥ୍ୟରୁ ଜଣାପଡ଼ିଛି। ୨୦୨୧ରୁ ୨୦୨୫ ମଧ୍ୟରେ ପ୍ରଦୂଷଣ ନେଇ ବିଭିନ୍ନ ତଥ୍ୟକୁ ତର୍ଜମା କରିବା ପରେ ଏହା ଜଣାପଡ଼ିଛି। ୨୦୨୧ ପରେ ଏବର୍ଷ ପଦୂଷଣ ସର୍ବାଧିକ ହୋଇଛି ବୋଲି ଜଣାପଡ଼ିଛି। ଦିଲ୍ଲୀର ବିଭିନ୍ନ ସ୍ଥାନରେ ଏକ୍ୟୁଆଇ ଅତ୍ୟନ୍ତ ଖରାପ ରହିଛି। ରିପୋର୍ଟ ଲେଖା ହେବା ବେଳକୁ ଏକ୍ୟୁଆଇ ଦିଲ୍ଲୀର ୱାଜିରପୁରରେ ୩୯୭, ଦ୍ୱାରକାରେ ୩୫୩, ଅଶୋକ ବିହାରରେ ୩୭୭, ଆନନ୍ଦ ବିହାରରେ ୩୫୫, ଚାନ୍ଦିନୀ ଚୌକରେ ୩୩୨ ଓ ନଜରଫାଗଡ଼ରେ ୩୦୪ ରହିଛି। ଦିଲ୍ଲୀର ବାୟୁରେ ଫାଇନା ପାର୍ଟିକୁଲାର ମ୍ୟାଟର (ପିଏମ୍୨.୫) ସ୍ତର କ୍ୟୁବିକ୍ ମିଟର ପିଛା ୪୮୮ ମାଇକ୍ରୋଗ୍ରାମ ରହିଛି। ଦୀପାବଳି ପୂର୍ବରୁ ପିଏମ୍୨.୫ ୧୫୬.୬ ଥିବା ବେଳେ ଏବେ ଏହା ୩ଗୁଣା ହୋଇଛି। ଦିଲ୍ଲୀର ୩୮ଟି ମନିଟରି ଷ୍ଟେସନରୁ ୩୪ଟି ରେଡ୍ ଜୋନରେ ରହିଛି। ଦେଶର ରାଜଧାନୀର କେତୋଟି ଅଞ୍ଚଳରେ ଅକ୍ୟୁଆଇସ୍ତର ୪୦୦ରୁ ଅଧିକ ରହିଛି। ୱାଜିରପୁର ଓ ପଞ୍ଜାବୀ ବାଗରେ ଏକ୍ୟୁଆଇ ପରବର୍ତ୍ତୀ ଅବସ୍ଥାରେସର୍ବାଧିକ ଅର୍ଥାତ ୪୦୦ ପାର କରିଛି ବୋଲି କୁହାଯାଇଛି। ସେହିପରି ଦୀପବଳି ପରେ ହରିୟାଣା ସବୁଠାରୁ ପ୍ରଦୂଷିତ ରାଜ୍ୟ ଭାବେ ପରିଗଣିତ ହେଉଛି। ହରିୟାଣାର ୮ଟି ସହର, ରାଜସ୍ଥାନର ଗୋଟିଏ ଓ ଦିଲ୍ଲୀ ଦେଶର ସବୁଠାରୁ ପ୍ରଦୂଷିତ ସହର ମଧ୍ୟରେ ସ୍ଥାନ ପାଇଛନ୍ତି।

# ଷ୍ଟିମ୍ ଆଇରନ୍ କିଣୁଥିଲେ ...

ସାଧାରଣତଃ ପୋଷାକ ଇସ୍ତ୍ରୀ କରିବା ପାଇଁ ଷ୍ଟିମ୍ ଆଇରନ ବ୍ୟବହାର କରାଯାଏ । ଏହାଦ୍ୱାରା ସହଜରେ ଆଇରନ୍ କରି ହୁଏ । ବଜାରରେ ବିଭିନ୍ନ ଷ୍ଟିମ୍ ଆଇରନ ଉପଲବ୍ଧ । ହେଲେ ଆଇରନ କିଣିବା ପୂର୍ବରୁ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ ।

### ବିଜୁଳି କ୍ଷମତାର ଦିଅନ୍ତୁ ଧ୍ୟାନ

ଷ୍ଟିମ୍ ଆଇରନ କିଣିବା ସମୟରେ ବିଦ୍ୟୁତ୍ କ୍ଷମତା ଉପରେ ଧ୍ୟାନ ଦେବା ଜରୁରୀ । ଅଧିକ ବିଦ୍ୟୁତ୍ ଯୁକ୍ତ ଷ୍ଟିମ୍ ଆଇରନ୍ ଖୁବଶୀଘ୍ର ଗରମ ହୋଇଥାଏ । ଫଳରେ ଏହା ଆଇରନ କରିବାରେ ସୁବିଧାଜନକ ହୋଇଥାଏ । ଏଥିସହ ସମୟ ସଞ୍ଚୟ କରିଥାଏ । ତେବେ ୧୫୦୦ ରୁ ୨୪୦୦ ବିଦ୍ୟୁତ୍ କ୍ଷମତା ଥିବା ଆଇରନ ଭଲ ହୋଇଥାଏ ।

### ପ୍ଲେଟ୍‌ର ଆକାର ଓ ସାମଗ୍ରୀ ଦେଖନ୍ତୁ

ଷ୍ଟିମ୍ ଆଇରନ୍ ପ୍ଲେଟ୍‌ର ଆକାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ବଡ଼ଷ୍ଟିମ୍ ଆଇରନ୍ ଶାଢ଼ି ଆଇରନ୍ କରିବାରେ ସୁବିଧା ହୋଇଥାଏ । ସେହିପରି ଛୋଟ ପ୍ଲେଟ୍ ଥିବା ଆଇରନ୍ ଛୋଟ ପୋଷାକ ପାଇଁ ଭଲ ହୋଇଥାଏ । ବିଶେଷ କରି ତମ୍ବା ବା ନନ୍‌ଷ୍ଟିକ୍ କୋଟିଙ୍ଗ୍ ଯୁକ୍ତ ପ୍ଲେଟ୍‌ସ ସବୁଠୁ ଭଲ ହୋଇଥାଏ । ଏହା ଶୀଘ୍ର ଗରମ ହୋଇଯାଏ ଓ ଆଇରନ କରିବାକୁ ସୁବିଧା ହୋଇଥାଏ ।

### ତାପମାତ୍ରା ନିୟନ୍ତ୍ରଣ ରଖନ୍ତୁ

ଆଇରନର ତାପମାତ୍ରା ନିୟନ୍ତ୍ରଣ ରହିବା ବେଶ୍ ଜରୁରୀ । କାରଣ ଏହାଦ୍ୱାରା ସବୁ ପ୍ରକାର ପୋଷାକ ଆଇରନ୍ କରିବାକୁ ସହଜ ହୋଇଥାଏ । ଏହାଦ୍ୱାରା ବାରମ୍ବାର ଆଇରନର ତାପମାତ୍ରା ସେଟ୍ କରିବାକୁ ପଡ଼େନି । ଏହା କାମକୁ ସହଜ ଓ ଶୀଘ୍ର କରିଥାଏ ।



# ଧନୀ ମହିଳା କ୍ରିକେଟର୍

ଭାରତରେ ମହିଳା କ୍ରିକେଟର୍‌ଙ୍କ ଲୋକପ୍ରିୟତା ଦିନକୁ ବୃଦ୍ଧି ପାଉଛି । ଏହି ପ୍ରତିଭାଶାଳୀ ଖେଳାଳିମାନେ କେବଳ ମଇଦାନ ନୁହେଁ, ଆର୍ଥିକ କ୍ଷେତ୍ରରେ ମଧ୍ୟ ନୂଆ ଇତିହାସ ସୃଷ୍ଟି କରିଛନ୍ତି । ଖେଳ ଜଗତରେ କଠିନ ପରିଶ୍ରମ କରି ନିଜର ଦକ୍ଷତାକୁ ପ୍ରମାଣିତ କରିଛନ୍ତି । ଅନ୍ତର୍ଜାତୀୟ ଚୁକ୍ତିନାମା, ଫ୍ରାଞ୍ଚାଇଜ୍ ଲିଗ୍‌ସ, ଓ ବିଭିନ୍ନ ବ୍ରାଣ୍ଡ ଅନୁମୋଦନ ଆଦି ମହିଳା କ୍ରିକେଟର୍‌ଙ୍କ ସମ୍ପତ୍ତିକୁ ଶୀର୍ଷରେ ପହଞ୍ଚାଇଛି । ତେବେ ଗୁଡ଼ ରିଟର୍ଣ୍ଣସ ତଥ୍ୟ ଅନୁଯାୟୀ, ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଧନୀ ମହିଳା କ୍ରିକେଟର୍‌ଙ୍କ ନେଇ ଏହି ଉପସ୍ଥାପନା ।

### ମିତାଲି ରାଜ୍



ଭାରତର ସବୁଠୁ ଧନୀ ମହିଳା କ୍ରିକେଟର୍ ଭାବେ ପରିଚିତ ମିତାଲି ରାଜ୍ । ସେ ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର ପୂର୍ବ ଅଧିନାୟିକା ଥିଲେ । ତାଙ୍କର ମୋଟ ୪୦-୪୫ କୋଟି ଟଙ୍କାର ସମ୍ପତ୍ତି ରହିଛି । ଖେଳ ଜଗତରେ ଚମତ୍କାର ପ୍ରଦର୍ଶନ କରି ସେ ବହୁ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି । କେବଳ ସେତିକି ନୁହେଁ, ସେ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ୍‌ରେ ସର୍ବାଧିକ ରନ୍ କରିଥିବା ମହିଳା କ୍ରିକେଟର୍ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ଖେଳରେ ଚମତ୍କାର ପ୍ରଦର୍ଶନ ପାଇଁ ସେ ୨୦୦୩ ମସିହାରେ ଅର୍ଜୁନ ପୁରସ୍କାର ଓ ମହିଳା କ୍ରିକେଟ୍ ଜଗତରେ ଅସାଧାରଣ ଯୋଗଦାନ ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି ।

### ସ୍ମୃତି ମନ୍ଧାନା



ଭାରତର ଲୋକପ୍ରିୟ ତଥା ଧନୀ ମହିଳା କ୍ରିକେଟର୍‌ଙ୍କ ମଧ୍ୟରୁ ଜଣେ ସ୍ମୃତି ମନ୍ଧାନା । ସେ ଜାତୀୟ ମହିଳା କ୍ରିକେଟ୍ ଟିମ୍‌ର ଉପଅଧିନାୟିକା ଅଛନ୍ତି । ନ୍ୟାସନାଲ୍ କ୍ରସ୍ ପାଲଟିଥିବା ସ୍ମୃତି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଧମାଲ କରିଛନ୍ତି । ଅନେକ ଖେଳପ୍ରେମୀ ତାଙ୍କୁ ମହିଳା କ୍ରିକେଟ୍ ଟିମ୍‌ର ବିରାଟ କୋହଲି ଭାବେ ସମ୍ବୋଧନ କରନ୍ତି । ତାଙ୍କର ସମୁଦାୟ ସମ୍ପତ୍ତି ୩୩-୩୪ କୋଟି ଟଙ୍କା ମଧ୍ୟରେ ରହିଛି । ଏଥିସହ ସେ ବହୁ ବଡ଼ ବ୍ରାଣ୍ଡରେ କାର୍ଯ୍ୟ କରି ଭଲ ରୋଜଗାର କରନ୍ତି । ସେହିପରି ମହିଳା ପ୍ରିମିୟର ଲିଗ୍‌ରେ ସେ ବେଙ୍ଗାଲୁରୁ ପାଇଁ ଖେଳି ବାର୍ଷିକ ୩. ୪ କୋଟି ନେଉଥିଲେ ।

### ହରମନ୍‌ପ୍ରୀତ୍ କୌର



ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହରମୌନପ୍ରୀତ୍ କୌର ବିଶ୍ୱ କ୍ରିକେଟ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଜଣେ ଚମତ୍କାର ବ୍ୟାଟ୍ସମ୍ୟାନ୍ ସହ ଅସାଧାରଣ ନେତୃତ୍ୱ ପାଇଁ ସେ ଜଣାଯାନ୍ତି । ଖେଳରେ ଚମତ୍କାର ପ୍ରଦର୍ଶନ କରି ସେ ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ ରୋଲ୍ ମଡେଲ୍ ସାଜିଛନ୍ତି । ଭାରତର ଧନୀ ମହିଳା କ୍ରିକେଟର୍‌ଙ୍କ ମଧ୍ୟରେ ସେ ତୃତୀୟ ସ୍ଥାନରେ ରହିଛନ୍ତି । ତାଙ୍କର ସମୁଦାୟ ସମ୍ପତ୍ତି ୨୫ ରୁ ୩୦ କୋଟି ମଧ୍ୟରେ ରହିଛି । ସେହିପରି ବିସିସିଆଇ ପକ୍ଷରୁ ସେ ବାର୍ଷିକ ୫୦ ଲକ୍ଷ ଟଙ୍କା ବେତନ ପାଇଥାନ୍ତି । ଏଥିସହ ମହିଳା ପ୍ରିମିୟର ଲିଗ୍‌ରେ ମୁମ୍ବାଇ ପାଇଁ ଖେଳି ୧.୮୦ କୋଟି ଟଙ୍କା ନେଉଥିଲେ ।

### ଶେଫାଳି ବର୍ମା



ଭାରତର ସର୍ବକନିଷ୍ଠ କ୍ରିକେଟ୍ ଖେଳାଳି ଭାବେ ପରିଚିତ ଶେଫାଳି ବର୍ମା । ସେ ୧୫ ବର୍ଷରେ କ୍ରିକେଟ୍ ଦୁନିଆରେ ପାଦ ଥାପିଥିଲେ । ସେ ଭାରତର ଯୁବା ମହିଳା କ୍ରିକେଟର୍ ଭାବେ ଜଣାଯାନ୍ତି । ଭାରତୀୟ ମହିଳା କ୍ରିକେଟ୍ ଦଳର ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ଶେଫାଳି ବର୍ମା କ୍ରିକେଟ୍ ଜଗତରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । ଚମତ୍କାର ବ୍ୟାଟିଂ ଦ୍ୱାରା ସେ କେବଳ ଜାତୀୟ ସ୍ତରରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଗୌରବ ଅର୍ଜନ କରିଛନ୍ତି । ତେବେ ତାଙ୍କର ସମୁଦାୟ ସମ୍ପତ୍ତି ୧୫ -୨୦ କୋଟି ମଧ୍ୟରେ ଥିବା ନେଇ ଅନୁମାନ କରାଯାଇଛି । କ୍ରିକେଟ୍ ତାଙ୍କ ରୋଜଗାରର ପ୍ରମୁଖ ମାଧ୍ୟମ ହୋଇଥିବାବେଳେ ସେ ଅନେକ ବ୍ରାଣ୍ଡ ସୁଟ୍ କରି ସେଥିରୁ ଅର୍ଥ ଉପାର୍ଜନ କରିଥାନ୍ତି । ସେ ମହିଳା ପ୍ରିମିୟର୍ ଲିଗ୍‌ରେ ଦିଲ୍ଲୀ ପାଇଁ ଖେଳି ୨ କୋଟି ନିଅନ୍ତି ।

# ଦୀର୍ଘ ସମୟ ଆଇସ୍ୟାଡୋ ରଖିବାକୁ ଚାହୁଁଥିଲେ...



### ଆଖି ମେକ୍‌ଅପ୍ କରନ୍ତୁ

ମେକ୍‌ଅପ୍ କରିବା ପୂର୍ବରୁ ପ୍ରଥମେ ଆଖିପତାକୁ ଭଲରେ ସଫା କରନ୍ତୁ । ଏହାପରେ ଆଇସ୍ୟାଡୋ ଓ ପ୍ରାଇମର ଲଗାନ୍ତୁ । ଏହା ଆଖିପତାକୁ ଚିକ୍କଣ କରି ଆଇସ୍ୟାଡୋକୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ ।

### ପାଉଡର୍ ସେଟ୍ କରନ୍ତୁ

ପ୍ରାଇମର୍ ଲଗାଇବା ପରେ ଅଙ୍ଗୁଳି ସାହାଯ୍ୟରେ ଆଖିପତାରେ ହାଲୁକା ଟ୍ରାନ୍ସ ପ୍ୟାରେଣ୍ଟ ପାଉଡର୍ ଲଗାନ୍ତୁ । ଏହାଦ୍ୱାରା ଆଇସ୍ୟାଡୋ ଭଲରେ ସେଟ୍ ହୋଇଥାଏ ।

### ଆଇସ୍ୟାଡୋ ଚୟନ

କ୍ରିମ୍ ଆଇସ୍ୟାଡୋ ବଦଳରେ ପାଉଡର୍ ଆଇସ୍ୟାଡୋ ନେଇପାରିବେ । ପାଉଡର ଯୁକ୍ତ ଆଇସ୍ୟାଡୋ ଦୀର୍ଘ ସମୟ ରହିଥାଏ । ତେବେ ଏକାଥରକେ ଅଧିକ ଆଇସ୍ୟାଡୋ ଲଗାନ୍ତୁ ନାହିଁ । ଅଳ୍ପ ଅଳ୍ପ କରି ପରସ୍ତ କରି ଲଗାନ୍ତୁ । ଏହାପରେ ସ୍ୟାଡୋକୁ ହାତରେ ହାଲୁକା ବ୍ଲେଣ୍ଡ୍ କରନ୍ତୁ ।

### ସେଟିଙ୍ଗ୍ ସ୍ପ୍ରେ କରନ୍ତୁ

ମେକ୍‌ଅପ୍ ସମ୍ପୂର୍ଣ୍ଣ ହେବାପରେ ଆଖିପତାରେ ସେଟିଙ୍ଗ୍ ସ୍ପ୍ରେ କରନ୍ତୁ । ଏହା ଆଇସ୍ୟାଡୋକୁ ଠିକ୍ ଭାବେ ରଖିବାରେ ସହାୟକ ହୋଇଥାଏ । ସର୍ବଦା ଭଲ କ୍ୱାଲିଟିର ଆଇସ୍ୟାଡୋ ଲଗାନ୍ତୁ । ସେହିପରି ଭଲ କ୍ୱାଲିଟିର ବ୍ରଶ୍ ମଧ୍ୟ ଜରୁରୀ ।

# ଚମ୍ପାରନ୍ ମସରୁମ୍

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ମସରୁମ୍ – ୨୫୦ ଗ୍ରାମ୍, କଟା ପିଆଜ – ଦୁଇକପ୍, ଦହି- ଏକ କପ୍, ତେଜପତ୍ର – ଦୁଇ ଗୋଟି, ଗୋଲମରିଚ– ତିନି, ଚାରୋଟି, ରସୁଣ – ଏକ ବୁଦା, ଧନିଆପତ୍ର- ଅଳ୍ପ, ଲଙ୍କାଗୁଣ୍ଡ- ଏକ ଚାମଚ, ହଳଦିଗୁଣ୍ଡ– ଏକ ଚାମଚ, ଗରମ ମସଲା– ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ– ଆବଶ୍ୟକତା ଅନୁସାରେ ।


### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ମସରୁମ୍‌କୁ ଧୋଇ ଛୋଟ ଖଣ୍ଡରେ କାଟି ରଖନ୍ତୁ । ଗୋଟିଏ ପାତ୍ରରେ ଜାଇଚିନି, ଗୋଲମରିଚ, ତେଜପତ୍ର, ପିଆଜ , ଅଦା ରସୁଣ ପେଷ୍ଟ, ଭଜା ପିଆଜ, ଲଙ୍କାଗୁଣ୍ଡ, ହଳଦିଗୁଣ୍ଡ, ଗରମମସଲା ଦହି, ଲୁଣ ସମେତ ଧନିଆ ପତ୍ର ଦେଇ ଗୋଳାଇ ଦିଅନ୍ତୁ । ଏହାପରେ କାଟି ରଖିଥିବା ମସରୁମ୍‌କୁ ଦେଇ ଭଲଭାବେ ଗୋଳାନ୍ତୁ । ପରେ ଢାଙ୍କିରେ ତେଲ ନେଇ ଗରମ କରନ୍ତୁ । ଗୋଟିଏ ମାଟିହାଣ୍ଡି ନେଇ ସେଥିରେ ସୋରିଷ ତେଲ ଦେଇ ଗୋଳାଇ ରଖିଥିବା ମସରୁମ୍‌କୁ ସହ ଦୁଇ ତିନୋଟି ରସୁଣ ବୁଦା ଦେଇ ଘୋଡ଼ାଇ ଚୁଲିରେ ବସାନ୍ତୁ । କୋଡ଼ିଏରୁ ତିରିଶ ମିନିଟ୍ ଧୀମା ଆଞ୍ଚରେ ବସାନ୍ତୁ । ଛାଡୁ ସିଝିବା ପରେ ଗ୍ୟାସ୍ ଫ୍ଲେମ୍ ବନ୍ଦ କରି ଦିଅନ୍ତୁ । ଏହାପରେ ପ୍ଲେଟ୍‌ରେ କାଢ଼ି ପରଷନ୍ତୁ 'ଚମ୍ପାରନ୍ ମସରୁମ୍' ।



# ଦୁର୍ଗନ୍ଧ କେଶ ପାଇଁ ହେୟାର୍ ପରଫ୍ୟୁମ୍

ସାଧାରଣତଃ ସମସ୍ତେ କେଶକୁ ସତେଜ ରଖିବାକୁ ଚାହାଁନ୍ତି । ହେଲେ କେଶକୁ ସତେଜ ଓ ସୁନ୍ଦର ରଖିବା ଏତେ ସହଜ ହୋଇ ନ ଥାଏ । ଧୂଳି, ମାଟି ଓ ପ୍ରଦୂଷଣ ଯୋଗୁ କେଶରୁ ଦୁର୍ଗନ୍ଧ ବାହାରିଥାଏ । ତେଣୁ ସହଜ ଉପାୟରେ କେଶର ଦୁର୍ଗନ୍ଧ ଦୂର କରିବାକୁ ଚାହୁଁଥିଲେ ଘରେ ହେୟାର ପରଫ୍ୟୁମ୍ ପ୍ରସ୍ତୁତ କରି ଲଗାଇପାରିବେ । ନଚେତ୍ କେତେକ ହେୟାର୍ ପରଫ୍ୟୁମ୍ ହ୍ୟାକ୍ସ ମଧ୍ୟ ରହିଛି ଯାହାକୁ ଆପଣାଇ କେଶ ସମସ୍ୟା ଦୂର କରିପାରିବେ ।



### ପରଫ୍ୟୁମ୍ ଡ୍ରାୟର ସିଟ୍

ଏଥିପାଇଁ ପ୍ରଥମେ ଏକ ଟିସ୍ୟୁ ନିଅନ୍ତୁ । ଏଥିରେ ନିଜ ପସନ୍ଦ ଅନୁସାରେ ଦୁଇ ତିନି ବୁନ୍ଦା ପରଫ୍ୟୁମ୍ ପକାନ୍ତୁ । ଏହାକୁ କେଶମଝିରୁ ନେଇ ଅଗ ଯାଏ ହାଲୁକା ହାତରେ ରଗଡ଼ନ୍ତୁ । କେଶରେ ସିଧାସଳଖ ଆଲକହଲ ଯୁକ୍ତ ପରଫ୍ୟୁମ୍ ଲଗାଇବା ଅପେକ୍ଷା ଏହି ଉପାୟ ଭଲ ହୋଇଥାଏ । ଏହାଦ୍ୱାରା କେଶକୁ ସତେଜ କରିପାରିବେ ।

### ପରଫ୍ୟୁମ୍ ଯୁକ୍ତ ତକିଆ

ପ୍ରଥମେ ଗୋଟିଏ କଟନ ନେଇ ସେଥିରେ ନିଜ ପସନ୍ଦ ମୁତାବକ ଏସେନ୍‌ସିଆଲ୍ ଅଏଲ କିଛି ବୁନ୍ଦା ସିଞ୍ଚନ କରନ୍ତୁ । ଏହି ତୁଳାକୁ ତକିଆ ତଳେ ଦେଇ ଶୁଅନ୍ତୁ । ଶୋଇବା ସମୟରେ କେଶ ପ୍ରାକୃତିକ ସୁଗନ୍ଧ ଶୋଷିଥାଏ ।

### ନଡ଼ିଆ ତେଲ ଓ ପରଫ୍ୟୁମ୍

ଏଥିପାଇଁ ଏକ ଚାମଚ ନଡ଼ିଆ ତେଲ ନିଅନ୍ତୁ । ଏଥିରେ ଦୁଇବୁନ୍ଦା ଚନ୍ଦନ ତେଲ ଓ ଏକ ବୁନ୍ଦା ଗୋଲାପ ଜଳ ଦେଇ ମିଶାନ୍ତୁ । ଏହାକୁ ହାଲୁକା ହାତରେ କେଶ ଅଗରେ ଲଗାନ୍ତୁ ।

### ମଲ୍ଲିପାଖୁଡ଼ା

କେଶକୁ ପ୍ରାକୃତିକ ସୁଗନ୍ଧ ଦେବାକୁ ଚାହୁଁଥିଲେ ଏକମୁଠା ମଲ୍ଲିଫୁଲକୁ ଗରମପାଣିରେ ପକାଇ ଫୁଟାନ୍ତୁ । ଏହାପରେ ମୁଣ୍ଡରେ ଟାୱେଲ୍ ଘୋଡ଼ାଇ ୧୫ -୨୦ ମିନିଟ୍ ଷ୍ଟିମ୍ ନିଅନ୍ତୁ । ଏହାଦ୍ୱାରା କେଶ ମଲ୍ଲିଫୁଲର ବାସ୍ନାକୁ ଅବଶୋଷିତ କରିଥାଏ । ଏହାଦ୍ୱାରା କେଶ ନରମ ଓ ସୁନ୍ଦର ହୋଇଥାଏ ।

# ନଖ ସଫାର ସହଜ ଉପାୟ

ସାଧାରଣତଃ ହଳଦିଆ ନଖ ହାତ ସୌନ୍ଦର୍ଯ୍ୟକୁ କମ୍ କରିଥାଏ । କେବଳ ସେତିକି ନୁହେଁ, ଏହା ଆତ୍ମବିଶ୍ୱାସକୁ ମଧ୍ୟ ଦୁର୍ବଳ କରିଥାଏ । ଏଥିପାଇଁ ଅନେକେ ନଖକୁ ନେଲ୍‌ପେଣ୍ଟ ତଥା ନେଲ୍‌ପଲିସ୍ ଲଗାଇ ଲୁଚାଇଥାନ୍ତି । ତେଣୁ ଚାହିଁଲେ କିଛି ସରଳ ଘରୋଇ ଉପଚାର ଆପଣାଇ ନଖକୁ ସଫା କରିପାରିବେ ।

- ବେକିଙ୍ଗ୍ ସୋଡ଼ାରେ ଫାଳେ ଲେମ୍ବୁ ରସ ମିଶାନ୍ତୁ । ଏହାକୁ ନଖରେ ଲଗାଇ ୪ ରୁ ୫ ମିନିଟ୍ ରଖି ବ୍ରଶ୍‌ରେ ନଖ ସଫା କରନ୍ତୁ । ଏହାପରେ ମଏଶ୍ଚରାଇଜର୍ ଲଗାନ୍ତୁ । ଏପରି କଲେ ନଖ ସଫା ହୋଇ ଉଜ୍ଜ୍ୱଳ ଦିଶିଥାଏ ।
- ସେହିପରି ଅଳ୍ପ ଗରମପାଣି ନେଇ ସେଥିରେ ଏକ ଚାମଚ ସାମ୍ପୁ ଓ ଲେମ୍ବୁରସ ଦେଇ ନଖକୁ ପାଣିରେ ବୁଡ଼ାଇ ରଖନ୍ତୁ । ଏହାପରେ ବ୍ରଶ୍‌ରେ ଘଷି ଧୋଇ ଦିଅନ୍ତୁ ଏହା ଦ୍ୱାରା ହଳଦିଆ ନଖ ସଫା ହୋଇଥାଏ ।
- ସେହିପରି ଚାହିଁଲେ ନଖରେ ଟୁଥ୍‌ପେଷ୍ଟ ଲଗାଇ ସଫା କରିପାରିବେ ।




# ପାରମ୍ପରିକ ପୋଷାକ ସହ ଆଧୁନିକ ପାଉଞ୍ଜି

ପାଉଁଞ୍ଜି ଭାରତୀୟ ସଂସ୍କୃତି ଓ ଶୃଙ୍ଗାରର ଏକ ଅଭିନ୍ନ ଅଂଶ । ଏହା ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ମହିଳାର ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ । ବିବାହିତ ହୁଅନ୍ତୁ ଅବା ଅବିବାହିତା ପାଉଞ୍ଜି ସଭିଙ୍କର ପ୍ରିୟ ହୋଇଥାଏ । ଏବେର ପାଉଁଞ୍ଜିରେ ପାରମ୍ପରିକ ଓ ଆଧୁନିକତାର ନିଆରା ଛାପ ଦେଖିବାକୁ ମିଳିଛି ।

### ଅକ୍ସିଡାଇଜ୍ ପାଉଁଞ୍ଜି

ଏବେର ଯୁବତୀଙ୍କ ମଧ୍ୟରେ ବିଶେଷ କରି ଅକ୍ସିଡାଇଜ୍ ପାଉଁଞ୍ଜି ପିନ୍ଧିବାକୁ ପସନ୍ଦ କରୁଛନ୍ତି । ପୂର୍ବରୁ ଏହି ଡିଜାଇନ୍ ଭାରତୀୟ ଗାଁମାନଙ୍କରେ କଡ଼ା ଭାବେ ପ୍ରଚଳିତ ଥିଲା । କିନ୍ତୁ ଏବେ ଏହା ସହରରେ ମଧ୍ୟ ଲୋକପ୍ରିୟ ହୋଇଛି । ଏହା ଶାଢ଼ି ଓ ଲେହେଙ୍ଗାକୁ ଖୁବ୍ ସୁନ୍ଦର ମାନିଥାଏ ।



### ଫୁଲ

ଯେଉଁ ମହିଳାମାନେ ଫୁଲ ପ୍ରିଣ୍ଟ ପିନ୍ଧିବାକୁ ପସନ୍ଦ କରନ୍ତି, ସେମାନେ ଏହି ପାଉଁଞ୍ଜି ପିନ୍ଧିପାରିବେ । ଏହା ସୂକ୍ଷ୍ମ ଓ ଷ୍ଟାଇଲିଶ୍ ହୋଇଥାଏ । ଏଥିରେ ଛୋଟ ଛୋଟ ଫୁଲ ଆକୃତି ରହିଥାଏ । ଏହା ପାଉଁଞ୍ଜିକୁ ମିନିମାଲିଷ୍ଟ ଓ ଏକ କ୍ଲାସିକ୍ ଲୁକ୍ ଦେଇଥାଏ ।



### ପତ୍ର ଡିଜାଇନ୍

ବିଶେଷ କରି ମହିଳାଙ୍କୁ ଏହି ପତ୍ର ଡିଜାଇନର ପାଉଁଞ୍ଜି ଖୁବ୍ ପସନ୍ଦ ହୋଇଥାଏ । ଏହି ଡିଜାଇନ୍ କ୍ଲାସି ଓ ନାଚୁରାଲ ଲାଗିଥାଏ । ଏହା ହାଲୁକା ହେବା ସହ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

### ରିଙ୍ଗ୍

ପାରମ୍ପରିକ ପରିଧାନରେ ଆଧୁନିକ ସ୍ପର୍ଶ ଚାହୁଁଥିଲେ ରିଙ୍ଗ୍ ଆଙ୍କଲେଟ୍ ଏକ ଭଲ ବିକଳ୍ପ ହୋଇଥାଏ । ଏଥିରେ ଆପଣଙ୍କୁ ପାଉଁଞ୍ଜି ସହ ଅଙ୍ଗୁଳି ମୁଦି ପିନ୍ଧିବାକୁ ହୋଇଥାଏ । ଏହା ପାଦର ସୌନ୍ଦଯ୍ୟକୁ ଦ୍ୱିଗୁଣା କରିଥାଏ ।


ଆଜି ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆ

# ସିରିଜ୍ ବଞ୍ଚାଇବା ଲକ୍ଷ୍ୟରେ ଗିଲ୍ ବାହିନୀ

ଆଡିଲେଡ୍, ୨୨।୧୦ (ଏଜେନ୍ସି)

ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ଗୁରୁବାର ସ୍ଥାନୀୟ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଖେଳିବ। ପୂର୍ବରୁ ବର୍ଷାବାଧାପ୍ରାପ୍ତ ପ୍ରଥମ ମୁକାବିଲାକୁ ଅଷ୍ଟ୍ରେଲିଆ ଡିଏଲ୍ ପଦ୍ଧତିରେ ୭ ୱିକେଟ୍‌ରେ ବିଜୟୀ ହୋଇ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ତେଣୁ ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦ୍ୱିତୀୟ ମ୍ୟାଚକୁ ଜିତି ସିରିଜକୁ ଆଗୁଆ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଯୁବ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଏହି ସିରିଜ ଖେଳୁଥିବା ଭାରତ ପାଇଁ ଏହି ମ୍ୟାଚ୍ ସମ୍ମାନ ସଦୃଶ ହୋଇଛି। ପ୍ରଥମ ମ୍ୟାଚ୍ ହାରିଯାଇଥିବାରୁ ସିରିଜ ବଞ୍ଚାଇବା ଲାଗି ଏହି ମ୍ୟାଚ୍ ଜିତିବା ନିହାତି ଜରୁରୀ ହୋଇଛି।





## ରୋହିତ୍‌ଙ୍କୁ ନେଇ ସନ୍ଦେହ

ଦୀର୍ଘ ୭ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟ ଦଳର ଦୁଇ ଅଭିଜ୍ଞ ବ୍ୟାଟର୍ ରୋହିତ୍ ଶର୍ମା ଓ ବିରାଟ କୋହଲି ପ୍ରଥମ ଦିନିକିଆରେ ନିରାଶ କରିଥିଲେ। ଇନିଂସ ଓପନ୍ କରିଥିବା ରୋହିତ୍ ୧୪ଟି ବଲ୍ ସାମ୍ନା କରି ଗୋଟିଏ ଚୌକା ସହ ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ନମ୍ବର-୩ରେ ବ୍ୟାଟିଂ କରିବାକୁ ଆସିଥିବା କୋହଲି ୮ଟି ବଲ୍ ଖେଳିଥିଲେ ମଧ୍ୟ ଖାତା ଖୋଲି ନ ପାରି ମିଚେଲ ଷ୍ଟାର୍କଙ୍କ ବଲରେ ଷ୍ଟମ୍ପ ହରାଇଥିଲେ। ତେଣୁ ଦ୍ୱିତୀୟ ମ୍ୟାଚ୍‌ରେ ଏବେ ଉଭୟଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଆଡିଲେଡ୍ ପିଚ୍ ବ୍ୟାଟିଂ ଫ୍ରେଣ୍ଡଲୀ ହୋଇଥିବାରୁ ଟିମ୍ ମ୍ୟାନେଜମେଣ୍ଟ ଉଭୟ ରୋହିତ୍ ଓ କୋହଲିଙ୍କ ବ୍ୟାଟରୁ ବଡ଼ ଇନିଂସ ଆଶା ରଖିଛି।

ଅପରପକ୍ଷରେ ରୋହିତ୍‌ଙ୍କୁ ଏହି ମ୍ୟାଚରେ ବିଶ୍ରାମ ଦେବାକୁ ନେଇ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ନିଷ୍ପତ୍ତି ନେଇଥିବା ନେଇ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ବୁଧବାର ଅଭ୍ୟାସ ସେସନ ପରେ ଗମ୍ଭୀର ଓ ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକର ଅନ୍ୟତମ ଯୁବ ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ସହ ଦୀର୍ଘ ସମୟ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ଯେଉଁଥି ପାଇଁ ରେହିତ୍‌ଙ୍କୁ ଡ୍ରପ୍ କରାଯିବା ନେଇ ଚର୍ଚ୍ଚା ହେଉଛି। ତେବେ ରୋହିତ ମଧ୍ୟ ବୁଧବାର ନେଟ୍ସରେ ବହୁତ ସମୟ ଅଭ୍ୟାସ କରିଥିଲେ।

## କୋହଲିଙ୍କୁ ସୁହାଉଛି ଆଡିଲେଡ୍

ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କୁ ଆଡିଲେଡ୍ ପିଚ୍ ବେଶ୍ ସୁହାଉଛି। ଏହି ଭେନ୍ୟୁରେ ସେ ତିନୋଟି ଯାକ ଫର୍ମାଟ୍‌ରେ ୧୨ଟି ମ୍ୟାଚ୍ ଖେଳି ମୋଟ୍ ୯୭୫ ରନ ସଂଗ୍ରହ କରିଛନ୍ତି। ତାଙ୍କ ବ୍ୟାଟିଂ ଆଭରେଜ ୬୫ରୁ ଊର୍ଦ୍ଧ୍ୱ ରହିଛି। କୋହଲି ଏଠାରେ ଦିନିକିଆରେ ୨ଟି ଶତକ ସହ ୨୪୪ ରନ କରିଛନ୍ତି। ତେଣୁ ଆସନ୍ତାକାଲି ମଧ୍ୟ ତାଙ୍କଠାରୁ ଏକ ବଡ଼ ଇନିଂସ ପ୍ରଶଂସକ ଆଶା ରଖିଛନ୍ତି।

### ସମ୍ଭାବ୍ୟ ଏକାଦଶ

**ଭାରତ**: ଶୁବମନ ଗିଲ୍ (ଅଧିନାୟକ), ରୋହିତ୍ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ (ୱିକେଟ୍‌କିପର), ଅକ୍ଷର ପଟେଲ, ନୀତୀଶ ରେଡ୍ଡୀ, ୱାଶିଂଟନ ସୁନ୍ଦର/ କୁଲଦୀପ୍ ଯାଦବ, ଅର୍ଶଦୀପ୍ ସିଂହ, ହର୍ଷିତ ରାଣା/ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ

**ଅଷ୍ଟ୍ରେଲିଆ**: ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ମାଥ୍ୟୁ ଶର୍ଟ, ମାଟ୍ଟ ରେନଶ, କୁପର କୋନୋଲୀ, ଆଲେକ୍ସ କାରୀ (ୱିକେଟ୍‌କିପର), ମିଚେଲ ଓୱିନ, ମିଚେଲ ଷ୍ଟାର୍କ, ନାଥନ ଏଲିସ, ଆଦାମ ଜାମ୍ପା ଓ ଜୋଶ୍ ହାଜଲେଉଡ୍।

**ଖେଳ ଆରମ୍ଭ: ସକାଳ ୯ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

ଆଇସିସି ମହିଳା ବିଶ୍ୱକପ୍

# ଆଜି ଭାରତ-ନ୍ୟୁଜିଲାଣ୍ଡ 'କ୍ୱାର୍ଟର' ଲଢ଼େଇ



ନଭି ମୁମ୍ବଇ, ୨୨।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗୁରୁବାର ଘରୋଇ ଭାରତ ଓ ନ୍ୟୁଜିଲାଣ୍ଡ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ପାଇଁ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ଏହି ମ୍ୟାଚରେ ଯେଉଁ ଦଳ ବିଜୟୀ ହେବ ସେମିଫାଇନାଲ ଦିଗରେ ଆଉ ପାଦେ ଆଗେଇବ। ପୂର୍ବରୁ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମହିଳା ଦଳ ପଏଣ୍ଟ ଟେବଲର ପ୍ରଥମ ୩ଟି ସ୍ଥାନରେ ରହି ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛନ୍ତି। ଏବେ ସେମିଫାଇନାଲର ଅନ୍ତିମ ତଥା ୪ର୍ଥ ଦଳ ଲାଗି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରତିଯୋଗିତା ହେବ।


ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ସୁଦ୍ଧା ବିଶ୍ୱକପ୍‌ରେ ୫ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ୩ଟି ପରାଜୟ ସହ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ସେହିଭଳି ନ୍ୟୁଜିଲାଣ୍ଡ ମଧ୍ୟ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୧ ବିଜୟ ଏବଂ ୨ଟି ଲେଖାଏ ପରାଜୟ ଓ ବାତିଲ ସହ ୪ ପଏଣ୍ଟ ପାଇଛି। କିନ୍ତୁ ଉନ୍ନତ ରନରେଟ୍ ଯୋଗୁଁ ନ୍ୟୁଜିଲାଣ୍ଡ (-୦.୨୪୫)କୁ ପଛରେ ପକାଇ ଭାରତ (+୦.୫୨୬) ପଏଣ୍ଟ ଟେବଲରେ ଉପରେ ରହିଛି। ଏହି ମ୍ୟାଚର ଫଳାଫଳ ଉପରେ ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ସେମିଫାଇନାଲ ଖେଳିବା ଏକପ୍ରକାର ନିର୍ଭର କରୁଛି। ତେଣୁ ଆସନ୍ତାକାଲିର ମ୍ୟାଚ୍ ଦୁଇ ଦଳ ପାଇଁ କ୍ୱାର୍ଟର ଫାଇନାଲର ଭ୍ରମ ସୃଷ୍ଟି କରିଛି। ଭାରତୀୟ ମହିଳା ଦଳ ଯଦି ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ନିକଟରୁ ହାରିଯାଏ ତେବେ ଶେଷ ରାଉଣ୍ଡ ଲଢ଼େଇର ଫଳାଫଳ ଉପରେ ସବୁକିଛି ନିର୍ଭର କରିବ। ଶେଷ ରାଉଣ୍ଡ ଲିଗ୍ ମ୍ୟାଚରେ ଭାରତ ଅକ୍ଟୋବର ୨୬ରେ ବାଂଲାଦେଶକୁ ଭେଟିବ। ସେହିଭଳି ନ୍ୟୁଜିଲାଣ୍ଡ ଅକ୍ଟୋବର ୨୭ରେ ଇଂଲଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ନ୍ୟୁଜିଲାଣ୍ଡ ନିକଟରୁ ପରାସ୍ତ ହେଲେ ଭାରତକୁ ଶେଷ ଲିଗ୍‌ରେ ବାଂଲାଦେଶକୁ ହରାଇବାକୁ ପଡ଼ିବ। ଏଥିସହ ଇଂଲଣ୍ଡ ନିକଟରୁ ନ୍ୟୁଜିଲାଣ୍ଡ ହାରିଲେ ଯାଇ ଭାରତ ସେମିଫାଇନାଲରେ ପ୍ରବେଶ କରିବ।

## ନ୍ୟୁଜିଲାଣ୍ଡ ସପକ୍ଷରେ ରେକର୍ଡ

ରେକର୍ଡ ଉପରେ ନଜର ପକାଇଲେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ପଲା ବେଶ୍ ଭାରି ରହିଛି। ମହିଳା ଦିନିକିଆ କ୍ରିକେଟ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ୫୭ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ନ୍ୟୁଜିଲାଣ୍ଡ ୩୪ଟି ଓ ଭାରତ ୨୨ଟି ମ୍ୟାଚରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ୍ ଟାଇ ରହିଛି। ଚଳିତ ବିଶ୍ୱକପ୍ ପ୍ରାରମ୍ଭରୁ ବେଙ୍ଗାଲୁରୁରେ ଦୁଇ ଦଳ ମଧ୍ୟରେ ଏକ ୱାର୍ମଅପ୍ ମୁକାବିଲା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ୪ ୱିକେଟ୍‌ରେ ବିଜୟୀ ହୋଇଥିଲା।

# ନୀରଜ ଚୋପ୍ରାଙ୍କୁ ମିଳିଲା ଲେଫ୍ଟନାଣ୍ଟ କଲୋନେଲ ପଦ

ନୂଆଦିଲ୍ଲୀ, ୨୨।୧୦ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ତାରକା ଭାରତୀୟ ଆଥ୍‌ଲେଟ୍ ନୀରଜ ଚୋପ୍ରାଙ୍କୁ ଭାରତୀୟ ସେନାର 'ଲେଫ୍ଟନାଣ୍ଟ କଲୋନେଲ' ପଦରେ ସମ୍ମାନିତ କରାଯାଇଛି। କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ଓ ଯୁବପିଢ଼ିଙ୍କୁ ପ୍ରେରଣା ଦେବା ପାଇଁ ନୀରଜକୁ ଏହି ସମ୍ମାନ ଦିଆଯାଇଛି। ବୁଧବାର ଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଉପସ୍ଥିତି ନୀରଜଙ୍କୁ ଏହି ପଦବୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ନୀରଜଙ୍କ ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ। ୨୭ ବର୍ଷୀୟ ନୀରଜ ୨୦୧୬ରେ ନାଏବ ସୁବେଦାର ଭାବେ ଭାରତୀୟ ସେନାର ୪ର୍ଥ ରାଜପୁତାନ ରାଇଫଲ୍ସରେ ଯୋଗଦେଇଥିଲେ। ଜୁନିୟର ବିଶ୍ୱ ଚାମ୍ପିଅନସିପ୍ ଓ ଦକ୍ଷିଣ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ପାଇବା ପରେ ନୀରଜଙ୍କୁ ସେନାରେ ଯୋଗଦେବା ଲାଗି ଅଫର୍ ମିଳିଥିଲା। ଚଳିତ ବର୍ଷ ଏପ୍ରିଲ ୧୬ ତାରିଖରେ ନୀରଜଙ୍କୁ ଆନୁଷ୍ଠାନିକ ଭାବେ ଲେଫ୍ଟନାଣ୍ଟ କଲୋନେଲ ପଦ ମିଳିଥିଲା। କିନ୍ତୁ ବୁଧବାର ଏକ ସେନାର ଏକ ସ୍ୱତନ୍ତ୍ର ଉତ୍ସବରେ ସେ ଏହି ପଦ ଗ୍ରହଣ କରିଥିଲେ।



■ ୨୦୨୬ ଶୀତକାଳୀନ ଅଲିମ୍ପିକ୍ସ

# ଅଭିନବ ବିନ୍ଦ୍ରା ଭାରତର ପତାକା ବାହକ

ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି): ୨୦୨୬ ଶୀତକାଳୀନ ଅଲିମ୍ପିକ୍ସ ପାଇଁ ପୂର୍ବତନ ସୁଟର ତଥା ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ଅଭିନବ ବିନ୍ଦ୍ରାଙ୍କୁ ଭାରତ ପତାକା ବାହକ ଭାବେ ଚୟନ କରାଯାଇଛି। ଆସନ୍ତାବର୍ଷ ଫେବୃଆରୀ ୬ରୁ ୨୬ ତାରିଖ ମଧ୍ୟରେ ୟୁରୋପୀୟ ଦେଶ ଇଟାଲୀର ଉତ୍ତରପୂର୍ବାଞ୍ଚଳରେ ଥିବା ମିଲାନ ଓ କର୍ଟିନା ଡି'ଆମ୍ପେଜୋରେ ଶୀତକାଳୀନ ଅଲିମ୍ପିକ୍ସର ଏହି ୨୫ତମ ସଂସ୍କରଣ ଆୟୋଜନ ହେବ। ଅଭିନବ ୨୦୦୮ ବେଜିଂ ଅଲିମ୍ପିକ୍ସରେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ମିଲାନୋ କୋର୍ଟିନାରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ ଟର୍ଚ୍ଚ ରାଲିରେ ପତାକା ବାହକ ଭାବେ ଚୟନ ହୋଇଥିବାରୁ ବିନ୍ଦ୍ରା 'ଏକ୍ସ'ରେ ପୋଷ୍ଟ କରି ନିଜର ଖୁସି ଜାହିର କରିଛନ୍ତି। ଇଟାଲୀ ଚତୁର୍ଥ ଥର ପାଇଁ ଶୀତକାଳୀନ ଅଲିମ୍ପିକ୍ସ ଆୟୋଜନ ହେବାକୁ ଯାଉଛି। ଏଥର ୧୬ କ୍ରୀଡ଼ାରେ ମୋଟ୍ ୧୧୬ଟି ଇଭେଣ୍ଟ ଆୟୋଜନ ହେବ ବୋଲି କୁହାଯାଇଛି।



# ଆବୁଧାବି ଟି-୧୦ ଖେଳିବେ ହରଭଜନ, ଚାୱଲା

ନୂଆଦିଲ୍ଲୀ, ୨୨।୧୦ (ଏଜେନ୍ସି): ଆବୁଧାବି ଟି-୧୦ କ୍ରିକେଟ୍ ଲିଗ୍‌ର ୯ମ ସଂସ୍କରଣ ନଭେମ୍ବର ୧୮ରୁ ଆରମ୍ଭ ହେବ। ଆବୁଧାବିର ଜାୟେଦ କ୍ରିକେଟ୍ ଷ୍ଟାଡିୟମରେ ୮ଟି ଫ୍ରାଞ୍ଚାଇଜକୁ ନେଇ ପାଖାପାଖି ୨ ସପ୍ତାହ ଧରି ଏହି ଲିଗ୍ ଖେଳାଯିବ। ଏହି ଲିଗ୍‌ରେ ବହୁ ଅନ୍ତର୍ଜାତୀୟ ଖେଳାଳି ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ଭାରତର ହରଭଜନ ସିଂହ, ପିୟୂଷ ଚାୱଲା, ୱେଷ୍ଟଇଣ୍ଡିଜର କାଇରନ ପୋଲାର୍ଡ, ଆନ୍ଦ୍ରେ ରସେଲ, ସିମରନ ହେଟ୍‌ମାୟର, ଫାଫ୍ ଡୁ ପ୍ଲେସିସ, ମୋଇନ ଅଲି ପ୍ରମୁଖ ବିଭିନ୍ନ ଫ୍ରାଞ୍ଚାଇଜ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଚାୱଲା ଆଜମନ ଟାଇଟାନ୍ସ ପକ୍ଷରୁ ଏହି ଲିଗ୍‌ରେ ଖେଳିବେ। ସେହିଭଳି ଆସ୍ପାଇନ ଷ୍ଟାଲିୟନ୍ସ ଦଳରୁ ହରଭଜନ ଖେଳୁଥିବାର ଦେଖିବାକୁ ମିଳିବ। ଅପରପକ୍ଷରେ ଦିଲ୍ଲୀ ବୁଲ୍ସ ଦଳର ନେତୃତ୍ୱ ଭାର ପୋଲାର୍ଡଙ୍କୁ ଦିଆଯାଇଛି। ଏହି ଦଳରେ ସୁନିଲ ନାରିନ, ଟିମ୍ ଡେଭିଡ୍ ପ୍ରମୁଖ ରହିଛନ୍ତି।

■ ଆନ୍ତଃସ୍କୁଲ ଫୁଟ୍‌ବଲ

# କିସ୍-ଓଡିଏମ୍ ମଧ୍ୟରେ ଟାଇଟଲ୍ ଲଢ଼େଇ ଆଜି

ଭୁବନେଶ୍ୱର, ୨୨।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ଫୁଟ୍‌ବଲ ଏକାଡେମୀ ଖେଳ ପଡ଼ିଆରେ ଚାଲିଥିବା ଆନ୍ତଃସ୍କୁଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୟୁନିଲାଇଟ୍ କପ୍‌ର ଫାଇନାଲ ମ୍ୟାଚ୍ ଗୁରୁବାର ଖେଳାଯିବ। କିସ୍ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଏହ ଫାଇନାଲ ମ୍ୟାଚ୍ ଫ୍ଲଡଲାଇଟ୍‌ରେ ଖେଳାଯିବ। ପୂର୍ବରୁ ପ୍ରଥମ ସେମିଫାଇନାଲରେ କିସ୍ ୨-୦ ଗୋଲ୍‌ରେ ଓଡିଏମ୍ ପବ୍ଲିକ ସ୍କୁଲକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ସେହିଭଳି ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ୧୨-୧ ଗୋଲ୍‌ର ବୃହତ୍ ବ୍ୟବଧାନରେ ୟୁନିଟ୍-୧ ହାଇସ୍କୁଲକୁ ହରାଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ସେମିଫାଇନାଲର ଦୁଇ ପରାଜିତ ଦଳ ମଧ୍ୟରେ ମଧ୍ୟ ୩ୟ/୪ର୍ଥ ସ୍ଥାନ ଲାଗି ମ୍ୟାଚ୍ ଖେଳାଯିବ। ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହାବାଦ୍ ତୃତୀୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳ ଯଥାକ୍ରମେ ୭ ହଜାର ଓ ୫ ହଜାର ଟଙ୍କା ପାଇବେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରାଯାଇ ପରେ ସେମାନଙ୍କୁ ଟାଟା ଫୁଟ୍‌ବଲ୍ ଏକାଡେମୀରେ ଏକ ମାସ ଧରି ପ୍ରଶିକ୍ଷଣ ଦିଆଯିବ ବୋଲି ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ସୂଚନା ଦେଇଛନ୍ତି।

# ସଦରଲାଣ୍ଡଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ



ଇନ୍ଦୋର, ୨୨।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ବୁଧବାର ଏଠାରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଗତ ସଂସ୍କରଣର ରନର୍ସଅପ୍ ଇଂଲଣ୍ଡ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୯ ୱିକେଟ୍‌ରେ ୨୪୪ ରନର ସମ୍ମାନଜନକ ସ୍କୋର କରିଥିଲା। ଜବାବରେ ୨୪୫ ରନର ଲକ୍ଷ୍ୟକୁ ପିଛା କରିଥିବା ଅଷ୍ଟ୍ରେଲିଆ ମହିଳା ଦଳ ଶେଷ ଖବର ସୁଦ୍ଧା ୩୦ ଓଭରରେ ୪ ୱିକେଟ ହରାଇ ୧୫୫ ରନ ସଂଗ୍ରହ କରିଛି। ଏହି ସମୟରେ ଆନ୍ନାବେଲ୍ ସଦରଲାଣ୍ଡ ୬୫ ଓ ଆସଲେ ଗାର୍ଡନର ୪୩ ରନ କରି ଖେଳୁଛନ୍ତି। ଦୁଇ ଓପନର୍ ଫୋଏବ ଲିଚଫିଲ୍ଡ (୧) ଓ ଜର୍ଜିଆ ଭଲ୍ (୬) ନିରାଶ କରିଥିଲେ। ସେହିଭଳି ଇନଫର୍ମ ଏଲିସେ ପେରୀ ୧୩ ଓ ବେଥ୍ ମୁନୀ ୨୦ ରନ କରି ସଅଳ ପ୍ୟାଭିଲିୟନ ଫେରିଥିଲେ। ଇଂଲଣ୍ଡର ଲିନ୍ସ ସ୍ମିଥଙ୍କୁ ୨ଟି ୱିକେଟ୍ ମିଳିଛି। ପୂର୍ବରୁ ଉଭୟ ଦଳ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଥିବାରୁ ଏହି ମ୍ୟାଚର ଫଳାଫଳ ସେତେଟା ଗୁରୁତ୍ୱ ରଖୁନାହିଁ।

ସ୍ଥାନୀୟ ହୋଲକର୍ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ଅଷ୍ଟ୍ରେଲିଆ କାମଚଳା ଅଧିନାୟିକା ତହଲିଆ ମ୍ୟାକଗ୍ରା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଓପନର୍ ଟାମି ବିଉମଣ୍ଟଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ୱିକେଟ୍ ହରାଇ ୨୪୪ ରନ କରିଥିଲା। ବିଉମଣ୍ଟ ଏହି ଧୀମା ପାଳିରେ ୧୦୫ଟି ବଲ୍ ସାମ୍ନା କରି ୧୦ ଚୌକା ଓ ଗୋଟିଏ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲିସେ କାପସୀ ୩୮, ଚାର୍ଲି ଡିନ ୨୬, ସୋଫି ଡଙ୍କଲୀ ୨୨, ହେଥର ନାଇଟ୍ ୨୦ ରନ କରିଥିଲେ। ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ଓ ଇମା ଲାମ୍ବ ୭ ରନ ଲେଖାଏ କରି ବିଫଳ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପକ୍ଷରୁ ସଦରଲାଣ୍ଡଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା। ଉଭୟ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଚଳିତ ବିଶ୍ୱକପ୍‌ରେ ୫ଟି ଲେଖାଏ ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ବାତିଲ ସହ ୯ ପଏଣ୍ଟ ପାଇ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି।

# ଟେଷ୍ଟରେ ଜିମ୍ବାୱେର ୩ୟ ଇନିଂସ ବିଜୟ

ହରାରେ, ୨୨।୧୦ (ଏଜେନ୍ସି): ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଭ୍ରମଣକାରୀ ଆଫଗାନିସ୍ତାନ ବିପକ୍ଷରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଜିମ୍ବାୱେ ବାଜିମାତ୍ କରିନେଇଛି। ଏହି ମ୍ୟାଚରେ ଘରୋଇ ଜିମ୍ବାୱେ ଏକ ଇନିଂସ ଓ ୭୩ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଏହି ମ୍ୟାଚରେ ୧୨୧ ରନର ଶତକୀୟ ପାଳି ଖେଳିଥିବା ବେନ୍ କୁରାନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୨୯ରୁ ଆରମ୍ଭ ହେବ।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପ୍ରଥମ ପାଳିରେ ୧୨୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଜିମ୍ବାୱେ କୁରାନଙ୍କ ଶତକ ଓ ସିକନ୍ଦର ରାଜା (୬୫)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମ ପାଳିରେ ୩୫୯ ରନ କରିଥିଲା। ୨୩୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଆଫଗାନିସ୍ତାନ ବୁଧବାର ମ୍ୟାଚର ତୃତୀୟ ଦିବସରେ ମାତ୍ର ୧୫୯ ରନରେ ସୀମିତ ରହିଥିଲା। ଓପନର୍ ଇବ୍ରାହିମ ଜର୍ଦାନ ସର୍ବାଧିକ ୪୨ ରନ କରିଥିଲେ। ଜିମ୍ବାୱେ ପକ୍ଷରୁ ରିଚାର୍ଡ ନାଗରଭାଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଜିମ୍ବାୱେ ଏଥିସହ ଟେଷ୍ଟ କ୍ରିକେଟ୍ ଇତିହାସରେ ଏହାର ୧୩୦ତମ ମ୍ୟାଚରୁ ତୃତୀୟ ଇନିଂସ ବିଜୟ ହାସଲ କରିଛି। ଏଥିପୂର୍ବରୁ ଜିମ୍ବାୱେ ୧୯୯୫ରେ ପାକିସ୍ତାନ ଓ ୨୦୦୧ରେ ବାଂଲାଦେଶ ବିପକ୍ଷରେ ଇନିଂସ ବିଜୟୀ ହୋଇଥିଲା। ଏହି ଦୁଇଟି ମ୍ୟାଚ୍ ବୁଲାୱାୟୋରେ ଖେଳାଯାଇଥିଲା।



ରିଚାର୍ଡ ନାଗରଭା

# ପୂର୍ବାଞ୍ଚଳ ଦଳରେ ସୁଶ୍ରୀ ଓ ତନ୍ମୟୀ

କଟକ,୨୨।୧୦(ସମିସ)

ନଭେମ୍ବର ୪ରୁ ଆରମ୍ଭ ହେବାକୁ ଥିବା ଜାତୀୟ ସିନିଅର ମହିଳା ଆନ୍ତଃଜୋନାଲ ଟି-୨୦ ଟ୍ରଫି ନିମନ୍ତେ ପୂର୍ବାଞ୍ଚଳ ଦଳ ଘୋଷଣା କରାଯାଇଛି। ପଶ୍ଚିମବଙ୍ଗର ମିତାଲି ପଲ୍‌ଙ୍କ ନେତୃତ୍ୱରେ ଘୋଷିତ ପୂର୍ବାଞ୍ଚଳ ଦଳରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ସୁଶ୍ରୀ ଦିବ୍ୟଦର୍ଶିନୀ ଏବଂ ତନ୍ମୟୀ ବେହେରା। ଓଡ଼ିଶାର ଜ୍ୟୋତି କୁମାରୀ ପ୍ରସାଦଙ୍କୁ ୫ଜଣିଆ ଷ୍ଟାଣ୍ଡବାଏ ତାଲିକାରେ ରଖାଯାଇଛି। ବରିଷ୍ଠ ମହିଳା ଟି-୨୦ ଟ୍ରଫିର ଲିଗ୍ ପର୍ଯ୍ୟାୟରୁ ଓଡ଼ିଶା ଲଜ୍ଜାଜନକ ଭାବେ ୬ଟି ମ୍ୟାଚ୍ ହାରି ବିଦା ହୋଇଥିବା ସତ୍ତ୍ୱେ ସୁଶ୍ରୀ ଓ ତନ୍ମୟୀ ଦଳ ପାଇଁ ଉପଯୋଗୀ ପ୍ରଦର୍ଶନ କରିଥିଲେ। ୭ଟି ମ୍ୟାଚ୍‌ରୁ ତନ୍ମୟୀ ୧୪୧ରନ କରିଥିବା ବେଳେ ସୁଶ୍ରୀ ୧୨୭ରନ ସଂଗ୍ରହ କରିଥିଲେ। ଏହାଛଡ଼ା ଉଭୟ ବୋଲିଂରେ ଦକ୍ଷତା ରଖିଛନ୍ତି। ଟୁର୍ଣ୍ଣାମେଣ୍ଟ ଜାରି ରହିଥିବାବେଳେ ଅଫସ୍ପିନର ସୁଶ୍ରୀ ୧୧ଟି ୱିକେଟ ଅକ୍ତିଆର କରି ବର୍ତ୍ତମାନ ଶ୍ରେଷ୍ଠ ୬ଷ୍ଠ ସ୍ଥାନରେ ରହିଛନ୍ତି। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବା ଏହି ଦୁଇ ଖେଳାଳିଙ୍କୁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।







ଜାତୀୟ କୁଡୋ ଟୁର୍ଣ୍ଣାମେଣ୍ଟ

# ୪୫ ଜଣିଆ ଓଡ଼ିଶା ଦଳର ଗୁଜରାଟ ଯାତ୍ରା

କଟକ,୨୨।୧୦(ସମିସ): ଭାରତୀୟ କୁଡୋ ମହାସଂଘ ଆନୁକୂଲ୍ୟରେ ଗୁଜରାଟର ସୁରଟଠାରେ ଅକ୍ଟୋବର ୨୪ରୁ ୩୧ ତାରିଖ ପର୍ଯ୍ୟନ୍ତ ୧୬ ତମ ଜାତୀୟ କୁଡୋ ଟୁର୍ଣ୍ଣାମେଣ୍ଟ, ୧୭ତମ ଅକ୍ଷୟ କୁମାର ଅନ୍ତର୍ଜାତୀୟ କୁଡୋ ଟୁର୍ଣ୍ଣାମେଣ୍ଟ ଓ ୬ଷ୍ଠ କୁଡୋ ଫେଡେରେସନ୍ କପ୍ ଆୟୋଜିତ ହେବ। ଏଥି ନିମନ୍ତେ ଓଡ଼ିଶାର ୪୫ ଜଣ ବାଳକ ଓ ବାଳିକାଙ୍କ ସମେତ ୫ ଜଣ ଅଫିସିଆଲ ଗୁରୁବାର ଗୁଜରାଟ ଯାତ୍ରା କରିବେ। ଅଫିସିଆଲଙ୍କ ମଧ୍ୟରେ କୁଡୋ ଓଡ଼ିଶା ସଂଘର ସଂପାଦକ ଓ ମୁଖ୍ୟ ପ୍ରଶିକ୍ଷକ ସିହାନ୍ ନିତାଇ ଶଙ୍କର ଗୁଇଁ, ଅନୀଲ କୁମାର ବାର୍ଲା ଏବଂ ମୃତ୍ୟୁଞ୍ଜୟ ଯାଦବ, ମୁକେଶ କୁମାର ନାୟକ କୋଚ୍ ଓ ମ୍ୟାନେଜର ନର୍ମଦା ଗୁଇଁ ସାମିଲ ରହିଛନ୍ତି। କୁଡୋ ଆସୋସିଏସନ୍ ଅଫ ଓଡ଼ିଶାର ସଭାପତି ଶିବାଶିଷ କର ଓ ମୁଖ୍ୟ ଉପଦେଷ୍ଟା ଡକ୍ଟର ବିଜୟାନନ୍ଦ ସିଂ ଓ ସମସ୍ତ କର୍ମକର୍ତ୍ତା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS